୬ ଆଇପିଏଲ୍‌ରୁ ସନ୍ନ୍ୟାସ ନେବେ ବିରାଟ କୋହଲି !





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

• ବର୍ଷ-୩୨ • ସଂଖ୍ୟା-୨୦୬ • ୨୪ ଅଗଷ୍ଟ ୨୦୨୫, ରବିବାର • ଭୁବନେଶ୍ୱର • Vol -32 • Issue-206 • 24th August 2025, Sunday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


### ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ଦୀକ୍ଷାନ୍ତ ସମାରୋହ

# ଡିସେମ୍ବର ସୁଦ୍ଧା ପୂରଣ ହେବ ଖାଲିଥିବା ୩୦୦ ପଦବୀ

ଭୁବନେଶ୍ୱର, ୨୩।୮

ନ୍ୟୁଜ୍ ବ୍ୟୁରୋ

ବିପଦରେ ପଡ଼ିଥିବା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ସହାୟତା ଦେବା ନିମନ୍ତେ ପ୍ରଥମେ ପହଞ୍ଚିଥାନ୍ତି ଆମ ଅଗ୍ନିଯୋଦ୍ଧାମାନେ । ସେମାନେ ହେଉଛନ୍ତି ପ୍ରଥମ ରେସ୍‌ପଣ୍ଡର। ବିପନ୍ନ ଲୋକଙ୍କ ପାଖରେ ସେମାନେ ସରକାରଙ୍କ ଚେହେରା ବୋଲି ଶନିବାର ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬୧ ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।





ସୂଚନାଯୋଗ୍ୟ ଯେ, ସମୁଦାୟ ୯୧୧ ଜଣ ଅଗ୍ନିଯୋଦ୍ଧା ପାସିଂଆଉଟ ପରେଡରେ ଯୋଗ ଦେଇ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଗତ ଏକ ବର୍ଷ ମଧ୍ୟରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି । ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପ୍ରଶିକ୍ଷାର୍ଥୀମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଗ୍ନିଯୋଦ୍ଧାମାନେ କାର୍ଯ୍ୟକ୍ଷେତ୍ରରେ ବହୁ କଠିନ ପରିଶ୍ରମ କରିଥାନ୍ତି । ସେଥିପାଇଁ ସବୁବେଳେ ଓ ସବୁ ସମୟରେ ଶାରୀରିକ ଫିଟ୍ ରହିବା ଆବଶ୍ୟକ। ଏ ଦିଗରେ ଆଜି ନୂଆକରି ଦାୟିତ୍ୱ ନେଉଥିବା ଓ ବିଭାଗରେ ପୂର୍ବରୁ କାର୍ଯ୍ୟ କରୁଥିବା ସମସ୍ତ ଅଗ୍ନିଯୋଦ୍ଧାମାନେ ସଚେତନ ରହିବା ଆବଶ୍ୟକ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଅଗ୍ନିଶମ ବିଭାଗ ସାରା ଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଅଗ୍ନିଯୋଦ୍ଧାମାନେ ଦେଶରେ ସର୍ବୋତ୍ତମ ବୋଲି ସେ କହିଥିଲେ । ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ୩୪୬ ଟି ଦମକଳ କେନ୍ଦ୍ର ପାଖାପାଖି ୫୦ ହଜାର କଲ୍ ଆଟେଣ୍ଡ କରିଛନ୍ତି । ୭୫୯୯ ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି, ୧୭ ହଜାର ପ୍ରାଣୀଙ୍କୁ ଉଦ୍ଧାର (ପୃଷ୍ଠା ୭ରେ)

# ନବୀନ ପଟ୍ଟନାୟକଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୮

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନବୀନ ନିବାସକୁ ଯାଇ ସେଠାରେ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରିବୁଝିଥିଲେ।

ଉଭୟଙ୍କ ମଧ୍ୟରେ ସାକ୍ଷାତ ସମୟରେ ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନବୀନ ନିବାସରେ ପହଞ୍ଚିବା ପରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ଭେଟି ତାଙ୍କର ସୁସ୍ଥତା କାମନା କରିଥିଲେ ଏବଂ 'ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଅଛି' ବୋଲି ପଚାରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ କହିଥିଲେ, 'ମୁଁ ସୁସ୍ଥ ଅନୁଭବ କରୁଛି'।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ସୁସ୍ଥ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରୁଛି।

ସୂଚନାଯୋଗ୍ୟ ଯେ, ବିରୋଧୀ ଦଳ ନେତା ତାଙ୍କର ଦେହ ଅସୁସ୍ଥ ଥିବାରୁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନବୀନ ନିବାସ ଯାଇ ତାଙ୍କୁ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ ଧରି ଆଲୋଚନା ହୋଇଥିଲା।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦିଲ୍ଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ସମୟରେ 'ନବୀନ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା କେମିତି ଅଛି ବୋଲି ପ୍ରଧାନମନ୍ତ୍ରୀ ପଚାରିଥିଲେ'। ସେହି ସମୟରେ ଶ୍ରୀ ପଟ୍ଟନାୟକ ମୁମ୍ବାଇରେ ଚିକିତ୍ସାଧୀନ ଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ସହଯୋଗ କାମନା କରିଥିଲେ।

## ଆଜିର ମୁଖ୍ୟ ଖବର

- ଶିକ୍ଷକ ବଦଳିକୁ ବିରୋଧ କରି ଅଭିଭାବକମାନେ ଶିକ୍ଷାଳୟରେ ତାଲା ଲଗାଇଲେ, ଛାତ୍ରଛାତ୍ରୀ ଗଛତଳେ ପଢିବାକୁ ବାଧ୍ୟ ।
- ଓଡିଶା ସି.ଏଚ୍.ଏସ୍.ଇ ଯୁକ୍ତ-୨ ସିଲାବସରେ ପରିବର୍ତ୍ତନ-ପରିବେଶ ଓ ନୀତିଶିକ୍ଷା ଅଧ୍ୟାୟ ଯୋଡାଗଲା ।
- ଭୁବନେଶ୍ୱର ଖଣ୍ଡଗିରି ଫ୍ଲାଇଓଭର ଅସୁରକ୍ଷିତ, ୧୨ଦିନ ପର୍ଯ୍ୟନ୍ତ ଯାତାୟତ ବନ୍ଦ ।
- ଓଡିଶା ସରକାରଙ୍କ କଡା କାର୍ଯ୍ୟାନୁଷ୍ଠାନ ଅସମର୍ଥ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଚିହ୍ନଟ କରାଯାଉଛି ।
- କଟକ ସିଟି ହସ୍ପିଟାଲର କର୍ମଚାରୀ ଦୁର୍ନୀତି ମାମଲାରେ ଗିରଫ ।
- ମାଓବାଦୀ ପ୍ରତିରୋଧ କରିବାକୁ ଓଡିଶା ସୁରକ୍ଷା ବୃଦ୍ଧି କଲା, ବରଗଡକୁ ମାଓମୁକ୍ତ ଘୋଷଣା ।
- ସୁନ୍ଦରଗଡରେ ରାସ୍ତା ଓ ସେତୁ ବଢି ଜଳରେ ବୁଡିଗଲା ।
- କେନ୍ଦୁଝର ତେଲକୋଇଲିରେ ଭାରି ବର୍ଷାରେ ହଠାତ୍ ବଢି ପାଣି ।
- ଓଡିଶାରେ ବାମପନ୍ଥୀ ଉଗ୍ରବାଦ ପ୍ରତିରୋଧରେ ଅଗ୍ରଗତି, କିଛି ଆଦିବାସୀ ଅଞ୍ଚଳରେ ଚ୍ୟାଲେଞ୍ଜ୍ ଜାରି ।
- ବାଲେଶ୍ୱରର ଭୟାଭୟ ଘଟଣା-ଅନ୍ଧବିଶ୍ୱାସରେ ୨୬ ଘଣ୍ଟାଧରି ଯୁବକଙ୍କ ମୃତ ଦେହ ପଡିରହିଲା ।
- ବଢୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର: ପୁଣି ଖୋଲିଲା ୪ଟି ଗେଟ୍।

### ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟି ବୈଠକ

# ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଜୋରଦାର କରାଯିବ

ଭୁବନେଶ୍ୱର, ୨୩।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟସ୍ତରୀୟ ବାୟୁ ଗୁଣବତ୍ତା ମନିଟରିଂ କମିଟିର ଦଶମ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଏବଂ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଉପରେ ଏହି ବୈଠକରେ ବିଶଦ ଆଲୋଚନା ଏବଂ ସମୀକ୍ଷା କରାଯାଇଥିଲା ।



ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟର ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପଗୁଡିକର ସ୍ଥିତି ଓ ଅଗ୍ରଗତି ସମୀକ୍ଷା କରିଥିଲେ ।ସ୍ୱଚ୍ଛ ବାୟୁ ପଦକ୍ଷେପର ପ୍ରମୁଖ ଦିଗ ଓ ଏଥିପାଇଁ ଉପଲବ୍ଧ ଅର୍ଥରାଶିର ସୁବିନିଯୋଗ ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ନଗର ଉନ୍ନୟନ ବିଭାଗ, ଶିଳ୍ପ ବିଭାଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ପରିବହନ ବିଭାଗ, ରାଜ୍ୟ ପରିବହନ ପ୍ରାଧିକରଣ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ସମେତ ଅନେକ ବିଭାଗର (ପୃଷ୍ଠା ୭ରେ)

# ଶ୍ରୀମନ୍ଦିର ପରିସରରେ ଖୋଲିବ ସ୍ତନ୍ୟପାନ ଗୃହ

ପୁରୀ, ୨୩।୮

ନ୍ୟୁଜ୍ ବ୍ୟୁରୋ

ଖୁବଶୀଘ୍ର ଶ୍ରୀମନ୍ଦିର ପରିସରରେ ଖୋଲିବ ସ୍ତନ୍ୟପାନ ଗୃହ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ ନିଷ୍ପତ୍ତି ହେବା ସହିତ ଯୋଜନା ପ୍ରସ୍ତୁତ କରାଯାଇଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆସୁଛନ୍ତି। ଅନେକ ମା' ନିଜ ଛୋଟ ଛୋଟ ଶିଶୁମାନଙ୍କୁ ମଧ୍ୟ ନେଇ ଆସୁଛନ୍ତି। କିନ୍ତୁ ଶିଶୁଙ୍କୁ ସ୍ତନ୍ୟପାନ କରାଇବାକୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁ ଏବଂ ମା'ମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ ଖୋଲିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି।



ଇତିମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବିଦାୟୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ବରିଷ୍ଠ ସୁପରଭାଇଜର ବଳ୍ପି ପ୍ରତିହାରୀ, ସହକାରୀ ପ୍ରଶାସିକା ଶୁଭଶ୍ରୀ ସୁଚିସ୍ମିତା ଏବଂ ଅନ୍ୟ ଅଧିକାରୀମାନେ ଏ ସମ୍ପର୍କରେ ଆଲୋଚନା କରି ସ୍ୱତନ୍ତ୍ର ଗୃହ ସ୍ଥାପନ ପାଇଁ ସ୍ଥାନ ନିରୂପଣ କରିଛନ୍ତି। ଶ୍ରୀମନ୍ଦିର ପରିସରସ୍ଥ ପ୍ରଶାସନିକ ଶାଖା କାର୍ଯ୍ୟାଳୟ ନିକଟରେ ଏହି ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ଓ ଶିଶୁଙ୍କ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ। ଏଥିପାଇଁ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ରହିବେ ବୋଲି କୁହାଯାଇଛି।

# ଅମ୍ବାନୀଙ୍କ ଘରେ ପଶିଲା ସିବିଆଇ

ନୂଆଦିଲ୍ଲୀ, ୨୩।୮

ବିଶିଷ୍ଟ ଶିଳ୍ପପତି ଅନୀଲ ଅମ୍ବାନୀ ଏକାଧିକ ବ୍ୟାଙ୍କ ଋଣ ଜାଲିଆତି ଯୋଗୁ ଉଭୟ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ସ୍କାନରରେ ରହିଛନ୍ତି। କୁହାଯାଉଛି ଯେ ଅନୀଲ ଅମ୍ବାନୀଙ୍କ ବ୍ୟବସାୟିକ ସଂସ୍ଥାଗୁଡ଼ିକ ମୋଟ ୧୭ ହଜାର କୋଟି ଟଙ୍କାର ଜାଲିଆତିରେ ସାମିଲ ଅଛନ୍ତି।

ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ଘରେ ସିବିଆଇ ଚଢଉ ଆରମ୍ଭ ହୋଇଛି। ଶନିବାର ସକାଳୁ ସିବିଆଇର ଗୋଟିଏ ଟିମ ମୁମ୍ବାଇ ସ୍ଥିତ ଅନୀଲ ଅମ୍ବାନୀଙ୍କ ଘରେ ପଶି ରେଡ କରିଛି। ୩୦୭୩ କୋଟିର ବ୍ୟାଙ୍କ ଋଣ ଜାଲିଆତି ଘଟଣାରେ ସିବିଆଇ ପକ୍ଷରୁ ଏପରି ରେଡ କରାଯାଇଛି।





ମିଳିଥିବା ସୂଚନା ଅନୁସାରେ, ଶନିବାର ସକାଳ ୭ଟାରେ ସିବିଆଇ ଟିମ ଅନୀଲ ଅମ୍ବାନୀଙ୍କ କୁଫ ପାରେଡେର (ପୃଷ୍ଠା ୭ରେ)

# ଆମେରିକା ସହ ବାର୍ତ୍ତା ଜାରି

ନୂଆଦିଲ୍ଲୀ, ୨୩।୮

ବୈଦେଶିକ ମନ୍ତ୍ରୀ ଡ଼.ଏସ୍. ଜୟଶଙ୍କର କହିଛନ୍ତି ଯେ ଆମେରିକା ସହିତ ଭାରତର ବ୍ୟାପାର ଆଲୋଚନା ଏପର୍ଯ୍ୟନ୍ତ ଚାଲିଛି ଏବଂ ଆମ ମଧ୍ୟରେ କୌଣସି ମନାନ୍ତର ହୋଇନି। ହେଲେ ମଧ୍ୟ କିଛି ସୀମାରେଖା ଅଛି ଯାହାକୁ ପାର୍ କରିବା ଉଚିତ୍ ନୁହେଁ। ଭାରତର ନିଜସ୍ୱ ଜାତୀୟ ହିତ ଅଛି ଯାହାକୁ ଆଧାର କରି ଆମେ ନିଷ୍ପତ୍ତି ନେଉଛୁ। ଏହି ପ୍ରସଙ୍ଗରେ ସେ ମୋଦୀ ସରକାରଙ୍କର ସ୍ପଷ୍ଟ ନୀତିକୁ ଉଲ୍ଲେଖ କରିଥିଲେ। ସେ କହିଛନ୍ତି ଯେ, କୃଷକଙ୍କ ହିତ, ରଣନୀତିଗତ ସ୍ୱାଧୀନତା ଏବଂ ପାକିସ୍ତାନ ସହିତ ସମ୍ପର୍କ ନେଇ କୌଣସି ମଧ୍ୟସ୍ଥତାକୁ ଗ୍ରହଣ କରାଯିବ ନାହିଁ। ଏହି ସବୁ 'ରେଡ୍ ଲାଇନ୍' ଯାହାକୁ ପାର୍ କରିବା ଉଚିତ ନୁହେଁ।



ବୈଦେଶିକ ମନ୍ତ୍ରୀ ଡ଼. ଜୟଶଙ୍କର ଶନିବାର ଦିନ ଏକ ସମ୍ବାଦ ସରବରାହ ସଂସ୍ଥା କାର୍ଯ୍ୟକ୍ରମରେ ଆମେରିକା ସହିତ ଭାରତର ସମ୍ପର୍କ ଉପରେ ଭାରତର ସ୍ପଷ୍ଟ ଦୃଷ୍ଟିକୋଣକୁ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାରମ୍ପରିକ ଆମେରିକୀୟ ନୀତିଗୁଡିକୁ ଛାଡ଼ି ଅନ୍ୟ ଗୁରୁତର ଅଣ-ବ୍ୟାପାରିକ ପ୍ରସଙ୍ଗଗୁଡ଼ିକୁ ବି ବ୍ୟାପାର ମଧ୍ୟକୁ ଆଣୁଛନ୍ତି । ଏହା ଅପ୍ରତ୍ୟାସିତ ଏବଂ ଅସାଧାରଣ ଥିଲା। ତେବେ ସେଠାରୁ ଯେଉଁ ସାଧାରଣ ଘୋଷଣା ଆସୁଥିଲା, ସେଗୁଡିକ ବାସ୍ତବତାରୁ ଭିନ୍ନ ଥିଲା।

ସେ କହିଛନ୍ତି ଯେ, ଆମେ ଏହି କଥା ବୁଝିବା ଦରକାର ଯେ ରାଷ୍ଟ୍ରପତି ଟ୍ରମ୍ପ ବିଶ୍ୱ ସହିତ, ଏପରିକି ତାଙ୍କ ନିଜ ଦେଶ ସହିତ ମଧ୍ୟ, ବ୍ୟବହାର କରିବାର (ପୃଷ୍ଠା ୭ରେ)

## ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୪ କୋଟି ଟଙ୍କାର ମାରିଜୁଆନା ଜବତ

ଭୁବନେଶ୍ୱର, ୨୩।୮

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୪ କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମ ବିଭାଗ ଚଢଉ କରି ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପୂର୍ବରୁ ଏକାଧିକ ଥର ଭୁବନେଶ୍ୱର ବିମାନବନ୍ଦରରୁ ବିପୁଳ ପରିମାଣର ମାରିଜୁଆନା ଜବତ କରାଯାଇଥିଲା। ପୂର୍ବ ଏସିଆରୁ ଭୁବନେଶ୍ୱରକୁ ମାରିଜୁଆନା ନିୟମିତ ବ୍ୟବଧାନରେ ଆସୁଥିବା ଜଣାପଡିବା ପରେ କଷ୍ଟମ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା।

## ଏକାଳ ପଖାଳ



ଉତୁରିଲାଣି ଆମେରିକା
ନିଶ୍ଚୟ ଡାକୁଛି ଚୁଲି
ଭାରତ ପ୍ରଗତି ଦେଖି ପାରୁନାହିଁ
ଗନ୍ଧାଉଛି ତାକୁ ମଲ୍ଲି
ଏବେ ଆହୁରି ଚାଲ୍ ଚାଲି
ଭାବୁଛି ଜିତିବ ଭାରତଠୁ ହେଲେ
ନିଜେ ହେଇଯିବ ଠେଲି।

# ଆମେରିକାକୁ ବଡ଼ ଝଟ୍‌କା ଦେଲା ଭାରତ



ନୂଆଦିଲ୍ଲୀ, ୨୩।୮

ଭାରତୀୟ ଡାକ ବିଭାଗ ଆମେରିକା ସରକାରଙ୍କ ନିକଟରେ ଜାରି ହୋଇଥିବା ଏକ୍‌ଜିକ୍ୟୁଟିଭ ଅର୍ଡର ନମ୍ବର ୧୪୩୨୪ (୩୦ ଜୁଲାଇ) ଅନୁଯାୟୀ ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ଆଦେଶ ଅନୁସାରେ, ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ୮୦୦ ଆମେରିକୀୟ ଡଲାର ପର୍ଯ୍ୟନ୍ତ ଡ୍ୟୁଟି-ମୁକ୍ତ ଛାଡ଼ ସୁବିଧା ୨୯ ଅଗଷ୍ଟରୁ ବନ୍ଦ ହୋଇଯିବ। ଅର୍ଥାତ ଏବେ ଭାରତରୁ ଆମେରିକାକୁ ପଠାଯାଉଥିବା ପ୍ରତ୍ୟେକ ପାର୍ସଲ, ମୂଲ୍ୟ ଯାହା ହେଉନା କାହିଁକି, କଷ୍ଟମ ଡ୍ୟୁଟି ଲାଗୁ ହେବ। ତେବେ ୧୦୦ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାର ସାମଗ୍ରୀ ଉପରେ ଏହି ଛାଡ଼ ସୁବିଧା ଜାରି ରହିବ।

ଆମେରିକୀୟ ନିୟମ ଅନୁଯାୟୀ, ଡାକ ନେଟୱାର୍କ ମାଧ୍ୟମରେ ପଠାଯାଉଥିବା ସାମଗ୍ରୀ ଉପରେ ଏବେ ଟ୍ରାନ୍ସପୋର୍ଟ କ୍ୟାରିୟର କିମ୍ବା ସିବିପି ଦ୍ୱାରା ମାନ୍ୟତା ପ୍ରାପ୍ତ ଏଜେନ୍ସିମାନେ ଡ୍ୟୁଟି ଆଦାୟ କରିବେ। କିନ୍ତୁ ସମସ୍ୟା ହେଉଛି ଯେ ସିବିପି ଏପର୍ଯ୍ୟନ୍ତ କ୍ୱାଲିଫାଏଡ ପାର୍ଟି ଚୟନ ଓ ଡ୍ୟୁଟି ଆଦାୟ ପ୍ରକ୍ରିୟାକୁ ସ୍ପଷ୍ଟ କରିନାହିଁ। ଏହି କାରଣରୁ ଆମେରିକାକୁ ଯାଉଥିବା ଏୟାରଲାଇନ୍ସମାନେ ୨୫ ଅଗଷ୍ଟ ପରେ ଭାରତୀୟ ଡାକରୁ ପାର୍ସଲ (ପୃଷ୍ଠା ୭ରେ)

# ଆଉ ଏକ ଲଘୁଚାପ ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

ଭୁବନେଶ୍ୱର, ୨୩।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ବିଭିନ୍ନ ସ୍ଥାନରେ ଲଘୁଚାପଜନିତ ବର୍ଷା ଜାରି ରହିଛି। ଏହାରି ମଧ୍ୟରେ ଆଉ ଏକ ଲଘୁଚାପ ଆସନ୍ତା ୨୫ରେ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଫଳରେ ଆଗାମୀ ୫ ଦିନ ଯାଏ ପ୍ରବଳ ବର୍ଷା ଲାଗିରହିବ। ଉତ୍ତର ଓଡ଼ିଶା ଓ ତତସଂଲଗ୍ନ ଗାଙ୍ଗେଟିକ ପଶ୍ଚିମବଙ୍ଗ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଗାଙ୍ଗେଟିକ ପଶ୍ଚିମବଙ୍ଗ ଓ ତାର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟରୁ ପ୍ରବଳ ଧରଣର ବର୍ଷା ହୋଇଥିଲା। ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବା ସହ ବିଜୁଳି ଘଡ଼ଘଡ଼ିର ସମ୍ଭାବନା ରହିଛି। କେନ୍ଦୁଝର ସୁନ୍ଦରଗଡ ଝାରସୁଗୁଡା ଓ ବରଗଡ଼ ଏହି ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।





# ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା: ବଦଳିଛି ଚେହେରା, କମିନି ଚମକ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ପ୍ରାକ୍ ସ୍ୱାଧୀନତା କାଳରୁ ଜଟଣୀରେ ହୋଇଆସୁଛି ପ୍ରସିଦ୍ଧ ଗଣେଶ ପୂଜା। ଏକଦା ସାରା ଓଡ଼ିଶାରେ ଗଣେଶ ପୂଜା ପାଇଁ ଜଟଣୀ ସହରର ନାଁ ଥିଲା ସର୍ବାଗ୍ରେ। କଟକ ଓ ବ୍ରହ୍ମପୁର ଭଳି ଜଟଣୀ ଥିଲା ଅନ୍ୟତମ ପ୍ରମୁଖ ବ୍ୟବସାୟିକ ସହର। ବ୍ରିଟିସ୍ ଅମଳର ମାଲଗୋଦାମ ଥିବାରୁ ଏଠାରେ ବହୁ ବଡ଼ବଡ଼ ବ୍ୟବସାୟୀଙ୍କ କାରବାର ଥିଲା। ତେଣୁ ସେହି ବ୍ୟବସାୟୀମାନେ ବେଶ୍ ଜାକଜମକରେ ବଡ଼ଧରଣର ଗଣେଶ ପୂଜା କରୁଥିଲେ। ଫଳରେ ଗଣେଶ ପୂଜା ଜଟଣୀ ସହରର ଏକ ପୁରୁଣା ପରମ୍ପରା ପାଲଟିଯାଇଛି। ଏବେ ପରିବର୍ତ୍ତିତ ସମୟ ସହ ତାଳ ଦେଇ ଜଟଣୀ ଗଣେଶ ପୂଜାର ଚେହେରାରେ କିଛି ପରିବର୍ତ୍ତନ ପରିଲକ୍ଷିତ ହେଉଛି। କିଛି ପୁରୁଣା କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ମାତ୍ର ଚମକ କମିନାହିଁ। ପୁରୁଣା କାର୍ଯ୍ୟକ୍ରମ ବନ୍ଦ ହୋଇଥିଲେ ହେଁ ଯୋଡ଼ି ହୋଇଥିବା ନୂଆ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ପୂଜାର ଚମକ ବଢ଼ାଇଛି।





କୁହାଯାଏ ପ୍ରଥମେ ମହୁଲଗୁଡ଼ିଆ ଛକରେ ଜଟଣୀ ଗଣେଶ ପୂଜାର ମୂଳଦୁଆ ପଡ଼ିଥିଲା। ଏହାପରେ ଗୋଲେଇ ମାର୍କେଟ୍, ଥାନା ଛକ, ମାଛ ମାର୍କେଟ୍, ହରିଭାଇନା ଛକ, ସୀତାରାମ ଛକ, ରାଜାବଜାର, କୁଦିଆରୀ, ହାଟବଜାର, ଲୋକୋ କଲୋନି, ରେତଙ୍ଗ କଲୋନି, ମାଲ୍‌ଗୋଦାମ ଛକ ଭଳି ପ୍ରମୁଖ ସ୍ଥାନରେ ବିଶାଳ ଗଣେଶ ମୂର୍ତ୍ତି ପୂଜା ପାଇଲେ। କାଳକ୍ରମେ ଏହା ପୂରା ସହରକୁ ମାଡ଼ିଯାଇଛି। ସହର ବଢ଼ିଛି ଏବଂ ପୂଜା ମଣ୍ଡପ ସଂଖ୍ୟା ମଧ୍ୟ ବଢ଼ିଛି। ଆଜି ସମଗ୍ର ସହରରେ ଛୋଟବଡ଼ ହୋଇ ଦୁଇ ଶହରୁ ଅଧିକ ପୂଜା ମଣ୍ଡପରେ ବିଘ୍ନରାଜଙ୍କ ପୂଜା ହେଉଛି। ସେତେବେଳେ କୋଲକାତା, ମୁମ୍ବାଇରୁ ଆସୁଥିବା ତୋରଣ ଓ ଲାଇଟ୍‌କୁ ନେଇ ଏକପ୍ରକାର ସୁସ୍ଥ ପ୍ରତିଯୋଗିତା ଦେଖିବାକୁ ମିଳୁଥିଲା। ସେହିଭଳି କାରୁକାର୍ଯ୍ୟପୂର୍ଣ୍ଣ ମେଢ଼କୁ ନେଇ ବି ବେଶ୍ ପ୍ରତିଯୋଗିତା ଚାଲିଥିଲା। କେତେବେଳେ କେଉଁ ବଜାର ଲାଇଟ୍ ସାଜସଜ୍ଜାରେ ଆଗରେ ରହୁଥିଲା ତ କେଉଁ ବଜାର ବିଶାଳ ମୂର୍ତ୍ତି କରି ପ୍ରଶଂସା ସାଉଣ୍ଟୁଥିଲା। ସେହିଭଳି କେଉଁ ବଜାର ସୁସଜ୍ଜିତ ତୋରଣ କରି ନାଁ କମାଉଥିଲା ତ କେଉଁ ବଜାର ସାଂସ୍କୃତିକ କାର୍ଯ୍ୟକ୍ରମ କରି ପ୍ରତିଯୋଗିତାରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରୁଥିଲା। ପ୍ରାୟ ୧୦/୧୫ ବର୍ଷ ପୂର୍ବେ ଗଣେଶ ପୂଜା ଅବସରରେ ଜଟଣୀ ସହରରେ ଅପେରା ପାର୍ଟି ପ୍ରଦର୍ଶନ ବେଶ୍ ଜମୁଥିଲା। ଓଡ଼ିଶାର ପ୍ରାୟ ସବୁ ପ୍ରଥମ ଶ୍ରେଣୀ ଅପେରା ପାର୍ଟି ଏଠାରେ ପ୍ରତିଯୋଗିତା କରୁଥିଲେ। ତେଣୁ ପୂଜା ଦେଖିବାକୁ ଦିନରେ ଯେତିକି ଭିଡ଼ ହେଉଥିଲା, ରାତିରେ ବି ତା'ଠାରୁ ଅଧିକ ଗହଳଚହଳ ଲାଗି ରହୁଥିଲା।

ସେହିଭଳି କିଛି ମଣ୍ଡପରେ ପାଲା, ଦାସକାଠିଆ ଭଳି ଲୋକକଳା ବି ପ୍ରଦର୍ଶିତ ହେଉଥିଲା। କିନ୍ତୁ ଏବେ କିଛି ପରିବର୍ତ୍ତନ ହୋଇଛି। ଅପେରା ପାର୍ଟି ପ୍ରତିଯୋଗିତା କମିଛି। ସେହିଭଳି ସ୍ଥାନାଭାବ କାରଣରୁ ବିଶାଳ ତୋରଣ ଓ ଲାଇଟ୍ ଡେକୋରେସନ୍ ବି କିଛି କମିଛି। କିନ୍ତୁ ବିଶାଳ ମୂର୍ତ୍ତି ଗଢ଼ିବାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏବେ ଏଠାରେ ବିଭିନ୍ନ ପ୍ରକାର ବେଶଭୂଷାରେ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ବୁଢ଼ା ଗଣେଶଠାରୁ ଆରମ୍ଭ କରି ସାପ ଗଣେଶ, ଗଛ ଗଣେଶ, କାର୍ଟୁନ୍ ଗଣେଶ, ବାଘ ଗଣେଶ, ପାହାଡ଼ ଗଣେଶ, ସପ୍ତଫେଣୀ ଗଣେଶ ଭଳି ଅନେକ ଭଙ୍ଗୀର ଗଣେଶ ମୂର୍ତ୍ତି ଗଢ଼ା ହେଉଛି। ସେହିଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ହ୍ରାସ ପାଇଥିଲେ ହେଁ ଆରମ୍ଭ ହୋଇଥିବା ଜଟଣୀ ଗଣେଶ ମହୋତ୍ସବ ଏହି ପୂଜାର ଚମକ ବଢ଼ାଇଛି। ସେହିଭଳି ନୂଆ ଭସାଣି କାର୍ଯ୍ୟକ୍ରମ ମଧ୍ୟ ଅଧିକ ଆକର୍ଷଣୀୟ ହୋଇଛି। ସେତେବେଳେ ଦୟାନଦୀର କାକୁଡ଼ିଆ ଘାଟରେ ମୂର୍ତ୍ତି ବିସର୍ଜନ କରାଯାଉଥିଲା। ପୃଥକ ପୃଥକ ଭାବେ ଗଣେଶ ବିସର୍ଜନ କରାଯାଉଥିଲା। କିନ୍ତୁ ଗତ କିଛିବର୍ଷ ହେଲା ମିଳିତ ଭସାଣି ଉତ୍ସବ ବେଶ୍ ଜାକଜମକରେ ହେଉଛି। ସବୁ ମେଢ଼ ଏକାଠି ଶୋଭାଯାତ୍ରାରେ ସହର ପରିକ୍ରମା କରି କ୍ରିଷ୍ଟ କଲେଜ ନିକଟରେ ବହିଯାଇଥିବା ନଈରେ ଗଣେଶ ଘାଟରେ ବିସର୍ଜନ ହେଉଛନ୍ତି। ଏହି ଭସାଣିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକକଳା ପ୍ରଦର୍ଶିତ ହେଉଛି।

# ପୁରୀରେ ରାଜ୍ୟର ଦ୍ୱିତୀୟ ଖାଦ୍ୟ ପରୀକ୍ଷାଗାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ପରେ ରାଜ୍ୟର ଦ୍ୱିତୀୟ ଖାଦ୍ୟ ପରୀକ୍ଷାଗାର ପୁରୀରେ ପ୍ରତିଷ୍ଠା ହେବ। କେନ୍ଦ୍ର ସରକାର ଏଥିପାଇଁ ଆବଶ୍ୟକ ଅର୍ଥ ଓ ଯନ୍ତ୍ରପାତି ଯୋଗାଇଦେବେ। ନିକଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ) ସହ ରାଜ୍ୟମାନଙ୍କ ହୋଇଥିବା ବୈଠକରେ ଏହି ସୂଚନା ମିଳିଛି। ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଦେଶବ୍ୟାପୀ ଆଉ ୧୧ଟି ଖାଦ୍ୟ ପରୀକ୍ଷାଗାର ପ୍ରତିଷ୍ଠା ପାଇଁ ଘୋଷଣା ହୋଇଛି। ଏହିକ୍ରମରେ ଓଡ଼ିଶାକୁ ମିଳିଥିବା ପରୀକ୍ଷାଗାରକୁ ପୁରୀରେ ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏବେ ରାଜ୍ୟବ୍ୟାପୀ ସଂଗୃହୀତ ଖାଦ୍ୟ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱରକୁ ଆସୁଛି। ପୁରୀରେ ଥିବା ସଂକ୍ରାମକ ରୋଗ ହସ୍ପିଟାଲ(ଆଇଡିଏଚ୍) ପରିସରରେ ଏହି ପରୀକ୍ଷାଗାର ପ୍ରତିଷ୍ଠା କରାଯିବ। ଏଠାରେ ସମସ୍ତ ଖାଦ୍ୟ(ମାଦକ ଦ୍ରବ୍ୟ ବାଦ୍) ସହ ମାଇକ୍ରୋବାୟୋଲୋଜି ପରୀକ୍ଷାର ସୁବିଧା ରହିବ। ଏଥିପାଇଁ ୨୬କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

ସେହିପରି ଜରୁରି ପରିସ୍ଥିତିରେ ଖାଦ୍ୟର ମାନ ଯାଞ୍ଚ ପାଇଁ ଓଡ଼ିଶାରେ ଏକ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାର ଗାଡ଼ି ରହିଛି। ୨୦୧୮ ମସିହାରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଏହି ଗାଡ଼ି ଯୋଗାଇ ଦିଆଯାଇଥିଲା। ତେବେ ଏହି ଗାଡ଼ିରେ କେତେକ ସମସ୍ୟା ରହିଥିବାରୁ ଅତ୍ୟାଧୁନିକ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାର ଗାଡ଼ି ଯୋଗାଇ ଦେବା ଲାଗି ଏଫ୍‌ଏସ୍‌ଏସ୍‌ଏଆଇକୁ ଅନୁରୋଧ କରାଯାଇଛି। ସବୁ ରାଜ୍ୟକୁ ଏହି ଗାଡ଼ି ଦିଆଯାଉଥିବାରୁ ଏସ୍‌ଏସ୍‌ଏସ୍‌ଏଆଇ ଏଥିପାଇଁ ଗ୍ଲୋବାଲ୍ ଟେଣ୍ଡର କରିପାରେ ବୋଲି ଅନୁମାନ କରାଯାଉଛି। ରାଜ୍ୟର ୧୩ଟି ଅବିଭକ୍ତ ଜିଲ୍ଲାରେ ୧୩ଟି ଭ୍ରାମ୍ୟମାଣ ଗାଡ଼ିକୁ ରଖିବା ଲାଗି ସରକାର ବିଚାର କରୁଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି, ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଓ ପର୍ଯ୍ୟଟନ ଦୃଷ୍ଟିରୁ ସେଠାରେ ଏକ ଖାଦ୍ୟ ପରୀକ୍ଷାଗାରର ଆବଶ୍ୟକତା ଥିଲା। ଏଫ୍‌ଏସ୍‌ଏସ୍‌ଏଆଇର ମଞ୍ଜୁରି ମିଳିଥିବାରୁ ଆସନ୍ତା ଡିସେମ୍ବର ସୁଦ୍ଧା ଆଇଡିଏଚ୍ ପରିସର ଏହି ପରୀକ୍ଷାଗାରକୁ କାର୍ଯ୍ୟକ୍ଷମ କରିବା ପାଇଁ ଚେଷ୍ଟା କରାଯାଉଛି। ଏହାସହ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାର କ୍ଷେତ୍ରରେ ମଧ୍ୟ ରାଜ୍ୟର ଶକ୍ତି ବୃଦ୍ଧି ହେବ।

# ଓଡ଼ିଶାରେ ବିଦ୍ୟୁତ୍ ବ୍ୟାହତ ଦେଶରେ ଅଧିକ: ମାସକୁ ଗୋଟିଏ ଦିନ ଅନ୍ଧାରରେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶାରେ ଉପଭୋକ୍ତା ମାସିକ ୨୩ ଘଣ୍ଟା ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ଅର୍ଥାତ୍ ମାସକୁ ପ୍ରାୟ ଗୋଟିଏ ଦିନ ଓଡ଼ିଶାବାସୀ ଅନ୍ଧାରରେ ରହୁଛନ୍ତି। ଅଥଚ ଜାତୀୟ ସ୍ତରରେ ଉପଭୋକ୍ତା ମାସିକ ହାରାହାରି ୧୧ ଘଣ୍ଟା ବିଦ୍ୟୁତ୍ ବ୍ୟାହତର ସମ୍ମୁଖୀନ ହେଉଛନ୍ତି। ଦେଶରେ ମାସକୁ ହାରାହାରି ୧୭ ଥର ବିଦ୍ୟୁତ୍ ବ୍ୟାହତ ହେଉଥିବା ବେଳେ ଓଡ଼ିଶାରେ ତା'ର ଦୁଇ ଗୁଣ ଅର୍ଥାତ୍ ୩୪ ଥର ବିଦ୍ୟୁତ୍ କାଟ ହେଉଛି। ଦେଶରେ ବିଦ୍ୟୁତ୍ ବିତରଣକାରୀ ଲାଇସେନ୍ସ ପ୍ରାପ୍ତ କମ୍ପାନିଗୁଡ଼ିକର ମୂଲ୍ୟାୟନ କରି କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ୧୨ମ ବାର୍ଷିକ ରାଙ୍କିଙ୍ଗ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ କରିଛନ୍ତି। ଅଥଚ ବିକଶିତ ଦେଶଗୁଡ଼ିକରେ ମାସକୁ ହାରାହାରି ୫ ମିନିଟ୍‌ରୁ କମ୍ ବିଦ୍ୟୁତ୍ ବ୍ୟାହତ ହେଉଥିବା ବେଳେ ତିନି ମାସରେ ପ୍ରାୟ ଥରେ ବିଦ୍ୟୁତ୍ ବ୍ୟାହତ ହେଉଛି। ପ୍ରକାଶ ଥାଉକି ଓଡ଼ିଶାର ବିଦ୍ୟୁତ୍ ବ୍ୟାହତ ଉପରେ ମାସିକ ଓ ବାର୍ଷିକ ତଥ୍ୟ ପୈଠ କରିବା ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧିନିୟମ ୨୦୦୪ରେ ଜାରି କରିଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ପ୍ରାୟ ୩୦୦ ବିଦ୍ୟୁତ୍ ସବ୍-ଡିଭିଜନ୍‌ରେ ମାସକୁ କେତେଥର ଓ କେତେଘଣ୍ଟା ବିଦ୍ୟୁତ୍ ବ୍ୟାହତ ହେଉଛି ତାର ସବ୍-ଡିଭିଜନ୍ ସ୍ତରୀୟ ତଥ୍ୟ ଚାରିଟି ଆବଣ୍ଟନ କମ୍ପାନି ସତ୍ୟପାଠ ଜରିଆରେ ଓଇଆରସିରେ ଦାଖଲ କରି ଆସୁଛନ୍ତି। ଓଇଆରସି ୱେବ୍‌ସାଇଟ୍ ତଥ୍ୟରେ ୨୦୧୫ରେ ରିଲାଏନ୍ସ ଓହରି ଯିବା ପର ବର୍ଷରେ ଓଡ଼ିଶା ଉପଭୋକ୍ତା ମାସିକ ହାରାହାରି ୧୩ ଥର ବିଦ୍ୟୁତ୍ ବ୍ୟାହତ ପାଇଁ ୫ ଘଣ୍ଟା ଅନ୍ଧାରରେ ରହୁଥିଲେ। ୨୦୨୦-୨୧ରେ ଓଡିଶା ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ପରିଚାଳନା ଦାୟିତ୍ୱ ଟାଟା ପାୱାର କମ୍ପାନିକୁ ହସ୍ତାନ୍ତର କଲେ। ସେହି ବର୍ଷ ଓଡ଼ିଶା ଉପଭୋକ୍ତା ମାସିକ ହାରାହାରି ୩୭ ଥର ବିଦ୍ୟୁତ୍ ବ୍ୟାହତ ସମସ୍ୟା ପାଇଁ ପ୍ରାୟ ୧୪ ଘଣ୍ଟା ଅନ୍ଧାରରେ ରହିଛନ୍ତି। ପର ଦୁଇ ବର୍ଷ ଅର୍ଥାତ୍ ୨୦୨୧-୨୨ ଓ ୨୦୨୨-୨୩ରେ ଓଡ଼ିଶାର ବିଦ୍ୟୁତ୍ ବ୍ୟାହତ ସମସ୍ୟା ବୃଦ୍ଧି ହୋଇଛି। ଓଇଆରସି ଦ୍ୱାରା ପ୍ରକାଶିତ ଶେଷ ତଥ୍ୟ ଅନୁଯାୟୀ ୨୦୨୩-୨୪ରେ ରାଜ୍ୟରେ ମାସକୁ ହାରାହାରି ୩୪ ଥର ବିଦ୍ୟୁତ୍ ବ୍ୟାହତ ଯୋଗୁଁ ସମୁଦାୟ ୨୩ ଘଣ୍ଟା ଅନ୍ଧାର ହୋଇଛି। ଏ ସମ୍ପର୍କରେ ଟାଟା ପାୱାର ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି, ଭିତ୍ତିଭୂମିର ବିକାଶ ଓ ଉପଭୋକ୍ତା ସଂଖ୍ୟା ବୃଦ୍ଧି ଯୋଗୁଁ ପରିଚାଳନା ଓ ମରାମତି ପାଇଁ ବିଦ୍ୟୁତ୍ ବ୍ୟାହତ ହେଉଛି। ଆଗାମୀ ଦିନରେ ଏଥିରେ ବହୁ ସୁଧାର ଆସିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହନ୍ତି ବିଦ୍ୟୁତ୍ ବ୍ୟାହତ ସମସ୍ୟା ନିରାକରଣ ପାଇଁ ୨୦୦୪ରେ ଓଇଆରସି ଅଧିନିୟମ ଜାରି କରିଥିଲେ ବି ଆଜି ପର୍ଯ୍ୟନ୍ତ ଏହାର ନବୀକରଣ କରାଯାଇନାହିଁ। ବିଦ୍ୟୁତ୍ ବ୍ୟାହତ ସମସ୍ୟା ପାଇଁ ଉପଭୋକ୍ତାଙ୍କୁ କ୍ଷତିପୂରଣ ଜରିମାନା ଦେବା ପାଇଁ ଅଧିନିୟମରେ ବ୍ୟବସ୍ଥା ଥିଲେ ବି ଆୟୋଗ ଏପର୍ଯ୍ୟନ୍ତ ତାହାକୁ ଲାଗୁ କରିନାହାନ୍ତି। ୨୦୧୯ରେ ବିଦ୍ୟୁତ୍ ବ୍ୟାହତ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଆୟୋଗ ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ ଅତି ବେଶୀରେ ମାସକୁ ୧୫ ଥର ବିଦ୍ୟୁତ୍ ବ୍ୟାହତ ବାବଦରେ ୧୦ ଘଣ୍ଟା ଅନ୍ଧାର ହୋଇପାରିବ। ବିଡ଼ମ୍ବନା ହେଉଛି ବିଦ୍ୟୁତ୍ ବ୍ୟାହତ ନିରାକରଣ କରିବା ପାଇଁ ବାର୍ଷିକ ମାନଦଣ୍ଡକୁ ନିମ୍ନଗାମୀ ସଂଶୋଧନ କରିବା ଅଧିନିୟମ ଥିଲେ ବି ଆୟୋଗ ଆଜି ପର୍ଯ୍ୟନ୍ତ କରିବାରେ ସକ୍ଷମ ହୋଇନାହାନ୍ତି ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି।

# ଦୁବାଇକୁ ଲମ୍ବିଛି ସାଇବର ଅପରାଧ ଚେର: ୨ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୧୪ ଗିରଫ

**ରାଉରକେଲା, ନ୍ୟୁଜ ବ୍ୟୁରୋ**



ସ୍ମାର୍ଟସିଟି ରାଉରକେଲାରୁ ଦୁବାଇକୁ ଲମ୍ବିଛି ସାଇବର ଅପରାଧ ଚେର। ଅଭିଯୁକ୍ତମାନେ ଫିଲ୍ମ ଷ୍ଟାଇଲ୍‌ରେ ଜେଲ୍‌ରେ କରିଥିଲେ ଯୋଜନା। ପରେ ଜାମିନରେ ଆସି ଲୋକଙ୍କୁ ଟାର୍ଗେଟ୍ କରୁଥିଲେ। ଏହି ସାଇବର ଠକେଇ ଗ୍ୟାଙ୍ଗ୍‌ର ୧୪ ଜଣ ସଦସ୍ୟଙ୍କୁ ବାନ୍ଧିଛି ରାଉରକେଲା ପୁଲିସ। ପ୍ରଥମ ପର୍ଯ୍ୟାୟରେ ୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆଜି ୯ ଜଣଙ୍କୁ ବାନ୍ଧିଛି। ଅଭିଯୁକ୍ତମାନେ ହେଲେ ସେକ୍ଟର-୧୭ ପାର୍କ ବସ୍ତିର ରାଜେଶ ନାଗ (୪୩) ଓ ରାହୁଲ କୁମ୍ଭାର (୨୩), ସେକ୍ଟର-୬ ଏଚ୍ ବ୍ଲକ୍ ବସ୍ତିର ଶତ୍ରୁଘ୍ନ ନାଗ (୩୫), ଶିବ ବସ୍ତିର ବିକାଶ ସାହୁ (୨୫), ଉତ୍କଳ ବସ୍ତିର ଲକ୍ଷଣ ରାଓ (୩୬), ଲାଠିକଟାର ଜୟନ୍ତ ପ୍ରଧାନ (୨୬), ପାନପୋଷର ମେହୁଲ ସାହୁ (୨୩) ଓ ଦୀପକ ମୁଖୀ (୨୬), ଗଞ୍ଜାମ ବସ୍ତିର ସଚିନ ଜେନା (୨୩), ଉତ୍କଳ ବସ୍ତିର ଆଦିତ୍ୟ ନାଗବଂଶୀ (୧୯), ବୀରମିତ୍ରପୁରର ମୋହସିନ୍ ଖାନ (୨୮), ବିବେକାନନ୍ଦପାଲିର ଶେଖ୍ ସାହିଦୁଲ ଅଲ୍ଲୀ (୩୧), ଗାନ୍ଧୀରୋଡ୍ ମାଛ ମାର୍କେଟ୍ ଅଞ୍ଚଳର ସାହିଲ ଖୁଣ୍ଟିଆ (୨୩) ଓ ଗୋପବନ୍ଧୁପାଲିର ଶିଳ୍ପୀ ସାହୁ (୨୨)। ସେମାନଙ୍କଠାରୁ ୩୦ଟି ଆଧାର କାର୍ଡ, ୧୦ଟି ପାନ୍ କାର୍ଡ, ୧୭ଟି ବ୍ୟାଙ୍କ ପାସ୍‌ବୁକ୍, ୪ଟି ଚେକ୍ ବୁକ୍, ଗୋଟିଏ କାର (ଓଆର୧୫ଏନ୍-୯୭୩୬), ଗୋଟିଏ ବାଇକ୍ (ଓଡି-୧୪ଏଜେ-୫୧୭୨), ଡେଲ୍ ଲାପ୍‌ଟପ୍ ଓ ୧୫ଟି ମୋବାଇଲ୍ ଜବତ ହୋଇଛି। ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

ଗିରଫ ହୋଇଥିବା ୧୪ ଜଣଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ପେସାଦାର ଅପରାଧୀ। ଜେଲ୍‌ରେ ମିଶିବା ପରେ ସୁବିଧାରେ ଟଙ୍କା ରୋଜଗାରର ପନ୍ଥା ପାଇଥିଲେ। ପରେ ସହରର ଗରିବ ଓ ଅଶିକ୍ଷିତ ଲୋକଙ୍କୁ ଟାର୍ଗେଟ୍ କରୁଥିଲେ। ସାଙ୍ଗରେ ଥିଲେ ବନ୍ଧନ ବ୍ୟାଙ୍କ ଓ ଆଇଡିବିଆଇ ବ୍ୟାଙ୍କ କର୍ମଚାରୀ। ପ୍ରଥମେ ଲୋକଙ୍କୁ ନେଇ ବିଭିନ୍ନ ନେଟ୍‌ୱର୍କର ସିମ୍ କିଣୁଥିଲେ। ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଲୋକଙ୍କୁ ୧୦୦୦ରୁ ୨୦୦୦ ହଜାର ଟଙ୍କା ଦେଉଥିଲେ। ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି କେୱାଇସି ପ୍ରୋସେସ୍ ଯାଏଁ ଉଭୟ ବ୍ୟାଙ୍କର କର୍ମଚାରୀ ସହଯୋଗ କରୁଥିଲେ। ତା'ପରେ ଆକାଉଣ୍ଟର ସମ୍ପୂର୍ଣ୍ଣ ତଥ୍ୟ ଓ ସିମ୍‌କାର୍ଡକୁ ସାଇବର ଅପରାଧୀଙ୍କୁ ୮ ହଜାରରୁ ୧୦ ହଜାର ଟଙ୍କାରେ ବିକ୍ରି କରାଯାଉଥିଲା। ଆଉ ସାଇବର ଅପରାଧୀମାନେ ଏହା ମାଧ୍ୟମରେ କୋଟିକୋଟି ଟଙ୍କା ଠକେଇ କରୁଥିଲେ। ଏହି ଚେର ରାଉରକେଲାରୁ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ, ବିହାର ରାଜ୍ୟ ସମେତ ଦୁବାଇ ଓ ନେପାଳକୁ ଲମ୍ବିଥିବା ଜଣାପଡ଼ିଛି। ଏ ନେଇ ରାଉରକେଲା ପୁଲିସ ଜିଲ୍ଲା କାର୍ଯ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ସୂଚନା ଦେଇଛନ୍ତି। ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଉପସ୍ଥିତ ଥିଲେ।

# ଡିଜିଟାଲ୍ ଠିକଣା ବାଟବଣା: ୪୧ରୁ ୧୭ ବିଭାଗ ଚିଠି ଦେଉନାହାନ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ କେଉଁ ବିଭାଗରେ କ'ଣ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଗଲା, ସରକାର କେଉଁ ଯୋଜନା ଉପରେ କ'ଣ ବୈଠକ କଲେ, କେଉଁ ଅଧିକାରୀଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ହେଲା, ସାଧାରଣ ଲୋକ କି କୌଣସି ବିଭାଗ ମଧ୍ୟରେ କ'ଣ ଚିଠି ଦିଆନିଆ ହେଲା, ବୈଠକର ବିବରଣୀ, ଅଧିକାରୀଙ୍କ ବଦଳି ଓ ନୂଆ ନିଯୁକ୍ତି, କେନ୍ଦ୍ରରୁ ରାଜ୍ୟକୁ କି ରାଜ୍ୟରୁ କେନ୍ଦ୍ରକୁ କେଉଁ ଚିଠି ଦିଆନିଆ ହେଲା ଏମିତି ସରକାରଙ୍କ ନିତିଦିନିଆ କାର୍ଯ୍ୟଶୈଳୀର ତଥ୍ୟ ଲୋକଙ୍କୁ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଇ-ଡେସ୍‌ପାଚ୍ ବ୍ୟବସ୍ଥା। ସରକାରଙ୍କ ୪୧ଟି ବିଭାଗରୁ ୧୭ଟି ବିଭାଗ ଏବେ ଏଥିରେ ନିୟମିତ ଚିଠି ଅପ୍‌ଲୋଡ୍ କରୁନାହାନ୍ତି। ବାକି ୨୪ଟି ବିଭାଗରୁ ୮ରୁ ୧୦ଟି ବିଭାଗ କେବଳ ଅଦରକାରୀ ଚିଠି (ଗୁରୁତ୍ୱପୂର୍ଣ୍ଣ ନୁହେଁ) ଅପ୍‌ଲୋଡ୍ କରୁଛନ୍ତି। ୨୦୧୧ ମସିହାରେ ଆରମ୍ଭ ହୋଇଥିବା ସରକାରଙ୍କ ଏହି ଡିଜିଟାଲ୍ ଠିକଣା ଏବେ ବାଟବଣା ହୋଇଗଲାଣି। ରାଜ୍ୟ ସରକାର ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ବୈଷୟିକ ଜ୍ଞାନକୁ ଗୁରୁତ୍ୱ ଦେଉଛନ୍ତି। ସବୁ ବିଭାଗରେ ଚିଠି ଅପ୍‌ଲୋଡ୍ କରିବାକୁ ୨ରୁ ୩ଜଣ ଲେଖାଏଁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ପୁରୁଣା ଚିଠି ଯେପରି କେହି ଦେଖି ନ ପାରିବେ ସେଥିପାଇଁ କେବଳ ମାସକର ଚିଠି ଦେଖିବାର ବ୍ୟବସ୍ଥା କରାଯାଇଛି। ଯେଉଁ ୧୭ଟି ବିଭାଗ ଚିଠି ଅପ୍‌ଲୋଡ୍ କରୁନାହାନ୍ତି ସେଥିରୁ ୧୦ରୁ ଅଧିକ ବିଭାଗ ୨୦୧୮, ୨୦୧୯ ମସିହାରେ ଶେଷ ଚିଠି ଅପ୍‌ଲୋଡ୍ କରିଥିଲେ। କୌତୂହଳ ବିଷୟ ହେଉଛି, ଅଧିକାଂଶ ବିଭାଗ କେବଳ କେଉଁ କର୍ମଚାରୀ ପୂଜା ପାଇଁ, ଗାଡ଼ି କିଣିବାକୁ ଅଗ୍ରିମ ନେଲେ, ଆରଟିଆଇ ଆବେଦନ ଆସିଲା, କେଉଁ ଅଧିକାରୀ କେଉଁଆଡ଼େ ଟୁରରେ ଗଲେ, କିଏ ଛୁଟିରେ ଥିଲେ ସେହିଭଳି ଚିଠି ଅପ୍‌ଲୋଡ୍ କରୁଛନ୍ତି। କିନ୍ତୁ ବିଭାଗରେ କ'ଣ ବୈଠକ ହେଲା, କେଉଁ ପ୍ରକଳ୍ପ ପାଇଁ କ'ଣ ଯୋଜନା ଅଛି, ସେ ସଂପର୍କରେ ସୂଚନା ଦେଉନାହାନ୍ତି। ଉଦାହରଣ ସ୍ୱରୂପ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅକ୍ଟୋବର ୧୭,୨୦୨୪ରେ ଶେଷ ଚିଠି ଭାବେ ନିଜ ବିଭାଗର ଏକ ଅଭିଯୋଗ ପିଟିସନ୍ ଅପ୍‌ଲୋଡ୍ କରିଥିଲା। ଏହା ପୂର୍ବରୁ ଡିସେମ୍ବର ୨୬, ୨୦୧୮ରେ ଚିଠି ଅପ୍‌ଲୋଡ୍ ହୋଇଥିଲା। କୃଷି ବିଭାଗ କ'ଣ ୭ ବର୍ଷ ହେଲା କୌଣସି ବିଭାଗକୁ ଚିଠି ଦେଉନି ସମବାୟ ବିଭାଗ ଫେବ୍ରୁଆରି ୬, ୨୦୨୪ରେ ଶେଷ ଚିଠି ଅପଲୋଡ୍ କରିଥିଲା। ବାଣିଜ୍ୟ ଓ ପରିବହନ ବିଭାଗରୁ ପରିବହନ ବିଭାଗ ନିୟମିତ ଚିଠି ଅପ୍‌ଲୋଡ୍ କରୁଥିବାବେଳେ ବାଣିଜ୍ୟ ବିଭାଗ ମେ' ୬, ୨୦୨୫ରେ ଶେଷ ଚିଠି ଅପଲୋଡ୍ କରିଥିଲା। ଏହା ପୂର୍ବ ଚିଠି ଥିଲା ଜାନୁଆରି ୩୦, ୨୦୨୪। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଡିସେମ୍ବର ୩୧, ୨୦୧୮, ସଂସଦୀୟ ବ୍ୟାପାର ବିଭାଗ ଡିସେମ୍ବର ୨୭, ୨୦୧୮, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ସେପଟ୍ମେମ୍ବର ୬, ୨୦୨୪, ଶକ୍ତି ବିଭାଗ ଅଗଷ୍ଟ ୨୯, ୨୦୨୪, ଅବକାରୀ ବିଭାଗ ଡିସେମ୍ବର ୨୮, ୨୦୧୮, ଇସ୍ପାତ ଓ ଖଣି ବିଭାଗ ନଭେମ୍ବର ୮, ୨୦୨୪ରେ ଶେଷ ଚିଠି ଅପ୍‌ଲୋଡ୍ କରିଥିଲେ।

# ରାକେଶ ପଣ୍ଡାଙ୍କୁ 'ଆଦିତ୍ୟ ସେବା ସମ୍ମାନ-୨୦୨୫'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଲେଖନୀ ମାଧ୍ୟମରେ ସମାଜରେ ନିଜର ଶ୍ରେଷ୍ଠ ଅବଦାନ ପ୍ରଦାନ ନିମନ୍ତେ ଯୁବ ସାହିତ୍ୟିକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ ଲେଖକ ବର୍ଗରେ 'ଆଦିତ୍ୟ ସେବା ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଛି। ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ 'ଓଡିଆ କବି ସମ୍ମିଳନୀ-୨୦୨୫' ଅବସରରେ ଭୁବନେଶ୍ୱର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟବକ୍ତା କବି ନିହାର ରଞ୍ଜନ ଦାଶ ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

# ଗ୍ରାମପଞ୍ଚାୟତ, ରାଜସ୍ୱ ଗ୍ରାମ ବୃଦ୍ଧି କରାଯାଉ: ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଏଥି ପାଇଁ ଗ୍ରାମପଞ୍ଚାୟତ ଓ ରାଜସ୍ୱ ଗ୍ରାମ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ପରାମର୍ଶ ଦେଇଛନ୍ତି। ଏ ଦିଗରେ ଅନୁଧ୍ୟାନ କରିବାକୁ ରାଜ୍ୟପାଳ ସରକାରଙ୍କୁ କହିବା ସହ ପଞ୍ଚାୟତ ପରିସର ଓ ଲୋକସଂଖ୍ୟା କମ୍ ରହିଲେ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ସହଜ ହୋଇପାରିବ ବୋଲି ମତ ଦେଇଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା କରି ସରକାରଙ୍କ ପ୍ରତ୍ୟେକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ଜଳ ଜୀବନ ମିସନ୍ ଯୋଜନା ଅନ୍ତର୍ଗତ ଗ୍ରାମୀଣ ଘରୋଇ ପାଇପ୍ ଜଳ ସଂଯୋଗ କ୍ଷେତ୍ରରେ ଅଗ୍ରଗତି ସଂପର୍କରେ ବିଶଦ ଭାବେ ସମୀକ୍ଷା କରିଥିଲେ। ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ସମ୍ମୁଖୀନ ହେଉଥିବା ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ।ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମାନ, ସମୟୋଚିତ କାର୍ଯ୍ୟ ସମାପନ ଓ ଦୀର୍ଘକାଳୀନ ସ୍ଥାୟିତ୍ୱ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ଠିକ୍ ରୂପାୟନ ଜୀବନ ଧାରଣର ମାନରେ ଉନ୍ନତି ଆଣିପାରିବ ବୋଲି କହିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପଞ୍ଚାୟତିରାଜ ସଂସ୍ଥାକୁ ସୁଦୃଢ଼ କରିବା ଓ ଗ୍ରାମୀଣ ବିକାଶକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ସଂପର୍କରେ କହିଥିଲେ। ବିଭାଗୀୟ ଶାସନ ସଚିବ ଏସ. ଏନ୍.ଗିରୀଶ ବିଭାଗୀୟ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ ଓ ବିଭାଗୀୟ ପଦସ୍ଥ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ମାଂସ ବ୍ୟବସାୟରେ ଅର୍ଥ ଲଗାଣ ନାଁରେ ଠକେଇ: କଟକରୁ ବନ୍ଧା ହେଲା କୁଖ୍ୟାତ ଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମାଂସ ବ୍ୟବସାୟରେ ଟଙ୍କା ନିବେଶ କର, ମାସିକ ୧୫ପ୍ରତିଶତରୁ ଅଧିକ ସୁଧ ମିଳିବ। ଲୋକଙ୍କ ମନରେ ବିଶ୍ୱାସ ଆଣିବା ପାଇଁ ପ୍ରଥମେ କିଛି ଲୋକଙ୍କୁ ସୁଧ ଦେଇଥିଲା। ପରେ ସୁଧ ତ ଦୂରର କଥା ମୂଳ ବି ମିଳିନଥିଲା। ଲୋକଙ୍କଠାରୁ ଠକେଇ କରି ବିଦେଶ ଭ୍ରମଣରେ ଟଙ୍କା ଉଡ଼ାଉଥିଲା। ଏଭଳି ଜଣେ କୁଖ୍ୟାତ ଠକକୁ ଖାରବେଳନଗର ଥାନା ପୁଲିସ କଟକରୁ ଗିରଫ କରିଛି। ସେ ହେଲା କଟକ ଦରଗାବଜାର ଥାନା ଓଡ଼ିଆ ବଜାର ଅଞ୍ଚଳର ସେକ୍ ମୁସ୍ତାକୁଦ୍ଦିନ(୫୦)। ସୂଚନା ମୁତାବକ, ବହୁଦିନ ହେବ ୟୁନିଟ୍-୧ ଓ ୟୁନିଟ୍-୪ ଅଞ୍ଚଳରେ ଖାସି ମାଂସ ବ୍ୟବସାୟ କରୁଥିବା ମୁସ୍ତାକୁଦ୍ଦିନ୍ ଅଧିକ ଟଙ୍କା ରୋଗାର ପାଇଁ ଲୋକଙ୍କୁ ଚୂନ ଲଗାଇବାକୁ ଯୋଜନା କରିଥିଲା। ମାଂସ ପାଇଁ ଦୋକାନକୁ ଆସୁଥିବା ହେମନ୍ତ ସାହୁଙ୍କୁ ପୁଞ୍ଜି ନିବେଶ ପାଇଁ କହିଥିଲା। ହେଲେ ତାଙ୍କ ପାଖରେ ଏତେ ଟଙ୍କା ନଥିବାରୁ ଜଣେ ବନ୍ଧୁ ପୁଞ୍ଜିନିବେଶ କରିପାରିବେ ବୋଲି କହିଥିଲେ। କିଛିମାସ ତଳେ ହେମନ୍ତ ତାଙ୍କ ବନ୍ଧୁ ଅବସରପ୍ରାପ୍ତ ସୈନିକ ବାସେନ୍ଦ୍ର କଅଁରଙ୍କୁ ମୁସ୍ତାକୁଦ୍ଦିନ ସହ ପରିଚିତ କରାଇଥିଲେ। ପରିଚୟ ହେବା ପରେ ଠକ ମୁସ୍ତାକୁଦ୍ଦିନ୍ ତାଙ୍କୁ ପାଲରେ ପକାଇବା ପାଇଁ ଲାଗିପଡ଼ିଥିଲା। ତାଙ୍କୁ ମାଂସ ବ୍ୟବସାୟରେ ପୁଞ୍ଜିନିବେଶ ପାଇଁ ପ୍ରବର୍ତ୍ତାଇଥିଲା। ଯେତେ ଟଙ୍କା ନିବେଶ କରିବେ ମାସିକ ୧୫ ପ୍ରତିଶତରୁ ଅଧିକ ସୁଧ ଦେବ ବୋଲି କହିଥିଲା। ବାସେନ୍ଦ୍ର ସହଜରେ ବିଶ୍ୱାସ କରିପାରି ନଥିଲେ। ତେଣୁ ପ୍ରଥମେ ଅଳ୍ପ କିଛି ଟଙ୍କା ଲଗାଇଥିଲେ। ଠକ ମୁସ୍ତାକୁଦ୍ଦିନ୍ ବିଶ୍ୱାସ ଭାଜନ ପାଇଁ ତାଙ୍କୁ ପ୍ରଥମେ ପ୍ରଥମେ ମୋଟା ଅଙ୍କର ସୁଧ ଦେଇଥିଲା। ଟଙ୍କା ପାଇବା ପରେ ହେମନ୍ତ ଅଧିକ ପୁଞ୍ଜିନିବେଶ ପାଇଁ ମନ ବଳାଇଥିଲେ। ତେଣୁ ସେ ହେମନ୍ତ ସାହୁ ଓ ଅନ୍ୟ କିଛି ବନ୍ଧୁଙ୍କ ଉପସ୍ଥିତିରେ ଏଗ୍ରିମେଣ୍ଟ କରି ବିଭିନ୍ନ ପର୍ଯ୍ୟାୟରେ ପାଖାପାଖି ୫୩ଲକ୍ଷ ଟଙ୍କା ନିବେଶ କରିଥିଲେ। ମୁସ୍ତାକୁଦ୍ଦିନ୍ ୨/୩ଲକ୍ଷ ଟଙ୍କା ଦେଇଥିବା ବେଳେ ବାକି ଟଙ୍କା ଫେରାଇ ନଥିଲା। ଟଙ୍କା ମାଗିବାରୁ ସେ ପାଲଟା ଧମକଚମକ ଦେଇଥିଲା। ଏନେଇ ବାସେନ୍ଦ୍ର ଖାରବେଳନଗର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିଲା। ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିଥିବା ମୁସ୍ତାକୁଦ୍ଦିନ ପୁଲିସକୁ ଚକ୍‌ମା ଦେବା ପାଇଁ କେତେବେଳେ ବିଦେଶ ପଳାଉଥିଲା ତ କେତେବେଳେ ରାଜ୍ୟ ବାହାରକୁ ଯାଇ ତାରକା ହୋଟେଲ୍‌ରେ ସମୟ ବିତାଉଥିଲା। ବିଭିନ୍ନ ସମୟରେ ସ୍ଥାନ ବଦଳାଉଥିବାରୁ ତାକୁ ଧରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ଗତକାଲି ରାତିରେ ସେ କଟକରେ ଥିବା ଜାଣିବା ପରେ ଖାରବେଳନଗର ଥାନା ପୁଲିସର ଏକ ଟିମ୍ କଟକସ୍ଥିତ ଘରେ ଚଢ଼ଉ କରି ତାକୁ ଗିରଫ କରିଥିଲା। ଜେରା ପରେ ତାକୁ ଆଜି କୋର୍ଟଚାଲାଣ କରାଯାଇଛି। ତେବେ ସେ ପୂର୍ବରୁ କଟକର ଅନେକ ଲୋକଙ୍କଠାରୁ ଏଭଳି ଠକେଇ କରିଥିବା ଜଣାପଡ଼ିଛି। ସେ ଦିଗରେ ପୁଲିସ ଅଧିକ ଖୋଳତାଡ଼ କରୁଛି।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୭ ପ୍ରତିଶତ ରହିଛି ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ଅବଧିରେ ଭାରତୀୟ ଅର୍ଥନୀତିର ବିକାଶ ହାର ଭଲ ରହିଛି। ଏହି ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୪ ପ୍ରତିଶତ ବଢ଼ିଛି। ବିନିର୍ମାଣ (ମାନୁଫାକ୍ଚରିଂ) ଏବଂ ଖଣି କ୍ଷେତ୍ରର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିବା କାରଣରୁ ଜିଡିପିରେ ଏଭଳି ଉନ୍ନତି ସମ୍ଭବ ହୋଇଛି। ମାନୁଫାକ୍ଚରିଂ ୧୧.୬ ପ୍ରତିଶତ, ନିର୍ମାଣ ୯.୫ ପ୍ରତିଶତ; ବାଣିଜ୍ୟ, ହୋଟେଲ ଓ ପରିବହନ ୬.୭ ପ୍ରତିଶତ, ଆର୍ଥିକ କ୍ଷେତ୍ର ସହିତ ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଛି। ତେବେ ଚିନ୍ତାର ବିଷୟ ହେଲା ସଂଖ୍ୟାଧିକ ଲୋକ କୃଷି ଉପରେ ଏବେ ବି ନିର୍ଭରଶୀଳ ଥିଲେ ମଧ୍ୟ ତୃତୀୟ ତ୍ରୟମାସରେ ଦେଶର କୃଷିକ୍ଷେତ୍ରର ଅଭିବୃଦ୍ଧି ବିଯୁକ୍ତ ୦.୮ ପ୍ରତିଶତ ଅର୍ଥାତ୍ ସଂକୁଚିତ ହୋଇଛି। ଦ୍ୱିତୀୟ ତ୍ରିମାସୀରେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧.୬ ପ୍ରତିଶତ ରହିଥିଲା। ସେହିଭଳି ଗତ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ କୃଷି କ୍ଷେତ୍ର ୫.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ବର୍ତ୍ତମାନ ମୂଲ୍ୟରେ ତୃତୀୟ ତ୍ରୟମାସର ଜିଡିପି ୭୫.୪୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୮.୫୮ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧିରେ ୧୦.୧ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ୨୦୧୧-୧୨ର ସ୍ଥିର ମୂଲ୍ୟରେ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସ ଜିଡିପି ୪୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ର ତୃତୀୟ ତ୍ରୟମାସରେ ଏହା ୪୦.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣି ଏହି ସମୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ବଢ଼ିଥିବା ଆକଳନ ହୋଇଛି।

ଏଥିସହିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୟମାସ ପାଇଁ ମଧ୍ୟ ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯାଇଛି। ପୂର୍ବ ଆକଳନରେ ପ୍ରଥମ ଓ ଦ୍ୱିତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୭.୮ ଏବଂ ୭.୬ ପ୍ରତିଶତ ରହିଥିଲା। କିନ୍ତୁ ଆଜି ଉକ୍ତ ସଂଖ୍ୟା ଯଥାକ୍ରମେ ୮.୨ ପ୍ରତିଶତ ଏବଂ ୮.୧ ପ୍ରତିଶତ ରହିଥିବା ଦର୍ଶାଯାଇଛି। ତୃତୀୟ ତ୍ରୟମାସରେ ଅର୍ଥନୀତିର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିଲା। ତେଣୁ ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ ତୁଳନାରେ ଅଭିବୃଦ୍ଧି ଭଲ ରହିଛି। ଆଜି ପ୍ରକାଶିତ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତବର୍ଷ ପୂର୍ବରୁ କରାଯାଇଥିବା ପ୍ରଥମ ଅଗ୍ରିମ ଆକଳନରେ ଆର୍ଥିକବର୍ଷର ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ବର୍ତ୍ତମାନ ମୂଲ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ୨୯୩.୯୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୨-୨୩ ଆର୍ଥିକବର୍ଷରେ ଏହା ୨୬୯.୫୦ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୧ ପ୍ରତିଶତ ରହିବା ନେଇ ହିସାବ କରାଯାଇଛି। ତେବେ ୨୦୧୧-୧୨ ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ୨୦୨୩-୨୪ ଆର୍ଥିକବର୍ଷର ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ସଂଶୋଧିତ ଆକଳନରେ ବାସ୍ତବ ଜିଡିପି ୧୬୦.୭୧ ଲକ୍ଷ କୋଟି ଟଙ୍କା ରହିବ ବୋଲି କୁହାଯାଇଛି। ତେଣୁ ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୭.୬ ପ୍ରତିଶତ ରହିବା ନେଇ ଏନ୍ଏସ୍ଓ (ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଭାରତୀୟ ଅର୍ଥନୀତିର ତୃତୀୟ ତ୍ରୟମାସ ଜିଡିପି ଅଭିବୃଦ୍ଧି ରିପୋର୍ଟ ଆସିବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ମତ ରଖିଛନ୍ତି। ୮.୪ ପ୍ରତିଶତର ଜିଡିପି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସପାଇଁ ଆମର ପ୍ରଚେଷ୍ଟା ଜାରି ରହିବ, ଯେପରିକି ୧୪୦ କୋଟି ଭାରତୀୟ ଉତ୍ତମ ଜୀବନ ଜିଇଁ ପାରିବେ ଏବଂ ଏକ ବିକଶିତ ଭାରତ ତିଆରି ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମହିମା ଧର୍ମ ଓ ସନ୍ଥ ଶିରୋମଣି ଭୀମଭୋଇ



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫, ଭୁବନେଶ୍ୱର
ମୋ: - ୮୨୪୯୬୫୦୪୧୪



ସତ୍ୟର ଉପାସକମାନେ ଅମର, ଚିର ମହିୟାନ, କାରଣ ଏମାନଙ୍କର ଧର୍ମ, କର୍ମ ଓ ଜ୍ଞାନ ସବୁ ସତ୍ୟମୟ । ଏମାନଙ୍କର ସାଧନାରୁ ସତ୍ୟ- ଶିବ - ସୁନ୍ଦର ପ୍ରକାଶ ଲାଭକରି ଅକଳନ ମଣିମାଣିକ୍ୟପୂର୍ଣ୍ଣ ଅକ୍ଷୟ ଜ୍ଞାନ ଭଣ୍ଡାରକୁ ସମୃଦ୍ଧ କରି ଆସିଛି । ଏମାନଙ୍କର ବୁକୁଚିରି ଯାହା ନିକ୍ୱଣିତ ହୋଇ ଉଠିଛି, ତାହା ସେହି ଅନାମୟ ଧାମର ନିର୍ଦ୍ଦେଶ। ଯେତେବେଳ ସେ ତାଙ୍କର ପ୍ରତି ପାଦପଦ୍ମରେ ଜୀବନକୁ ସମର୍ପିଦେବା ସହିତ କୃତଜ୍ଞ ହେବ। ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚାଇବାରେ ମଧ ସହାୟକ ହେବ।

ସତ୍ୟସାଧକ ଭୀମଭୋଇ ସମସ୍ତ ଭକ୍ତ କବିମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ। ପୃଥିବୀର ସାରସ୍ୱତ ସାଧକ ଓ ସ୍ରଷ୍ଟାମାନଙ୍କ ମଧ୍ୟରେ ସନ୍ଥ କବି ଭୀମଭୋଇ ଏକ ଉଜ୍ଜ୍ୱଳତମ ନକ୍ଷତ୍ର। ତାଙ୍କ ବର୍ଣ୍ଣନାର ତତ୍ତ୍ୱ ସମ୍ଭାର ସାହିତ୍ୟ ରାଜ୍ୟରେ ଅନୁପମ ଝଙ୍କାର ତୋଳିଛି। ନିଜ ଜୀବନକୁ ଯନ୍ତ୍ରଣାର ଅସହ୍ୟ ନର୍କ ମଧ୍ୟରେ ନିକ୍ଷେପକରି ସମାଜର ଦୁଃସ୍ଥ, ନିଃସ୍ୱ , ଅବହେଳିତ ଓ ପୀଡିତର ମୁହଁରେ ହସ ଫୁଟାଇବାକୁ ସର୍ବଦା ସେ ଚେଷ୍ଟିତ। ଏହି ଦୃଷ୍ଟିରୁ ଭୀମଭୋଇ ହେଉଛନ୍ତି ଏକ ଅମଳିନ ବ୍ୟକ୍ତିତ୍ୱ । 'ମହିମା ' ଶବ୍ଦର ଅର୍ଥ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଏହାର ଅର୍ଥ: ମହତ୍ - ଇମନ୍; ଅର୍ଥାତ୍ ମାହାତ୍ମ୍ୟ, ଆଦର, ଶ୍ରେଷ୍ଠ , ସାର, ନିତ୍ୟ ଓ ସତ୍ୟ। ମହିମା ସମସ୍ତଙ୍କ ଠାରୁ ଉର୍ଦ୍ଧ୍ୱରେ। ତେଣୁ ସେ ଶ୍ରେଷ୍ଠ ଓ ସର୍ବଶ୍ରୟ ଅଟନ୍ତି ।

କବି ଭୀମଭୋଇ ଭାରତବର୍ଷର ଏକମାତ୍ର କବି ଯିଏ କି ଜଗତର ଉଦ୍ଧାରପାଇଁ ସର୍ବଦା ବ୍ୟାକୁଳ ଥିଲେ। ପ୍ରାଣୀମାନଙ୍କର ଅପ୍ରମିତ ଦୁଃଖ ତାଙ୍କୁ ଏତେ ପରିମାଣରେ ବ୍ୟଥିତ କରିଥିଲା ଯେ ତାଙ୍କୁ ନିତ୍ୟ ନିରନ୍ତର ଅସହ୍ୟ ବୋଧ ହେଉଥିଲା। ଜଗତବାସୀଙ୍କ ଉଦ୍ଧାର ପାଇଁ ଯଦି ନର୍କଗାମୀ ହେବାକୁ ପଡେ , ତେବେ ସେ ଅକୁଣ୍ଠିତ ଚିତ୍ତରେ ନର୍କବରଣ କରିବାକୁ ମଧ ପ୍ରସ୍ତୁତ ଥିଲେ । ତେଣୁ ମାନବ ହିତୈଷୀ କବି ଭୀମଭୋଇ ଉଦାର କଣ୍ଠରେ ଗାଇଛନ୍ତି :-

' ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ ,
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ। '

ଏହି ଚିରନ୍ତନ, ଉଚ୍ଚକୋଟିର ମାନବବାଦୀ ପଦ ପଙ୍କ୍ତିଟି ନିମ୍ନ ଭାବରେ ଇଂରାଜୀରେ ଅନୂଦିତ ହୋଇ ବିଶ୍ୱମୁଖୀ ହୋଇପାରିଛି -

' Boundless is the anguish and misery of the living
Who can see it and tolerate,
Let my soul be condemned to hell,
But let the universe be redeemed."
(Translated by Dr. Sitakanta Mohapatra)

ଧର୍ମ ଶବ୍ଦର ଅର୍ଥ ହେଉଛି - ଧୃ ଧାତୁରୁ ଧର୍ମ ,

ଅର୍ଥାତ୍ , ' ଯେ ବିଶ୍ୱକୁ ଧାରଣକରେ ବା ରକ୍ଷାକରେ ତାହା ହିଁ ଧର୍ମ ।' ସଂକ୍ଷେପରେ ବୁଝିବାକୁ ହେବ ଯେ, ଯାହାକୁ ଧାରଣ କରାଯାଏ ତାହାକୁ ହିଁ ଧର୍ମ କୁହାଯାଏ। ଏହି ଧର୍ମ ହିଁ ଏକମାତ୍ର ପନ୍ଥା, ଯାହା ମାନବ ସମାଜକୁ ଏକତାର ସୂତ୍ରରେ ଶୃଙ୍ଖଳିତକରି ବାନ୍ଧି ରଖିଥାଏ ।

ଭୀମଭୋଇ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ରେଢାଖୋଲ ଦେଶୀୟ ରାଜ୍ୟର ଗ୍ରାମଡିହା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମୂଳନାମ ଥିଲା ଭୀମସେନ ଭୋଇ ଅରିକ୍ଷିତ ଦାସ । କିନ୍ତୁ ଲୋକେ ଆଦରରେ ତାଙ୍କୁ ଭୀମଭୋଇ ବୋଲି ଡାକୁଥିଲେ । ତାଙ୍କର ପିତାଙ୍କ ନାମ ଥିଲା ଦନାର ଭୋଇ ଏବଂ ମାତାଙ୍କ ନାମଥିଲା ମହରଗୀ ଭୋଇ । ଭୀମଭୋଇଙ୍କର ଜନ୍ମ ଓ ମୃତ୍ୟୁ ସମୟକୁ ନେଇ ବିଭିନ୍ନ ମତବାଦ ରହିଛି । ଅର୍ଥାତ୍ ବିଭିନ୍ନ ଗବେଷକ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ପଠାଣି ପଟ୍ଟନାୟକଙ୍କ ମତରେ ଭୀମଭୋଇ ୧୮୫୫ ଖ୍ରୀଷ୍ଟାବ୍ଦରେ ସମ୍ବଲପୁରର ରେଢାଖୋଲ ଅନ୍ତର୍ଗତ ଗ୍ରାମଡିହା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଏକ କନ୍ଧ ପରିବାରରେ ଓ ୧୮୯୫ ଖ୍ରୀଷ୍ଟାବ୍ଦରେ ତାଙ୍କର ତିରୋଧାନ ହୋଇଥିଲା ।

ଭୀମଭୋଇ ଥିଲେ ମାନବବାଦୀ ମହାଜନ । ସେ ମାନବ ପ୍ରେମୀ , ପ୍ରକୃତି ପ୍ରେମୀ ଓ ବିଶ୍ୱ ପ୍ରେମୀ । ସେ ସନ୍ଥ, ଜଗତଗୁରୁ ତଥା ଜଗତ ଉଦ୍ଧାରକ। ପୃଥିବୀବାସୀଙ୍କୁ ଯେତେବେଳେ ପ୍ରମାଦ ପଡେ , ସେହି ସମୟରେ ସାଧୁ ସନ୍ଥମାନେ ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଡାକନ୍ତି । ସେମାନେ ଗଭୀର ବିଶ୍ୱାସରେ ଈଶ୍ୱରଙ୍କୁ ଡାକନ୍ତି ଏବଂ ସେହି ବିଶ୍ୱାସର ମଧ ସେ ଯଥାର୍ଥ ଉତ୍ତର ପାଇଥାଆନ୍ତି। ନୂତନ ଆହ୍ୱାନ ପାଇ ଥାଆନ୍ତି । ସେହି ଐଶୀ ଆହ୍ୱାନ ପାଇ ସେମାନେ ଜଗତ ଉଦ୍ଧାର ନିମିତ୍ତ ନିଜକୁ ପ୍ରସ୍ତୁତ କରି ନିଅନ୍ତି। ନିଜର ବ୍ୟକ୍ତିଗତ ସୁଖ ସୁବିଧା ଓ ସ୍ୱାର୍ଥକୁ ପରିତ୍ୟାଗ କରି ସେମାନେ ବିଶ୍ୱ କଲ୍ୟାଣରେ ନିଜକୁ ନିୟୋଜିତ କରିଦିଅନ୍ତି। ସେମାନେ ଅନୁଭବ କରନ୍ତି ସତେ ଯେପରି ସେହି ପରମପୁରୁଷ ତାଙ୍କ ନିକଟକୁ ଓହ୍ଲାଇ ଆସିଛନ୍ତି । ଏହା ହେଉଛି ଦିବ୍ୟାନୁଭବ। ଏହା ସମସ୍ତଙ୍କ ଭାଗ୍ୟରେ ଘଟିନଥାଏ। ନିଃସ୍ୱାର୍ଥ, ନିଷ୍କଳଙ୍କ, କାମନାହୀନ, ବିଭୂପ୍ରାଣ ମଣିଷ ଭାଗ୍ୟରେ ଏ ପ୍ରକାର ସୁଯୋଗ ଆସିଥାଏ । ସନ୍ଥକବି ଭୀମଭୋଇ ଏହିପରି ଐଶୀ ଗୁଣର ଅଧିକାରୀ ହୋଇ ଜଗତକୁ ଆଲୋକ ଦେଖାଇଛନ୍ତି , ମାର୍ଗ ପ୍ରଦର୍ଶନ କରିଛନ୍ତି । ଏହି ବିଶାଳ ଓ ବିଚିତ୍ର ସୃଷ୍ଟିର ସୃଜନ ପୁରୁଷ ହେଉଛନ୍ତି ସେହି ଭୂମା ପୁରୁଷ। ସେହିଁ ହେଉଛନ୍ତି ମହାନ୍ ସ୍ରଷ୍ଟା । ତାଙ୍କର ପଟାନ୍ତର ନାହିଁ ।

ସକଳ ଘଟରେ ଯେ ବ୍ରହ୍ମ ପୁରୁଷ ଆତ୍ମା ରୂପେ ବିରାଜିତ - ଏହି ଉପଲବ୍ଧି ଥିଲା ସନ୍ଥକବି ଭୀମଭୋଇଙ୍କର । ଭୀମଭୋଇ ଗାଇଉଠିଛନ୍ତି;

' ସ୍ଥାବରୁ ଜଙ୍ଗମ କୀଟରୁ ପତଙ୍ଗ
ଚାହିଁ ଦେଲେ ଅନୁସରି,
ସକଳ ଘଟରେ ପୂରି ସମାନରେ
ନୋହେ ସାନ ବଡ କରି ।'

ଓଡିଆ ସାହିତ୍ୟରେ ଭୀମଭୋଇ ଏକ ବିସ୍ମୟ । ସେ ହେଉଛନ୍ତି ଓଡ଼ିଶାର ଅନ୍ୟତମ ବିଶିଷ୍ଟ ତଥା ଲୋକପ୍ରିୟ କବି, ସନ୍ଥ, ଧର୍ମପ୍ରଚାରକ, ପ୍ରବକ୍ତା, ଦାର୍ଶନିକ ଏବଂ ସମାଜ ସଂସ୍କାରକ। ଭୀମଭୋଇ ଓଡିଶାର ସାରସ୍ୱତ ଜଗତରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛନ୍ତି । ଓଡିଆ ସାହିତ୍ୟକୁ ସେ ଯେପରି ଭାବରେ ଋଦ୍ଧିମନ୍ତ କରିଛନ୍ତି, ମହିମା ଧର୍ମ ଓ ଦର୍ଶନର ଚିନ୍ତାକକ୍ଷ ଏବଂ ଭାବନାକୁ ସେହିପରି ଭାବରେ ସମୃଦ୍ଧ କରିଛନ୍ତି । ଓଡିଶାରେ ମହିମାଧର୍ମ ଓ ଦର୍ଶନର ସେ ମହାନ୍ ପ୍ରବକ୍ତା । ମହିମା ଧର୍ମମତକୁ ସେ ଅନେକଦିଗରୁ ପରିପୁଷ୍ଟ କରିଛନ୍ତି। ଡକ୍ଟର ମାୟାଧର ମାନସିଂହଙ୍କ ମତରେ ଭୀମଭୋଇ ଅଲେଖ ଧର୍ମର କବି ସମ୍ରାଟ। ବସ୍ତୁତଃ ସେ ଥିଲେ ମାନବବାଦର ଜଣେ ଉତ୍ସାହୀ ପ୍ରଚାରକ । ଓଡିଆ ସାହିତ୍ୟରେ ସେ ହିଁ ଏକମାତ୍ର କବି ଯିଏ କି ଜଗତର ଉଦ୍ଧାର ପାଇଁ ନର୍କ ବରଣ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ। ଏହାହିଁ ଥିଲା ତାଙ୍କର ଅନ୍ତର୍ପୁରୁଷର ବାଣୀ । ବାସ୍ତବିକ କବି ଭୀମଭୋଇ ମାନବବାଦର ଯେଉଁ ସାମସଂଗୀତ ଗାନ କରିଛନ୍ତି , ତାହାର ପଟାନ୍ତର ନାହିଁ ।

ମହିମାଧର୍ମ ଓଡିଶାର ଧର୍ମ ବୋଲି ପ୍ରମାଣିତ। ମହିମାଧର୍ମ ସନାତନ ହିନ୍ଦୁ ଧର୍ମର ଏକ ସଂସ୍କାରପୂର୍ଣ୍ଣ ଧର୍ମ ନିଶ୍ଚିତ। ମହିମାଧର୍ମକୁ ଅଲେଖ ଧର୍ମ ବୋଲି ମଧ୍ୟ କୁହାଯାଏ। ମହିମାଧର୍ମର ପ୍ରବର୍ତ୍ତକ ଓ ପ୍ରତିଷ୍ଠାତା ହେଉଛନ୍ତି ମହିମା ଗୋସେଇଁ । ମହିମା ଗୋସାଇଁଙ୍କ ପ୍ରକୃତ ନାମ ଥିଲା ମୁକୁନ୍ଦ ଦାସ । ୧୮୨୬ ମସିହାରେ ସେ ପ୍ରଥମେ ଆତ୍ମ ପ୍ରକାଶ କରିଥିଲେ। ୧୮୩୮ ଖ୍ରୀଷ୍ଟାବ୍ଦରେ କପିଳାସରେ ପହଞ୍ଚିଲେ ଓ ସେଠାରେ ୧୮ ବର୍ଷ କାଳ ଅତିବାହିତ କରିଥିଲେ । ଏହି କ୍ଷେତ୍ରରେ ନିଜର ପ୍ରିୟ ତଥା ପ୍ରଥମ ଶିଷ୍ୟ ଗୋବିନ୍ଦ ଦାସଙ୍କ ସହାୟତାରେ 'ମହିମାଧର୍ମ' ପ୍ରଚାର ଆରମ୍ଭ କଲେ। ମହିମାଧର୍ମ ହିନ୍ଦୁଧର୍ମର ଏକ ସଂସ୍କାରିତ ରୂପ । ମହିମାଧର୍ମର ମୂଳମନ୍ତ୍ର ହେଉଛି ସେହି ନିରାକାର , ଅନାମ, ନିର୍ଗୁଣ ବ୍ରହ୍ମଙ୍କର ଉପାସନା। ସେହି ବ୍ରହ୍ମ ସର୍ବ ଘଟରେ ସମାନ ଭାବରେ ବିରାଜିତ । ଭୀମଭୋଇ ଲେଖିଛନ୍ତି:-

'ସ୍ଥାବରୁ ଜଙ୍ଗମ କୀଟରୁ ପତଙ୍ଗ
ଚାହିଁ ଦେଲେ ଅନୁସରି ,
ସକଳ ଘଟରେ ପୂରି ସମାନରେ
ନୋହେ ସାନ ବଡ କରି ।'

ମହିମାଧର୍ମ ବ୍ରାହ୍ମଣ୍ୟ ଧର୍ମର ପ୍ରାଧାନ୍ୟକୁ ଅସ୍ୱୀକାର କରେ । ମହିମାଧର୍ମ ମୂର୍ତ୍ତି ପୂଜାକୁ ବିଶ୍ୱାସ କରେ ନାହିଁ। ଭୀମଭୋଇ ସନ୍ଥକବି, ତତ୍ତ୍ୱଜ୍ଞାନୀ , ମହାଗୁରୁ ଓ ଦିବ୍ୟ ଭାବନାର ଅଧିକାରୀ । ଆଗମ ଏବଂ ନିଗମ ଶାସ୍ତ୍ର ବିଷୟରେ ତାଙ୍କର ଧାରଣା ଥିଲା। ତାଙ୍କ ଚେତନାରେ ତ ଦେବାବତରଣ ଘଟିଥିଲା । ସେ ଋଷିପ୍ରାଣ ଥିଲେ । ମାନବ ଶରୀର ଧାରଣ କରିଥିଲେ ମଧ ସେ ଥିଲେ ପରମପିତାଙ୍କର ଅଗ୍ରଦୂତ । ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି' ଭକ୍ତି ଓ ଜ୍ଞାନର ସୁମଧୁର ଝରଣା । ଏଥିରୁ ତାଙ୍କର ଅମାପ ଭକ୍ତି, ଗଭୀର ଆତ୍ମ ନିବେଦନ ଏବଂ ଅସାମାନ୍ୟ ବ୍ରହ୍ମ ଜ୍ଞାନର ପରିଚୟ ମିଳେ । ଏହା ଏକ ଭକ୍ତି ଏବଂ ତତ୍ତ୍ୱଜ୍ଞାନ ସମ୍ବଳିତ ଏକ କମନୀୟ ରଚନା । ସେ ଶୂନ୍ୟବାଦୀ ମଧ ଥିଲେ । ଶୂନ୍ୟ ବ୍ରହ୍ମରେ ସେ ବିଶ୍ୱାସ ରଖନ୍ତି । ସେହି ଶୂନ୍ୟ ବ୍ରହ୍ମ ହେଉଛନ୍ତି ମହିମାମୟ ପୁରୁଷ। ତାଙ୍କର ରୂପରେଖ ନାହିଁ। ସେ ଅଣାକାର , ଅଲେଖ , ନିର୍ଲେପ ଓ ନିରଞ୍ଜନ। ଶବ୍ଦ ରୀତିର ଅଭିନବ ଯୋଗସୂତ୍ର ଭୀମଙ୍କର ରଚନାରେ ଦୃଷ୍ଟିଗୋଚର ହୁଏ । ସଂସ୍କୃତ, ପ୍ରାକୃତ, ଅପଭ୍ରଂଶ, ଦେଶଜ ତଥା ସମ୍ବଲପୁରର ବହୁ ଆଞ୍ଚଳିକ ଶବ୍ଦର ବ୍ୟବହାର ଭୀମଭୋଇ କରିଛନ୍ତି । ଅନୁରୂପ ଭାବେ କେତୋଟି ଶବ୍ଦର ଦୃଷ୍ଟାନ୍ତ ହେଲା :- ଚିଆ, ବୋବି, ଅରଥ, ଆପ୍ୟାନ, ଡିଙ୍ଗର, କୁଇନ୍ତା, ଘାଏ, ଡକ୍ କା , ତୁରୁଷା, ଅର୍ଜେ, ଥୋତ ଇତ୍ୟାଦି। ଭୀମଭୋଇଙ୍କ କବିତ୍ୱ ଅସାଧାରଣ। ତାଙ୍କର ବିରାଟ ରଚନା ମଧ୍ୟରେ କବି ପ୍ରତିଭାର ଜ୍ୱଳନ୍ତ ସ୍ୱାକ୍ଷର ବିଦ୍ୟମାନ। ତାଙ୍କ ରଚିତ 'ସ୍ତୁତି ଚିନ୍ତାମଣି' ଓଡିଆ ସାହିତ୍ୟରେ ଏକ ଅମୂଲ୍ୟ ସାହିତ୍ୟ ରତ୍ନ ଭାବରେ ଆଦୃତ । ମହିମାଧର୍ମ ଗ୍ରହଣ କଲାପରେ ଭୀମଭୋଇଙ୍କ ରଚିତ କବିତାଗୁଡିକ ମଧ୍ୟରେ ସ୍ତୁତି ଚିନ୍ତାମଣି, ଶ୍ରୁତି ନିଷେଧ ଗୀତା, ବ୍ରହ୍ମ ନିରୂପଣ ଗୀତା, ଆଦିଅନ୍ତ ଗୀତା, ମନସଭା ମଣ୍ଡଳ, ଯଶୋବନ୍ତ ମହାମଣ୍ଡଳ, ନିର୍ବେଦ ସାଧନା, ବ୍ରହ୍ମ ଚାଳକ , ଚଉତିଶା ମଧୁଚକ୍ର ପ୍ରଭୃତି ଅନ୍ୟତମ।

ଜାତି ପ୍ରଥା, ଅନ୍ଧ ବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ । ଜ୍ଞାନ ମାର୍ଗକୁ ସେ ପ୍ରାଧାନ୍ୟ ଦେଇଥିଲେ। ତାଙ୍କ ସାଧନାର ପୀଠ 'ଖଲିଆପାଲି' ଆଶ୍ରମ ଏବେ ତାଙ୍କ ପ୍ରତିଭାର ମୂକ ସାକ୍ଷୀ ରୂପେ ବିଦ୍ୟମାନ। ଯୁଗେଯୁଗେ ତାଙ୍କର ଏହି ଧର୍ମ ମାନବ ସମାଜରେ ପ୍ରଚାରିତ ହୋଇ ଗୁରୁଗମ୍ଭୀର କଣ୍ଠରେ ଘୋଷଣା କରୁଥିବ।

# ମେଡିକାଲ ଛାତ୍ରଙ୍କୁ ଧର୍ମେନ୍ଦ୍ର ଭରସା



ସତୀଶ ବିଶ୍ୱାଳ
ସ୍ତମ୍ଭକାର, ଭୁବନପୁର,
ମଧୁପୁରଗଡ, ଧର୍ମଶାଳା,
ଯାଜପୁର,
ମୋ-୯୪୩୭୦୧୯୧୧୭

ମଣିଷ ପାଇଁ ଜୀବନ ସବୁଠାରୁ ମୂଲ୍ୟବାନ। କୌଣସି ରୋଗ ହେଉ କିମ୍ବା ଦୁର୍ଘଟଣାରେ ପିଡିତର ଯନ୍ତ୍ରଣା ଠାରୁ ତାଙ୍କର ଆତ୍ମୀୟ ଏବଂ ପରିବାର ଲୋକଙ୍କ ଦୁଃଖ ଅବର୍ଣ୍ଣନୀୟ। ଏଭଳି ଅବସ୍ଥାରେ ଯନ୍ତ୍ରଣାରେ ଛଟପଟ ହେଉଥିବା କିମ୍ବା ମୃତ୍ୟୁ ସହ ସଂଗ୍ରାମ କରୁଥିବା ରୋଗୀଙ୍କୁ ଠିକଣା ସ୍ୱାସ୍ଥ୍ୟସେବା ନମିଳିବାର ଦୁର୍ଦ୍ଦଶା ମାନବିକତାର ବୁକୁ ଥରାଇ ଦେଇଥାଏ। ଉଣା ଅଧିକେ ପ୍ରତ୍ୟେକ ଦିନ ଏଭଳି ସମ୍ବେଦନଶୀଳ ଅଭିଯୋଗ କେବଳ ଲୁହ ଓ ବୁକୁଫଟା ଚିତ୍କାର ଭିତରେ ପବନରେ ମିଳେଇ ଯାଇଥାଏ। ଏହା କେବଳ ଅନୁଭବୀ ହିଁ ବୁଝିପାରେ। ଅନେକ କ୍ଷେତ୍ରରେ ଡାକ୍ତର ମାନଙ୍କ ଉପରେ ଅଧିକ କାର୍ଯ୍ୟଚାପ ପାଇଁ ସେମାନେ ରୋଗୀର ଆବଶ୍ୟକତା ଅନୁସାରେ ସେବା କିମ୍ବା ପରାମର୍ଶ ଦେଇ ପାରିନଥାନ୍ତି। ଆମ ରାଜ୍ୟରେ ଡାକ୍ତରଙ୍କ ଅଭାବ ଏଭଳି ସମସ୍ୟାର ମୂଳ କାରଣ । ଯଦିଓ ଡାକ୍ତରଖାନା ଗୃହ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀର ଆବଶ୍ୟକତା ରହିଛି। ହେଲେ ଡାକ୍ତର ନଥିଲେ ଗୃହ କିମ୍ବା ଯନ୍ତ୍ରାଂଶ ସେବା ଯୋଗାଇ ପାରିବ ନାହିଁ। ରାଜ୍ୟରୁ ଅଧିକ ଡାକ୍ତରୀ ଛାତ୍ର ବାହାରିଲେ ଏହି ସମସ୍ୟାର ସମାଧାନ ହୋଇ ପାରିବ। ପ୍ରତି ହଜାରେ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଆବଶ୍ୟକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମତ। ଭାରତରେ ପ୍ରତି ୮୩୭ ଲୋକରେ ଜଣେ ଡାକ୍ତର ରହିଛନ୍ତି। କିନ୍ତୁ ଓଡିଶାରେ ୧୬୨୨ ଲୋକରେ ଜଣେ ଡାକ୍ତର ରହିଛନ୍ତି। ରାଜ୍ୟରେ ଏମବିବିଏସ ତଥା ଡାକ୍ତରୀ ସିଟ ସଂଖ୍ୟା ୨,୭୭୫ ଥିବା ବେଳେ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ୫.୪୭୫, ତେଲେଙ୍ଗାନାରେ ୯,୪୦୦, ଆନ୍ଧ୍ରପ୍ରଦେଶରେ ୬,୭୮୫, ତାମିଲନାଡୁରେ ୧୨,୦୫୦, କର୍ଣ୍ଣାଟକରେ ୧୨,୫୪୫ ରହିଛି। ଓଡିଶାରେ ୨୦୨୦ ରୁ ୨୦୨୫ ମଧ୍ୟରେ ମାତ୍ର ୭୨୫ ଟି ଏମବିବିଏସ ସିଟ ବଢିଛି। ସେହି ସମୟରେ ପଶ୍ଚିମବଙ୍ଗରେ ୧୬୯୯, ତେଲେଙ୍ଗାନାରେ ୩୬୩୫, ଆନ୍ଧ୍ରପ୍ରଦେଶରେ ୧୩୬୫, ଉତ୍ତରପ୍ରଦେଶରେ ୪୮୯୬, ତାମିଲନାଡୁରେ ୪୦୦୦ ସିଟ ବଢିଛି। ଓଡିଶାରେ ଗୋଟିଏ ଏମବିବିଏସ ସିଟ ପାଇଁ ୨୧.୭ ଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ହେଲେ ଏହି ଗୋଟିଏ ସିଟ ପାଇଁ ତେଲେଙ୍ଗାନାରେ ୭.୮, ଆନ୍ଧ୍ରପ୍ରଦେଶରେ ୮.୫, ଗୁଜୁରାଟରେ ୧୧.୧, କର୍ଣ୍ଣାଟକରେ ୧୨, ପଶ୍ଚିମବଙ୍ଗରେ ୧୯.୫ ଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଏହି ଦୃଷ୍ଟିରୁ ବିଚାର କଲେ ଓଡିଶାରେ ଅଧିକ ଏମବିବିଏସ ସିଟ ସଂଖ୍ୟା ବଢିବା ଅତ୍ୟାବଶ୍ୟକ। କଳାହାଣ୍ଡି ପରି ପଛୁଆ ଜିଲ୍ଲା ଏବଂ ଅନୁଗୁଳ ପରି ଶିଳ୍ପାଞ୍ଚଳରେ ଯଥାକ୍ରମେ ଫୁଲବାଣୀ ଓ ତାଳଚେରରେ ଦୁଇଟି ମେଡିକାଲ କଲେଜ ଚଳିତ ବର୍ଷ ଖୋଲିବା ପାଇଁ ଓଡିଶା ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ଉଭୟ ମେଡିକାଲ କଲେଜରେ ୨୦୦ ସିଟ ଅନୁମୋଦନ ପାଇଁ ଓଡିଶା ସରକାରଙ୍କ ତରଫରୁ ଲେଟର ଫର ପରମିଶନ (ଏଲଓପି) ଗତ ୧୮ ଜାନୁୟାରୀରେ ନ୍ୟାସନାଲ ମେଡିକାଲ କମିଶନଙ୍କୁ ପଠାଯାଇଛି। ଗତ ମେ ମାସରେ ଫୁଲବାଣୀ ଓ ଗତ ଜୁନ ମାସରେ ତାଳଚେର ପାଇଁ କମିଶନଙ୍କ ତରଫରୁ କ୍ଷେତ୍ର ପରିଦର୍ଶନ କରାଯାଇ ଥିଲା। ହେଲେ ଉଭୟ କଲେଜରେ କିଛି ତ୍ରୁଟି ସୁଧାରିବା ପାଇଁ କମିଶନ ଜୁଲାଇ ୧୦ ତାରିଖରେ ପତ୍ର ପ୍ରଦାନ କରିଥିଲେ। ଉଭୟ କଲେଜ କର୍ତ୍ତୃପକ୍ଷ ତ୍ରୁଟିରେ ସୁଧାର ଆଣି ପୁନଃ ତିନିଦିନ ମଧ୍ୟରେ କମିଶନଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାପରେ ୬ ଅଗଷ୍ଟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୋଟିଏ ପ୍ରତିନିଧି ଦଳ ସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ସାକ୍ଷାତ କରି ତୁରନ୍ତ ଏହି ଶିକ୍ଷାବର୍ଷରେ ଦୁଇଟି ମେଡିକାଲ କଲେଜ ଖୋଲିବା ପାଇଁ ଅନୁରୋଧ କରିଥିଲେ। ଆସନ୍ତା ଶିକ୍ଷାବର୍ଷରେ ରାଜ୍ୟରେ ଆଉ ୪ ଟି ଏମବିବିଏସ କଲେଜ ଏବଂ ଗୋଟିଏ ଆୟୁର୍ବେଦିକ କଲେଜ କାର୍ଯ୍ୟକ୍ଷମ ହେବ ବୋଲି ଘୋଷଣା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ଆସନ୍ତା ୨୩ ତାରିଖରେ ସର୍ବଭାରତୀୟ ସ୍ତରରେ ମେଡିକାଲ କାଉନସିଲ ତରଫରୁ ଦ୍ୱିତୀୟ ଥରର ଏମବିବିଏସ ପଢିବାକୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ତାଲିକା ପ୍ରକାଶ ପାଇବାକୁ ଯାଉଛି। ହେଲେ ସରକାରଙ୍କ ଘୋଷଣା ଅନୁସାରେ ଚଳିତ ବର୍ଷ ଖୋଲିବାକୁ ଥିବା ତାଳଚେର ଏବଂ ଫୁଲବାଣୀ ମେଡିକାଲ କଲେଜ ନେଇ ରାଜ୍ୟବାସୀ କୌଣସି ସୂଚନା ପାଇ ପାରୁ ନାହାନ୍ତି। ଦ୍ୱିତୀୟ ଥରର ତାଲିକା ପ୍ରକାଶ ସମୟ ପୂର୍ବରୁ ଏହି ମେଡିକାଲ କଲେଜ କାର୍ଯ୍ୟକ୍ଷମ ନହେଲେ ଏଥିପାଇଁ ଅପେକ୍ଷାରେ ଥିବା ଓଡିଆ ଛାତ୍ରଛାତ୍ରୀ ନିରାଶ ହେବେ। ସରକାରଙ୍କ ଏହି ଦୁଇଟି କଲେଜ ଖୋଲିବା ନେଇ ଖୁସିରେ ଥିବା ବହୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ଏବେ ଘୋର ଚିନ୍ତାରେ ଅଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ ପ୍ରଧାନଙ୍କ କେନ୍ଦ୍ର ସରକାରରେ ଯଥେଷ୍ଟ ଗୁରୁତ୍ୱ ରହିଛି। ପ୍ରତ୍ୟେକ କ୍ଷେତ୍ରରେ କେନ୍ଦ୍ର ସରକାରରେ ଓଡିଆ ଲୋକଙ୍କ ବଳ ହେଉଛନ୍ତି ଧର୍ମେନ୍ଦ୍ର। ଦେଶ ପାଇଁ ଧର୍ମେନ୍ଦ୍ର ହେଉଛନ୍ତି ଓଡିଆ ଲୋକଙ୍କ ସ୍ୱର। ତାଳଚେର କଲେଜ ମଧ୍ୟ ଧର୍ମେନ୍ଦ୍ରଙ୍କ ନିଜସ୍ୱ ରାଜନୈତିକ କ୍ଷେତ୍ର ଅନ୍ତର୍ଗତ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ କ୍ଷମତାରେ ଥିବା ଡବଲ ଇଂଜିନ ସରକାର ଆଦିବାସୀଙ୍କ ବିକାଶ ପ୍ରତି ଗୁରୁତ୍ୱାରୋପ କରୁଛନ୍ତି। ଫୁଲବାଣୀ ପରି ପଛୁଆ ଅଂଚଳରେ ହେବାକୁ ଥିବା ଏହି ମେଡିକାଲ କଲେଜର ମଧ ଯଥେଷ୍ଟ ଆବଶ୍ୟକତା ରହିଛି। ଅପର ପକ୍ଷରେ ସାଧାରଣ ବର୍ଗର ବହୁ ଓଡିଆ ଛାତ୍ରଛାତ୍ରୀ ଅକ୍ଲାନ୍ତ ପରିଶ୍ରମ କରି ନିଟ ପରୀକ୍ଷାରେ ସଫଳ ହୋଇଥିଲେ ମଧ ସଂରକ୍ଷଣର ବ୍ୟବସ୍ଥାରେ ସେମାନେ ଏମବିବିଏସ ସିଟଟିଏ ନପାଇ ଘୋର ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏହି ଦୁଇଟି କଲେଜ ଖୋଲିଲେ ସେମାନଙ୍କ ଭବିଷ୍ୟତ ସୁନିଶ୍ଚିତ ହେବା ଆଶାରେ ଏବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭରସାରେ ରହିଛନ୍ତି। ଯଦିଓ ଏଥିପାଇଁ ଉଭୟ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଉଛି। ହେଲେ ଠିକଣା ସମୟରେ ଏହା କାର୍ଯ୍ୟକାରୀ ହେବା ଆବଶ୍ୟକ। ଡବଲ ଇଂଜିନ ସରକାର କ୍ଷମତାକୁ ଆସିବା ପରେ ଚଳିତ ବର୍ଷ ଏହି ଦୁଇଟି କଲେଜ କାର୍ଯ୍ୟକ୍ଷମ ହୋଇ ପାରିଲେ, ଏହା ସରକାରଙ୍କ ପାଇଁ ବଡ ସଫଳତା ହେବ।

# ଅବତାର



ମୌଲାନା ଫଜଲ ହକ ଖାନ
ମଙ୍ଗଳାବାଗ-କଟକ
୯୬୯୨୨୨୫୦୫୭

ଶ୍ରୀମଦ୍ ଭାଗବତ ଗୀତାର ଚତୁର୍ଥ ଅଧ୍ୟାୟର ଶ୍ଳୋକ ନଂ ୭-୮ରେ ଲେଖାଅଛି, ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତଃ, ଅଭ୍ୟୁଥାନ: ଅଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ, ପରିତ୍ରାଣାୟଃ ସାଧୁନାଂ ବିନାଶାୟଃଚ ଦୁଷ୍କୃତାଂ ଧର୍ମ ସଂସ୍ଥାପନାର୍ଥାୟଃ ସମ୍ଭବାମି ଯୁଗେ ଯୁଗେ ॥ ଅର୍ଥାତ୍ ଯେତେ ବେଳେ ଧର୍ମର କ୍ଷୟ ଓ ଅଧର୍ମର ବୃଦ୍ଧି ହୁଏ ସେତେ ବେଳେ ଧର୍ମର ପ୍ରତିଷ୍ଠା ପାଇଁ ମୋର ଆବିର୍ଭାବ ହୁଏ।

ପବିତ୍ର କୋରାନ କୁହେ ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଗୋଷ୍ଠୀରେ ନବୀ, ରସୁଲ ବା ଅବତାରମାନେ ସଚେତକ ବା ପଥପ୍ରଦର୍ଶକ ଭାବେ ଆବିର୍ଭାବ ହୋଇଥାନ୍ତି । ଇସଲାମ କୁହେ କୌଣସି ଅବତାରଙ୍କ ମଧ୍ୟରେ ପାର୍ଥକ୍ୟ ନକରି ସେମାନଙ୍କୁ ସମ୍ମାନ ପ୍ରକଟ କରିବା ଉଚିତ୍ । ସତ୍ୟ ଯୁଗରେ ନୃସିଂହ ଅବତାର ଆସିଥିଲେ । ପାପୀ ହିରଣ୍ୟକଶ୍ୟପୁକୁ ବଧ କରି ଅବତାରତ୍ୱର ସମ୍ମାନ ଓ ମର୍ଯ୍ୟାଦା ସ୍ଥାପିତ କରିଥିଲେ। ତ୍ରେତୟା ଯୁଗରେ ରାମଚନ୍ଦ୍ର ଅବତାରତ୍ୱର ବେଶରେ ଆସିଥିଲେ । ପାପୀ ରାବଣର ଲଙ୍କାକୁ ଧ୍ୱଂସକରି ରାବଣକୁ ନିପାତ କଲେ ଏବଂ ଅଧର୍ମକୁ ବିନାଶ କରି ଧର୍ମକୁ ପ୍ରତିଷ୍ଠା କଲେ । ସେହିଭଳି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାର ରୂପରେ ଆସି ପାପୀ କଂସର ଅନ୍ୟାୟ ଓ ଅତ୍ୟାଚାରକୁ ଦମନ କରି "ବିନାଶୟ ଚ ଦୁଷ୍କୃତାମ୍''ର ନିଦର୍ଶନ ଦେଖାଇଲେ। ନବୀଶ୍ରେଷ୍ଠ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଭାରତ ବର୍ଷରେ କହ୍ନେଆ ନାମକ ଜଣେ ଅବତାର ଆସିଛନ୍ତି, ଯାହାଙ୍କ ରଙ୍ଗ ଶ୍ୟାମଳ ।

ପବିତ୍ର ଜନ୍ମାଷ୍ଟମୀ ଦିବସ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନ । ଜନ୍ମ ଦିନର ସ୍ମୃତିରକ୍ଷା ଉତ୍ସବ ପାଳନ ସ୍ୱରୂପ ପୂଜାର୍ଚ୍ଚନା ଓ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ଏହି ବାହ୍ୟ ଉପଚାର ସହିତ ମନରେ ପ୍ରକୃତ କୃଷ୍ଣ ପ୍ରେମ ଜାଗ୍ରତ କରିବା ତଥା ତାଙ୍କର ଆଧାତ୍ମିକ ଜୀବନ ଚରିତ ଏବଂ ସାଙ୍କେତିକ ଭାଷାକୁ ବୁଝିବା ଆବଶ୍ୟକ। ଶ୍ରୀକୃଷ୍ଣ ଥିଲେ ଗୋପ ଓ ଗୋପୀମାନଙ୍କ ପାଳକ । ଯାହାଙ୍କୁ ଅନ୍ୟ ଅର୍ଥରେ ଗୋପାଳ କୁହାଯାଏ । ଶ୍ରୀକୃଷ୍ଣ ବିଷୟରେ କୁହାଯାଏ କି ସେ ଗୋପୀମାନଙ୍କର ବସ୍ତ୍ର ହରଣ କରି ତାଙ୍କ ସହ ଜଳକେଳି କରୁଥିଲେ । ଅର୍ଥାତ୍ ସେ ତାଙ୍କ ମାନ୍ୟକାରୀମାନଙ୍କ ଠାରୁ ସେମାନଙ୍କ ଧର୍ମ ଭୀରୁତାର ଜୀର୍ଣ୍ଣ ଓ ମଳିନ ପୋଷାକକୁ ହଟାଇ ଐଶ୍ୱରୀୟ ବାଣୀ ଦ୍ୱାରା ଧର୍ମପିପାସୁଙ୍କ ତୃଷା ନିବାରଣ କରୁଥିଲେ । କୁହାଯାଏ ଶ୍ରୀକୃଷ୍ଣ ବଂଶୀ ବଜାଇ ଗୋପୀମାନଙ୍କୁ ନିଜର କରିନେଉଥିଲେ । ଜାଣିବା ଉଚିତ୍ ଯେ ବଂଶୀର ନିଜସ୍ୱ କୌଣସି ଧ୍ୱନୀ ନାହିଁ । ଯେକେହି ତାକୁ ବଜାଇଥାଏ ତାର ଧ୍ୱନୀ ବଂଶୀ ଦ୍ୱାରା ଧ୍ୱନିତ ହୋଇଥାଏ । ଅର୍ଥାତ୍ କୃଷ୍ଣ ଥିଲେ ପରମେଶ୍ୱରଙ୍କ ହସ୍ତର ଦିବ୍ୟବଂଶୀ । ଐଶ୍ୱରୀକ ବାଣୀ ତାଙ୍କ ମାଧ୍ୟମରେ ଧ୍ୱନିତ ହେଉଥିଲା। ସେ ଈଶ୍ୱରଙ୍କ ବାଣୀକୁ ଗୋପୀମାନଙ୍କୁ ଶୁଣାଉ ଥିଲେ । ସେହି ଈଶ୍ୱର ପ୍ରେମୀମାନେ ଐଶୀବାଣୀ ଧ୍ୱନୀରେ ପାଗଳ ହୋଇ ଘର, ଦ୍ୱାର, କୁଳ ଓ ମାନ ମର୍ଯ୍ୟାଦାକୁ ତେଜି ତାଙ୍କରି ଆଡ଼କୁ ଧାଇଁ ଆସୁଥିଲେ । ଶ୍ରୀକୃଷ୍ଣଙ୍କ ସହ ରାଧା ନାମ ବେଶ ପରିଚିତ । ଯିଏ ଧାନ କରେ ନିଜ ଆରାଧ ଦେବତାଙ୍କୁ, ସେ ହେଉଛନ୍ତି ରାଧା। ଏହି ଶବ୍ଦଟି ଆରାଧନା ଶବ୍ଦରୁ ଉଦ୍ଧୃତ । କୃଷ୍ଣ ନାମ ଜପ କରିବା ଓ ଧାନରତ ହେବାରେ ଉପାସନାକାରୀର ଜୀବନ ଉଦ୍ଭାସିତ ହୋଇଥାଏ। ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, '' ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିସ୍ୟାମି ମା ଶୁଚଃ ''ଅର୍ଥାତ୍ ହେ ଅର୍ଜୁନ ! ତୁମେ ସବୁ ମନ ଗଢା ଧର୍ମ ତ୍ୟାଗ କରି ମୋର ଶରଣ ନିଅ । ମୁଁ ତୁମକୁ ସବୁ ପାପରୁ ମୁକ୍ତି ଦେବି । ଶୋଚନା କରନାହିଁ । ଏହି ଦେହଧାରୀ ମାନବାବତାର ହିଁ ସକଳ ଚିନ୍ତନ ଓ ଶକ୍ତିର ମୂଳଉତ୍ସ । ସେମାନେ ଈଶ୍ୱରଙ୍କୁ ପାଇବାର ମୂଳ ଆଧାର ହୋଇ ଆସିଥାନ୍ତି ।

ଏଯୁଗର ପଥପ୍ରଦର୍ଶକ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ସର୍ବଶକ୍ତିମାନ ଅଲ୍ଲାଃ ମୋତେ ଶ୍ରୀକୃଷ୍ଣଙ୍କ ସଂବନ୍ଧରେ ଦୈବୀବାଣୀ ମାଧ୍ୟମରେ କହିଛନ୍ତି କି '' ହେ କୃଷ୍ଣ ରିଦ୍ର ଗୋପାଲ୍ ତେରି ମହିମା ଗୀତା ମେଁ ଲିଖିଗଇ ହେ।''ଅର୍ଥାତ୍ ହେ କୃଷ୍ଣ ରୁଦ୍ର ଗୋପାଳ ତୁମ ମହିମା ଗୀତାରେ ଲେଖାହୋଇଛି ।

ପୁଣି କୁହନ୍ତି ...ଜଣେ ମହାନ ଯଶସ୍ୱୀ ସନ୍ଥ ଆମ ଦେଶ ଭାରତ ଓ ବଙ୍ଗରେ 'ଶ୍ରୀକୃଷ୍ଣ'ନାମରେ ପରିଚିତ। ସେ ଜଣେ ଐଶୀବାଣୀ ଗ୍ରହୀତା ହୋଇଥିବାରୁ ନିଜକୁ ଈଶ୍ୱରଙ୍କ ଦିବ୍ୟ ସ୍ୱରୂପ ଭାବରେ ପ୍ରତିପାଦିତ କରିଛନ୍ତି। ତାଙ୍କର ଅନୁଗାମୀମାନେ ଈଶ୍ୱର ପ୍ରେରିତ ବାର୍ତ୍ତାବହ ରୂପେ ତାଙ୍କୁ ଯେ କେବଳ ସ୍ୱୀକାର କରନ୍ତି ସେତିକି ନୁହେଁ, ବରଂ ତାଙ୍କୁ ସ୍ୱୟଂ ଈଶ୍ୱର ରୂପେ ମାନ୍ୟତା ଦେଇଥାନ୍ତି। ତେବେ ଏହା କହିବା ବାହୁଲ୍ୟ ଯେ ଶ୍ରୀକୃଷ୍ଣ ନିଜ ସମୟର ଈଶ୍ୱରଙ୍କ ପ୍ରତିନିଧିତ୍ୱ କରୁଥିବା ଅବତାରୀ ପୁରୁଷ ଥିଲେ। ସେ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ ମଧ କରୁଥିଲେ । ପୁଣି କୁହନ୍ତି; 'ଥରେ ମୁଁ କୃଷ୍ଣଙ୍କୁ ସ୍ୱପ୍ନରେ ଦେଖିଲି। ସେ କଳା ବର୍ଣ୍ଣର ଥିଲେ, ତାଙ୍କର ନାକ ପତଳା, ଚଉଡ଼ା ମଥା ଥିଲା। ସେ ଉଠି ପଡ଼ି ନିଜ ନାକ ମୋ ନାକ ସହିତ ଓ ନିଜ ମଥା ମୋ ମଥା ସହିତ ଘଷି ଜଡ଼ିତ କରିଦେଲେ ।'

ପୁଣି ସଂସ୍ଥାପକ ଅହମଦୀୟା ମୁସଲିମ ସଂଗଠନ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି ମୁଁ କୃଷ୍ଣଙ୍କୁ ଗଭୀର ପ୍ରେମ କରେ । କାରଣ ମୁଁ ତାହାଙ୍କ ସ୍ୱରୂପରେ ରୂପାୟିତ ହୋଇଛି। '... ରାଜା ଶ୍ରୀକୃଷ୍ଣଙ୍କୁ ଯେଉଁ ପ୍ରକାରରେ ମୋ ଠାରେ ପ୍ରକାଶିତ କରାଯାଇଛି, ବାସ୍ତବରେ ସେ ଜଣେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱଧାରୀ ଉତ୍ତମ ପୁରୁଷ ଥିଲେ, ଯାହାର ଦୃଷ୍ଟାନ୍ତ ହିନ୍ଦୁମାନଙ୍କର କୌଣସି ମୁନି ଋଷି ଅବା ଅବତାରମାନଙ୍କ ଠାରେ ଦେଖାଯାଏ ନାହିଁ । ନିଜ ସମୟରେ ସେ ଅବତାର ଥିଲେ, ଯାହାଙ୍କ ଠାରେ ପ୍ରଭୁଙ୍କ ଆଡୁ ପବିତ୍ର ଆତ୍ମା ଅବତୀର୍ଣ୍ଣ ହେଉଥିଲା। ସେ ପ୍ରଭୁଙ୍କ ତରଫରୁ ବିଜୟର ସୌଭାଗ୍ୟ ପ୍ରାପ୍ତ କରିଥିଲେ, ଯିଏ କି ଆର୍ଯ୍ୟାବର୍ତ୍ତର ଭୂମିକୁ ପାପ ମୁକ୍ତ କରିଥିଲେ । ... ସେ ପ୍ରଭୁଙ୍କ ପ୍ରେମରେ ପରିପୂର୍ଣ୍ଣ ଥିଲେ ଓ ସାଧୁମାନଙ୍କ ସହିତ ମିତ୍ରତା ତଥା ଅସାଧୁମାନଙ୍କ ସହିତ ଶତ୍ରୁତା କରୁଥିଲେ ।'

ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି; ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିୟାନ, ହିନ୍ଦୁ ଓ ଆର୍ଯ୍ୟମାନଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବ ସମାଜକୁ ଏପରି ପ୍ରେମ କରେ, ଯେପରି ଜଣେ କରୁଣାମୟୀ ମାତା ତା' ସନ୍ତାନକୁ ପ୍ରେମ କରେ, ବରଂ ତା' ଠାରୁ ମଧ ଅଧିକ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତ୍ତବ୍ୟ। କଳିର ଅଧର୍ମ କାଳରେ ଧର୍ମ ଓ ସତ୍ୟର ଜୟ ହେଉ। ପାପ ଓ ଅସତ୍ୟର ବିନାଶ ହେଉ । ଶ୍ରୀକୃଷ୍ଣଙ୍କ '' ସମ୍ଭବାମି ଯୁଗେ ଯୁଗେ''ର ଯୁଗନ୍ତକାରୀ ବାର୍ତ୍ତା। ଅଶାନ୍ତ ଜଗତକୁ ଶାନ୍ତି, ପ୍ରେମ ଓ ମୈତ୍ରୀର ନୂତନ ଦିଗ୍‌ଦର୍ଶନ ଦେଉ । ଏହା ହିଁ ପବିତ୍ର ଜନ୍ମାଷ୍ଟମୀରେ ଆମର କାମନା।

'' ମେଁ ମୁସଲିମ୍ ହୁଁ ତୁ ହିନ୍ଦୁ ହୈ
ଦୋନୋ ହି ଇନ୍‌ସାନ୍ ।
ଲା' ମେଁ ତେରି ଗୀତା ପଢଲୁଁ ତୁ
ପଢଲେ କୋରାନ୍ ॥
ଅପନେ ତୋ ଦିଲ୍ ମେଁ ହୈ ଦୋସ୍ତ
ବସ୍ ଏକ୍ ହି ଅରମାନ୍ ।
ଏକ୍ ଥାଲି ମେଁ ଖାନା ଖାଏ ସାରା
ହିନ୍ଦୁସ୍ତାନ୍ ॥''

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଅଗଷ୍ଟ ୨୦୨୫ ରବିବାର







# ରାୟଗଡ଼ାରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଜାରି:ସମସ୍ତ କାର୍ଯ୍ୟ ଠପ୍

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

୧୦ ଦଫା ଦାବି ପୂରଣ ପାଇଁ ରାଜ୍ୟ ରାଜସ୍ୱ ଅମଲା ସଂଘର ଡାକରାରେ ଜିଲ୍ଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ଚାଲିଥିବା କଲମଛାଡ଼ ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି । ଏଥିପାଇଁ ସାଧାରଣ ଲୋକଙ୍କ ସେବା ବ୍ୟାହତ ଯୋଗୁ ଲୋକ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିଲେ ମଧ୍ୟ ରାଜ୍ୟ ସରକାର ନିଶ୍ଚିନ୍ତରେ ରହିଛନ୍ତି । ରାୟଗଡା ଶାଖାର ପ୍ରାୟ ୨୮୦ ଜଣ ରାଜସ୍ୱ ଅମଲା ଏହି କଲମ ଛାଡ଼ ଆନ୍ଦୋଳନରେ ଅଂଶ ଗ୍ରହଣ କରିଛନ୍ତି । ଜିଲ୍ଲାର ୧୧ ଟି ବ୍ଲକ ଓ ତହସିଲର କର୍ମଚାରୀମାନେ ରାୟଗଡା ଓ ଗୁଣପୁରରେ ଡେରା ପକାଇ ଧାରଣା ଦେଇଛନ୍ତି । ଆନ୍ଦୋଳନ ପାଇଁ ଜିଲ୍ଲାପାଳ, ବ୍ଲକ, ତହସିଲ, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ କାମ ବନ୍ଦ ହୋଇଯାଇଛି । କେବଳ ସାଧାରଣ ଲୋକ ପ୍ରଭାବିତ ହୋଇନାହାନ୍ତି, ଅଫିସରମାନେ ମଧ୍ୟ ଦୁଇ ସପ୍ତାହ ହେଲା ହାତବାନ୍ଧି ଚୁପ୍ ବସିଛନ୍ତି । ଗତ ୨୦୧୭ ମସିହାରୁ କ୍ରମାଗତ ଭାବେ ଅମଲାମାନେ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛି ବୋଲି ଗୁଣପୁର ଠାରେ ଜିଲ୍ଲା ଅମଲା ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ଅଭିଯୋଗ କରିଛନ୍ତି । ଅମଲା ସଂଘ ପକ୍ଷରୁ ସରକାର ଦାବି ପ୍ରତି ଚରମ ଉଦାସୀନତାର ପ୍ରତିବାଦ କରିଥିଲେ । ଯେଉ ପର୍ଯ୍ୟନ୍ତ ସରକାର ଅମର ଦାବି ଗୁଡିକ ପୂରଣ କରିନାହାନ୍ତି ସେ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ ବୋଲି ସ୍ପଷ୍ଟ କରିଥିଲେ । ସରକାର ଅମଲା ମାନଙ୍କର ନ୍ୟାର୍ଯ୍ୟଦାବି ପୂରଣ କରିବା ପରିବର୍ତ୍ତେ ଧମକ ଓ ଚେତାବନୀ ମାଧ୍ୟମରେ ଚାପ ସୃଷ୍ଟି କରି ଆନ୍ଦୋଳନକୁ ଭଣ୍ଡୁର କରିବା ନିମନ୍ତେ ଉଦ୍ୟମ କରାଯାଉଛି ବୋଲି ଅମଲା ସଂଘର ସାଧାରଣ ସମ୍ପାଦକ ଅଜୟ ନାହାକ କ୍ଷୋଭ ପ୍ରକାଶ କରିଛନ୍ତି । ଦାବି ଗୁଡିକ ତୁରନ୍ତ ପୂରଣ କରି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଅମଲା ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଜିଲ୍ଲା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ମଣ୍ଡଳ, ସାଧାରଣ ସମ୍ପାଦକ ଅଜୟ ନାହାକ, ଆହ୍ୱାନ୍ କାଉନ୍ସିଲ୍ ଚେୟାରମେନ୍ ରାମଚନ୍ଦ୍ର ରଥ, ବରିଷ୍ଠ ସଦସ୍ୟ ଅରୁଣ କୁମାର ପାଢ଼ୀ, ଉପ ସଭାପତି ରବି ପାଟଯୋଶୀ, ଗୁଣୁପୁର ଉପସଭାପତି ବଳରାମ ଭୂୟାଁ, ଯୁଗ୍ମ ସମ୍ପାଦକ ବବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସ କବ୍‌ଜାରେ ସୁନା ଚେନ୍ ଓ ମୋବାଇଲ୍ ଲୁଟେରା

**ବାଲେଶ୍ୱର, ନ୍ୟୁଜ୍**

ପ୍ରାତଃ ଭ୍ରମଣ ବା ଅନ୍ୟାନ୍ୟ କାର୍ଯ୍ୟରେ ଯାଉଥିବା ଏକାକିନୀ ମହିଳାଙ୍କ ଠାରୁ ମୋବାଇଲ, ସୁନା ଚେନ୍ ପ୍ରଭୃତି ଛିନ୍‌ତାଇ ଘଟଣା ସଂପ୍ରତି ଜନସାଧାରଣଙ୍କୁ ଆତଙ୍କିତ କରିବା ସହ ପୋଲିସ ପାଇଁ ବିଡମ୍ବନାର କାରଣ ପାଲଟିଛି । ଗତ ୩ ତାରିଖ ସକାଳେ ସେଣ୍ଟ୍ରାଲ ସ୍କୁଲ ଛକରୁ ଆଇଟି ଛକ ମଧ୍ୟରେ ଜଣେ ବୟସ୍କା ମହିଳାଙ୍କ ବେକରୁ ସୁନାଚେନ ଛିନ୍‌ତାଇ ନେଇ ଦୁଇ ଲୁଟେରା ଚମ୍ପଟ୍ କରିଥିଲେ । ଟାଉନ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଟାଉନ ଥାନାର ସୁନହଟ ଆକତପୁର ଅଞ୍ଚଳର ସୁରଜ କୁମାର (୨୪) ଓ ସଦର ଅନ୍ତର୍ଗତ ପଦା ଗାଁର ଲିପୁ ଓରଫ ଶଶୀକାନ୍ତ ସକୁ (୨୭) ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସେମାନଙ୍କ ଠାରୁ ଦୁଇଟି ସୁନା ଚେନ୍, ଗୋଟିଏ ମୋବାଇଲ ଫୋନ୍ ଓ ହୋଣ୍ଡା ଏକ୍ଟିଭା ସ୍କୁଟିକୁ ଜବତ କରାଯାଇଛି । ଅଭିଯୁକ୍ତ ସୁରଜ ନାମରେ ସହଦେବଖୁଣ୍ଟା, ଟାଉନ, ଶିଳ୍ପାଞ୍ଚଳ, ଖନ୍ତାପଡା, ସଦର ଓ ସୋର ଥାନାରେ ୯ଟି ମାମଲା ଓ ଲିପୁ ନାମରେ ସଦର ଥାନାରେ ଗୋଟିଏ ମାମଲା କୋର୍ଟରେ ବିଚାରାଧୀନ ଅଛି ।

# ‘ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ’

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ‘ଆସ ସ୍କୁଲ ଯିବା’ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ରବିନ୍ଦ୍ର କୁମାର ମଲିକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ଡିଓ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ସ୍ୱପ୍ନର ଓଡ଼ିଶା ଗଠନରେ ମୂଳଦୁଆ ହେଉଛି ବିଦ୍ୟାଳୟ ଶିକ୍ଷା, ୫ ବର୍ଷରୁ ୧୮ ବର୍ଷ ବୟସ୍କ ପ୍ରତ୍ୟେକ ପିଲା ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ ହେଲେ ଏହି ଅଭିଯାନ ସଫଳ ହେବା ସହ ଆମ ରାଜ୍ୟ ପୂର୍ଣ୍ଣ ଶିକ୍ଷିତ ଓ ବିକଶିତ ହୋଇପାରିବ ବୋଲି ଆଲୋଚନା କରାଯାଇଥିଲା । ଯେଉଁ ପିଲାମାନେ ପୂର୍ବରୁ ନାମ ଲେଖାଇଥିଲେ ମଧ୍ୟ ବର୍ତ୍ତମାନ ସ୍କୁଲ ଛାଡିଛନ୍ତି ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବା, ଯେଉଁମାନେ ଆଦୌ ସ୍କୁଲକୁ ଆସିନାହାଁନ୍ତି, ସେମାନଙ୍କୁ ବୟସ ଅନୁପାତରେ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା, ଯେଉଁମାନେ ନାମ ଲେଖାଇ ପାଠ ପଢୁଛନ୍ତି ସେମାନେ ଯେପରି ଅଧାରୁ ପାଠ ଛାଡିବେ ନାହିଁ ଓ ପାଠପଢା ଜାରି ରଖିବେ ତାହା ସୁନିଶ୍ଚିନ୍ତ କରିବା । ପିଲାମାନଙ୍କୁ ଶିକ୍ଷା ସହ ଯୋଡି ରଖି ଆବଶ୍ୟକତା ଅନୁଯାଇ ସହାୟତା ପ୍ରଦାନ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ‘ଆସ ସ୍କୁଲ ଯିବା’ ଅଭିଯାନକୁ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟମାନଙ୍କୁ ନେଇ ଅଭିଯାନର ପଦଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି ।

# ‘ରାଜ୍ୟରେ ବିଜେପି ସରକାର ଗଠନରେ ଭଦ୍ରକବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ବିଜେପି ସରକାର ଗଠନ ହେବାରେ ଭଦ୍ରକ ଜିଲ୍ଲାବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ରାଜ୍ୟରେ ଚତୁର୍ଥ ଥର ପାଇଁ ମନମୋହନ ସଭାପତି ନିର୍ବାଚିତ ହେବା ପରେ ନିଜ ଜିଲ୍ଲା ଭଦ୍ରକକୁ ପ୍ରଥମ ଗସ୍ତ ଅବସରରେ ଜିଲ୍ଲାବାସୀଙ୍କ ପକ୍ଷରୁ ତାଙ୍କୁ ଦିଆଯାଇଥିବା ଭବ୍ୟ ସମ୍ବର୍ଦ୍ଧନା ଅବସରରେ ଶ୍ରୀ ସାମଲ ଏହି ମତବ୍ୟକ୍ତ କରିଛନ୍ତି । ରାଜ୍ୟର ବିକାଶ ସମ୍ପର୍କରେ ପ୍ରତିକ୍ରିୟା ରଖି ମନମୋହନ କହିଥିଲେ ଯେ ଓଡ଼ିଶାରେ ବିକାଶ ତ୍ୱରାନ୍ୱିତ ହୋଇଛି । ଆଗକୁ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ ହେବ ଏବଂ ଖୁବ୍‌ଶୀଘ୍ର ଆମେ ସବୁ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ରାଜ୍ୟ ହେବୁ । ସେହିଭଳି ରାଜ୍ୟରେ ପ୍ରଧାନମନ୍ତ୍ରୀ ଯେଉଁସବୁ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି ସେଗୁଡିକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ସାମଲ ନିଜ ପ୍ରତକ୍ରିୟାରେ କହିଛନ୍ତି । ଶୁକ୍ରବାର ଦିନ ରାଜ୍ୟ ସଭାପତି ଶ୍ରୀ ସାମଲ ଭଦ୍ରକ ପହଞ୍ଚିବା ପରେ ତାଙ୍କୁ ଭଦ୍ରକ ସର୍କିଟ୍ ହାଉସ୍‌ରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରି ଭଦ୍ରକ ଚରମ୍ପା ଉଗ୍ରସେନ ଭବନ ଅଣାଯାଇଥିଲା । ଶୁକ୍ରବାର ସକାଳ ଠାରୁ ଜିଲ୍ଲାବ୍ୟାପି ବର୍ଷା ଲାଗିରହିଥିଲେ ମଧ୍ୟ ଦଳୀୟ କର୍ମୀ ଏବଂ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପାରିଲିକ୍ଷିତ ହୋଇଥିଲା । ବର୍ଷାକୁ ଖାତିର ନକରି ନିଜ ନେତାଙ୍କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଇଥିଲେ । ସବୁଠାରୁ ବଡ଼ କଥା ହେଲା ମନମୋହନଙ୍କୁ ରାସ୍ତାର ବିଭିନ୍ନ ସ୍ଥାନ ମାନଙ୍କରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଭଦ୍ରକ ବନ୍ତ ଛକ ନିକଟରେ ଭଦ୍ରକ ବସ୍ ସିଣ୍ଡିକେଟ୍, କଚେରୀ ଛକ ନିକଟରେ ୬୬୨ କଲେଜ ଶିକ୍ଷକ କର୍ମଚାରୀ, କଚେରୀ ବଜାର ବଣିକ ସଂଘ ପ୍ରଭୃତି ବିଭିନ୍ନ ସ୍ୱେଚ୍ଛାସେବୀ ଏବଂ ସସମାଜିକ ସଂଗଠନ ପକ୍ଷରୁ ଶୋଭାଯାତ୍ରା ଅଟକାଇ ରାଜ୍ୟ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି । ମନମୋହନଙ୍କ ସହିତ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ଅଭିମନ୍ୟୁ ସେଠୀ ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବିଜେପି ନେତା ଅଜୟ ନାୟକ ପ୍ରମୁଖ ବହୁ ଦଳୀୟ ନେତା ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଚରମ୍ପା ଉଗ୍ରସେନ ଭବନ ଠାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଶୋଭାଯାତ୍ରା ପହଞ୍ଚିବା ପରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

# ପ୍ରାଧ୍ୟାପକଙ୍କ ବଦଳି ନିର୍ଦ୍ଦେଶ ବାତିଲ୍ ଦାବିରେ ଛାତ୍ରୀ ଆନ୍ଦୋଳନ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

କିଛି ଦିନର ବ୍ୟବଧାନ ପରେ ପୁଣି ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଆନ୍ଦୋଳନ ଦେଖିବାକୁ ମିଳିଛି । ଭୂତତ୍ତ୍ୱ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସତ୍ୟ ସୌରଭ ବେହେରାଙ୍କୁ ଚଳିତ ଶିକ୍ଷାବର୍ଷ ମଝିରେ ହଠାତ୍ କୌଣସି କାରଣ ନଥାଇ ବଦଳି କରାଯାଉଛି । ଯାହାକୁ ପ୍ରତିବାଦ କରି ବଦଳି ନିର୍ଦ୍ଦେଶ ବାତିଲ୍ ଦାବିରେ କଲେଜର ଶତାଧିକ ଛାତ୍ରୀ ଆନ୍ଦୋଳନ କରିଛନ୍ତି । ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲାବନ୍ଦ ସହ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଶାସନ ବିରୋଧରେ ନାରାବାଜି କରିଛନ୍ତି । ଆନ୍ଦୋଳନକାରୀ ଛାତ୍ରୀ ଅନୁଷ୍କା ପ୍ରଧାନ ଓ ଅଗ୍ରରୂପା ମହାକୁଡ ପ୍ରମୁଖଙ୍କ କହିବା ଅନୁଯାୟୀ ଶିକ୍ଷାବର୍ଷର ଅଧାରୁ ହଠାତ୍ ଅଧ୍ୟାପକଙ୍କୁ ବଦଳି କରାଯାଇଥିବା ବେଳେ ଭୂତତ୍ତ୍ୱ ବିଷୟରେ ଅଧ୍ୟୟନରତ ତିନିବର୍ଷର ୯୬ ଜଣ ଛାତ୍ରୀଙ୍କ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବା ନିଶ୍ଚିତ ଅଟେ । ନିୟମିତ ଅଧ୍ୟାପକ ନଥିବା ଦୃଷ୍ଟିରୁ ବିଭିନ୍ନ ବିଷୟରେ ଛାତ୍ରୀମାନେ ମଧ୍ୟ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହି ବଦଳି ବାତିଲ୍ ଦାବିରେ ବିଭିନ୍ନ କର୍ତ୍ତୃପକ୍ଷଙ୍କ ସମେତ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ସମାଧାନ ନହେବାରୁ ପୁଣି ଆନ୍ଦୋଳନ କରିବାକୁ ବାଧ ହୋଇଛନ୍ତି । ଯଦି ଅଧ୍ୟାପକଙ୍କ ବଦଳି ବାତିଲ ନହୁଏ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଅନ୍ୟପଟେ ଏନେଇ କଲେଜ ଅଧ୍ୟକ୍ଷା ସାଗରିକା ସିଂ କହିଛନ୍ତି ଯେ, ଛାତ୍ରୀମାନଙ୍କ ଦାବିକୁ ଉଚ୍ଚ ଶିକ୍ଷା ବିଭାଗର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ଯାହା ନିଷ୍ପତ୍ତି ଉଚ୍ଚ ଶିକ୍ଷା ବିଭାଗ ଗ୍ରହଣ କରିବ, ତାହା କାର୍ଯ୍ୟକାରୀ ହେବ ।

# ସିଏମ୍‌ସି ଆଇନ୍ ଅନୁସାରେ ଜମି ପଟ୍ଟା ପ୍ରଦାନ ଦାବିରେ ବସ୍ତିବାସିନ୍ଦା ମିଳିତ ମଞ୍ଚର ବିକ୍ଷୋଭ

**କଟକ, ନ୍ୟୁଜ୍ ବ୍ୟୁରୋ**

୧୪ ମାସରୁ ଉର୍ଦ୍ଧ୍ୱ ହେବ ରାଜ୍ୟରେ ସରକାର ବଦଳିଛି । ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର । କିନ୍ତୁ ଦୁଃଖର ବିଷୟ ସରକାର ବସ୍ତି ବାସିନ୍ଦା ପାଇଁ ଥିବା ମହାନଗର ନିଗମ ଆଇନ୍ ଅନୁଯାୟୀ କୌଣସି କାର୍ଯ୍ୟ କରାଯାଉନାହିଁ । ପୂର୍ବରୁ ହୋଇଥିବା ‘ଜାଗା ମିଶନ’ ସରକାର କାର୍ଯ୍ୟକାରୀ କରୁନାହାଁନ୍ତି ଓ ପୂର୍ବ ସରକାରରେ ଜମି ଅଧିକାର ପ୍ରମାଣ ପତ୍ର ଦେବା ପାଇଁ ହୋଇଥିବା ଆଇନ୍ କାର୍ଯ୍ୟକାରୀ କରୁନାହାଁନ୍ତି । ଫଳରେ ବର୍ତ୍ତମାନ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଉନାହିଁ କିମ୍ବା ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ ଦିଆଯାଉନାହିଁ । ବସ୍ତି ବିରୋଧୀ ନୀତିର ପ୍ରତିବାଦରେ ଓ ବସ୍ତି ବାସିନ୍ଦାଙ୍କୁ ଥଇଥାନ ଏବଂ ପଟ୍ଟା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ନେଇଥିଲେ । ଶ୍ରମିକ ନେତା ରାଜକିଶୋର ମଲ୍ଲିକ୍, ବସ୍ତି ନେତା ଦିପକ ଦାସ, ସୁକାନ୍ତ ନାୟକ, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ଲିପିନା ନାୟକ, ଉଦୟ ଟୁଡୁ, ଲକ୍ଷ୍ମୀ ସିଂ, ରାଜୁ ମୁର୍ମୁ, ଶିବ ବେହେରା, ସାବିତ୍ରୀ ହେମ୍ବ୍ରମ ପ୍ରମୁଖ ବିକ୍ଷୋଭ ପରିଚାଳନା ସହ ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇଥିଲେ । ଏହି ମର୍ମରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କୁ ଦିଆଯାଇଥିଲା । ବିକ୍ଷୋଭକାରୀମାନେ ଦାବି କରିଛନ୍ତି ବସ୍ତି ବାସିନ୍ଦାଙ୍କୁ ଥଇଥାନ କରାଯିବା ପାଇଁ ହୋଇଥିବା ‘ଜାଗା ମିଶନ’ରେ ବସ୍ତି ବାସିନ୍ଦାମାନଙ୍କୁ ଥଇଥାନ କରାଯାଇ ସମସ୍ତଙ୍କୁ ପଟ୍ଟା (Land Right Certificate) ଦିଆଯାଉ, ଜଗନ୍ନାଥ ରୋଡ ବସ୍ତିର ବାସିନ୍ଦାମାନଙ୍କୁ ଭାଗ ଭାଗ ନକରି ସେହି ସ୍ଥାନରେ କିମ୍ବା ସେହି ପାଖ ଅଞ୍ଚଳରେ ଥଇଥାନ କରି ପଟ୍ଟା ଦିଆଯାଉ । ଏଠାରେ ସୂଚନାଯୋଗ୍ୟ ଯେ ପୁରୁଣା ବସ୍ତି ଭାବେ ନୂଆବଜାର ଜଗନ୍ନାଥ ରୋଡ଼ ବସ୍ତି ମଧ୍ୟ ପ୍ରଥମରୁ ତାଲିକା ଭୁକ୍ତ ଅଛି । ଉକ୍ତ ବସ୍ତି ରାସ୍ତା ପାର୍ଶ୍ୱରେ ଥିବାରୁ ବହୁ ପୂର୍ବରୁ ବସ୍ତି ବାସିନ୍ଦାମାନେ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ କର୍ମସ୍ଥଳୀ ପାଖାପାଖି ଥଇଥାନ କରାଯିବା ପାଇଁ ବହୁବାର ଦାବି କରିଛନ୍ତି । ୨୦୨୩ ମସିହାରେ ସେହି ନିକଟ ସ୍ଥାନରେ ଥଇଥାନ କରିବାକୁ ସିଏମ୍‌ସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଜଗନ୍ନାଥ ରୋଡ଼ ବସ୍ତି ବାସିନ୍ଦାମାନଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ । ଆଜିବି ବସ୍ତି ବାସିନ୍ଦାମାନେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ କାଳାତିପାତ କରୁଛନ୍ତି । ଜାଗା ମିଶନରେ ବସ୍ତି ବାସିନ୍ଦାମାନଙ୍କୁ ସେହି ସ୍ଥାନରେ କିମ୍ବା ସେହି ପାଖାପାଖି ଅଞ୍ଚଳରେ ନିଗମ ଆଇନ୍ ଅନୁଯାୟୀ ଥଇଥାନ କରାଯାଉ ।

# ମତ୍ସ୍ୟ ଚାଷୀଙ୍କୁ ମାଛ ଯାଆଁଳା ଓ ଖାଦ୍ୟ ବଣ୍ଟନ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଛତ୍ରପୁର ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଆତ୍ମା ତରଫରୁ ପାଞ୍ଚ ଜଣ ମତ୍ସ୍ୟ ଚାଷୀଙ୍କୁ ମାଛ ଯାଆଁଳା ଓ ମାଛ ଖାଦ୍ୟ ବଣ୍ଟନ କରାଯାଇଛି, ଆଗ୍ରହୀ ମାଛ ଚାଷୀଙ୍କୁ ଚୟନ କରି ସେମାନଙ୍କ ନିଜସ୍ୱ ପୋଖରୀରେ ମାଛ ଚାଷ ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ । ମାଛ ଯାଆଁଳା ବଣ୍ଟନ ବେଳେ ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ସନ୍ଦୀପ କୁମାର ବଢ଼େଇ, ଗୋଷ୍ଠୀ ବୈଷୟିକ ପରିଚାଳିକା ସ୍ମୃତି ସ୍ମରଣିକା ସାହୁ, କୃଷି ଅଧିଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ସହକାରୀ ବୈଷୟିକ ପରିଚାଳକ ଗୋପୀନାଥ ଦାଶ ଓ ସୋନାଲି ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟ ନିର୍ଦ୍ଦେଶ ଅନୁସାରେ ଶିକ୍ଷକ ପଦବୀ ପୂରଣ ଏବଂ କନିଷ୍ଠ ଶିକ୍ଷକ ନିଯୁକ୍ତିରେ ସଂରକ୍ଷଣ ଦାବି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପ୍ରସଙ୍ଗରେ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ୩ ବର୍ଷ ମଧ୍ୟରେ ୪୫ ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ହୋଇଥିବା ସ୍ଥଳେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ଆଲୋଚନା ହୋଇଥିବାରୁ ଓଏସଇଏଫଡ଼ି ସଂଘ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଭାଗୀୟ ପ୍ରମୁଖ ସଚିବ ଶାଳିନ ପଣ୍ଡିତଙ୍କ ସହ ଓଏସଇଏଫଡ଼ି ସଂଘର ଗାରିମାମୟ ଉପଦେଷ୍ଟା ମାନନୀୟା ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସଂଘ କୃତଜ୍ଞତାର ସହ ଧନ୍ୟବାଦ୍ ଜ୍ଞାପନ କରିଛି । ତତ୍‌ସହିତ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରସନ୍ ଫର୍ ଦିବ୍ୟାଙ୍ଗ ସଂଘ ମତ ରଖିଛି ଯେ, ଓଡ଼ିଶାର ସମସ୍ତ ସାଧାରଣ ବିଦ୍ୟାଳୟରେ ପ୍ରାଥମିକ ଶ୍ରେଣୀରେ ୧୦:୧ ଏବଂ ମାଧ୍ୟମିକ ତଥା ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ୧୫:୧ ସ୍ୱତନ୍ତ୍ର ଶିକ୍ଷକ ଏବଂ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଅନୁପାତରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଅନୁସାରେ ସୁପ୍ରିମ କୋର୍ଟଙ୍କ ସର୍ତ୍ତାବଳି ଅନୁସାରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିକୁ ତ୍ୱରାନ୍ୱିତ କରିବା ସହ ଅବଶ୍ୟକୀୟ ସମ୍ପୂର୍ଣ୍ଣ ପଦବୀକୁ ପୂରଣ କରିବାକୁ ସଂଘର ସଭାପତି ସୂର୍ଯ୍ୟକାନ୍ତ ବେହେରା ଦାବି ରଖିଛନ୍ତି । ଏଥିସହିତ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଶିକ୍ଷାରେ ଡିପ୍ଲୋମା ଓ ବି.ଇଡ଼ି କରିଥିବା ବ୍ୟକ୍ତିମାନେ ଉଭୟ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଓ ସାଧାରଣ ବିଦ୍ୟାର୍ଥୀମାନଙ୍କୁ ପାଠ ପଢ଼ାଇବାକୁ ସମ୍ପୂର୍ଣ୍ଣ ରୂପେ ପ୍ରଶିକ୍ଷିତ ଏବଂ ଯୋଗ୍ୟ ବିବେଚିତ ଅଟନ୍ତି ତେଣୁ ଆଗାମୀ ଦିନରେ ନିଯୁକ୍ତି ହେବାକୁଥିବା କନିଷ୍ଠ ଶିକ୍ଷକ ନିଯୁକ୍ତିରେ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରଖାଯାଉ ବୋଲି ସଂଘର ସଂପାଦକ ଆୟୁଷ୍ମାନ ଚୌଧୁରୀ ସରକାରଙ୍କୁ ଅନୁରୋଧ କରିଥିଲେ ଏବଂ ମହାମାରୀ କରୋନା ପରଠାରୁ ସଠିକ୍ ସମୟରେ ଓଡ଼ିଶାରେ ଓଡ଼ିଶା ଶୈକ୍ଷିକ ଯୋଗ୍ୟତା ପରୀକ୍ଷା ନହେଉଥିବାରୁ ସ୍ୱତନ୍ତ୍ର ଶିକ୍ଷାରେ ଡିପ୍ଲୋମା ଓ ବି.ଇଡ଼ି କରି ଓଡ଼ିଶା ଶୈକ୍ଷିକ ଯୋଗ୍ୟତା ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିବା କନିଷ୍ଠ ଶିକ୍ଷକ ଆଶାୟୀ ମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥାକୁ କରିବାକୁ ସଂଘ ରାଜ୍ୟ ଉପସଭାପତି ବିଶ୍ୱବିଜୟୀ ଦାଶ ଓ ସଂଗଠକ ଅଶ୍ୱିନୀ ମୁଦୁଲି ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଛନ୍ତି ।




# ତଥ୍ୟ ପ୍ରଦାନ ଦାବିରେ ସୂଚନାଅଧିକାର କର୍ମକର୍ତ୍ତାଙ୍କ ଧାରଣା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ସୂଚନା ଅଧିକାର ଆଇନ୍ ଅଧାରରେ ମଗାଯାଇଥିବା ସୂଚନା ମିଳୁନଥିବାରୁ ଏହାର ପ୍ରତିବାଦରେ ଚୌଦ୍ୱାର ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ଗୁରୁବାର ଦିନ ଚୌଦ୍ୱାର ପୌରପାଳିକା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ସୂଚନା ଅଧିକାର ଆଇନ୍‌ରେ ମଗାଯାଉଥିବା ତଥ୍ୟ ପୌରପାଳିକା ତରଫରୁ ଦିଆଯାଉନଥିବା, ପ୍ରଥମ ଅପିଲ୍ ଶୁଣାଣି ନକରିବା ତଥା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଦୁର୍ନିତିକୁ ପ୍ରଶ୍ରୟ ଦିଆଯାଉଥିବାରୁ ଏହା ପ୍ରତିବାଦରେ ଧାରଣା ଦିଆଯାଇଥିବା ଧାରଣାକାରୀମାନେ ଅଭିଯୋଗ କରିଥିଲେ । ଦୀର୍ଘ ସମୟ ଧରି ଧାରଣା ପରେ କର୍ମୀମାନଙ୍କ ତରଫରୁ ଏକ ଦାବିପତ୍ର ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଆସନ୍ତା ମାସକ ଭିତରେ ପୌରପାଳିକାକୁ ମଗାଯାଇଥିବା ତଥ୍ୟ ଗୁଡିକର ଉତ୍ତର ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା କର୍ମୀ ପ୍ରଭାନନ୍ଦ ସାହୁ ପ୍ରକାଶ କରିଛନ୍ତି । ଶ୍ରୀକାନ୍ତ ପାକଳ, ମନୋଜ କୁମାର ସାହୁ, ହରିହର ବେଉରା, ରାଜୀବ ମହାନ୍ତି, ପ୍ରତାପ ଜେନା, କେଶବ ସ୍ୱାଇଁ ପ୍ରମୁଖ ଧାରଣାରେ ଅଂଶଗ୍ରହଣ କରିଥିଲେ ।

## ତାରାତାରିଣୀ ପୀଠରେ ବିକାଶ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

# ପ୍ରସାଦ ପ୍ରସ୍ତୁତ ମେସିନ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତିଭାସନ୍ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମାଁ ତାରାତାରିଣୀଙ୍କ ପୀଠରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିଛନ୍ତି । ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରିଛନ୍ତି । ଅତ୍ୟାଧୁନିକ ଶୈଳୀର ସ୍ୱୟଂଚାଳିତ ରନ୍ଧନ ମେସିନ୍ ଖାଦ୍ୟ ପ୍ରସ୍ତୁତ କରାଯିବ । ଭକ୍ତମାନେ ସୁବିଧାରେ ଓ ସ୍ୱଳ୍ପ ମୂଲ୍ୟରେ ଅନ୍ନପ୍ରସାଦ ପାଇପାରିବେ । ଏନେଇ ପ୍ରାୟ କୋଟିଏ ଟଙ୍କାର ବ୍ୟୟ ଅଟକଳ ହୋଇଛି । ଆଜି ପର୍ଯ୍ୟନ୍ତ କାମ ଶେଷ ହୋଇପାରିନାହିଁ । କାମ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ୩୦ କୋଟି ଟଙ୍କାର ଅନୁଦାନରେ ଉନ୍ନୟନ କାର୍ଯ୍ୟ କରିବା ସହ ଭକ୍ତଙ୍କ ସହ ମାଁଙ୍କ ଦର୍ଶନ ଲାଗି ଆସୁଥିବା ଦିବ୍ୟାଙ୍ଗ ଓ ବୃଦ୍ଧାବନ୍ଧ ଶ୍ରେଣୀର ବ୍ୟକ୍ତିଙ୍କ ଲାଗି ପାହାଡ଼ ଉପରେ ଶୌଚାଳୟ ନିର୍ମାଣକୁ ଗୁରୁତ୍ୱ ଦେଇଥିଲେ । ଏହାସହ ପର୍ଯ୍ୟଟକଙ୍କ ସୁବିଧା ଲାଗି ସିଂହଦ୍ୱାର ନିକଟରେ ତିନି ମହଲା ବିଶିଷ୍ଟ ଧର୍ମଶାଳା ନିର୍ମାଣ, ମନୋରଞ୍ଜନ ଲାଗି ଲେଜର ବ୍ୟବସ୍ଥା, ସ୍ଥାୟୀ ହେଲିପେଡ୍ ନିର୍ମାଣ, ମାଁଙ୍କ ସମ୍ପୂର୍ଣ୍ଣ କିମ୍ବଦନ୍ତୀକୁ ଉପଲବ୍ଧ କରାଇବା, ପାର୍କର ନିର୍ମାଣ ଓ ପ୍ରତ୍ୟେକ ସ୍ଥାନରେ ସାଇନ୍‌ବୋର୍ଡ଼ ଲଗାଇବା, ପାନୀୟ ଜଳର ବ୍ୟବସ୍ଥା, ବିଭିନ୍ନ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ଲାଗି ଜାତୀୟ ରାଜପଥର ହୁମ୍ମା ଓ ପୋକଡ଼ିବନ୍ଧ ଛକରେ ବିରାଟ ହୋର୍ଡ଼ିଂ ଲଗାଇବା, ତାରାତାରିଣୀ ଛକ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ସୋଲାର ମାଧ୍ୟମରେ ଆଲୋକୀକରଣ କରିବା, ହାଣ୍ଡିଘର ନୂତନ ବ୍ରିଜ୍ ରାସ୍ତାକୁ ନିର୍ମାଣ କରିବା ଲାଗି ପଦକ୍ଷେପ ନେବାର କହିବା ସହ ମନ୍ଦିର ପରିସରରେ ସମ୍ପୂର୍ଣ୍ଣ ରୂପେ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ କରିବାକୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଛତ୍ରପୁର ଉପଜିଲ୍ଲାପାଳ ଡ଼. ଶିବାଶିଷ ବରାଳ, ପୁରୁଷୋତମପୁର ତହସିଲଦାର ବିନୋଦ ବେହେରା, ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀ, ବିଡ଼ିଓ ଶରତ ପାତ୍ର, ପୂର୍ତ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୁରେଶ ମିଶ୍ର, ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ ରେଡ୍ଡୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତଥିଲେ । ସୂଚନାଯୋଗ୍ୟ ଯେ, ଜୁଲାଇ ୨୫ ତାରିଖରେ ଛତ୍ରପୁର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନ୍ନ ପ୍ରସାଦ ବଣ୍ଟନ ପାଇଁ ପ୍ରସ୍ତୁତି ବୈଠକ ହୋଇଥିଲା । ଜୁଲାଇ ୩୧ ସୁଦ୍ଧା ଅନ୍ନ ପ୍ରସାଦ ବଣ୍ଟନର ଶୁଭାରମ୍ଭ ହେବ ବୋଲି ସୂଚନା ମିଳିଥିଲା । ଅନ୍ନ ପ୍ରସାଦ ପ୍ରସ୍ତୁତି ଓ ବଣ୍ଟନ ପାଇଁ ତାରାତାରିଣୀଙ୍କ ସେବାୟତ ମାନଙ୍କ ଦ୍ୱାରା ଅତ୍ୟାଧୁନିକ ଶୈଳୀରେ ପ୍ରସ୍ତୁତି ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା । ସେବାୟତଙ୍କୁ ନେଇ ଏକ କମିଟି ଗଠନ ପାଇଁ ମଧ୍ୟ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

# ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ପ୍ରାୟ ୨ ଶହ ଛାତ୍ର ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ପରିବାରବର୍ଗ ଏବଂ ଆତ୍ମୀୟ ସୌଜନ୍ୟଙ୍କୁ ସଡକ ସୁରକ୍ଷା ନିୟମ ବିଷୟରେ ପ୍ରବର୍ତ୍ତାଇବା ପାଇଁ ଅନୁରୋଧ କରିଥିଲେ । ଏଥିରେ ବିନା ହେଲମେଟ୍‌ରେ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା, ସିଟ୍‌ବେଲ୍ଟ ପରିଧାନ ନକରି ଗାଡି ଚାଳନା ଓ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଗାଡି ଚାଳନା ନକରିବାକୁ ପରାମର୍ଶ କରିଥିଲେ । ଏହି ଅବସରରେ ଏହିପରି ଅନେକ ଉପାଦେୟ ବାର୍ତ୍ତା ପ୍ରଦାନ କରିବା ସହ ସଡ଼କ ସୁରକ୍ଷା ସମ୍ବନ୍ଧିତ କ୍ଷୁଦ୍ର ସଚେତନତା ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିବହନ ବିଭାଗର ମଲୟ ପ୍ରତାପ ପାଣିଗ୍ରାହୀ, ହିମାଂଶୁ ସାହୁ, ଚିତ୍ତରଞ୍ଜନ ଭୋଇ ପ୍ରମୁଖ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ରଥ ସହଯୋଗ କରିଥିଲେ ।



# ଅଭିମନ୍ୟୁ ପ୍ରଧାନ ହତ୍ୟାକାଣ୍ଡ ପରେ ମେଳି ବାନ୍ଧିଲେ ଗ୍ରାମବାସୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କ୍ରମାଗତ ପ୍ରାୟ ୨୫ ବର୍ଷ ଧରି ରେଡ୍ଡୀ ବାହାଡାପଲ୍ଲୀ ଗ୍ରାମରେ ସାମାନ୍ୟ ସମସ୍ୟାକୁ ନେଇ ହିଚା ହେଚି, ଯୁକ୍ତିତର୍କ, ଗ୍ରାମ ସଭାକୁ ଅବଜ୍ଞା ଶେଷରେ ମୁଣ୍ଡ ପରେ ମୁଣ୍ଡ ୬ ଥର ଗାଡ଼ିଥିବା ବେଳେ ଏହାପରେ ଆଉ କାହା ପାଳି ନେଇ ଗୁରୁବାର ଦିନ ଉପରୋକ୍ତ ସମସ୍ୟାକୁ ନେଇ ଶତାଧିକ ଗ୍ରାମବାସୀଙ୍କ ପକ୍ଷରୁ ସଂଘବଦ୍ଧ ହୋଇ ଅଭିଯୁକ୍ତଙ୍କ ଧମକ ଚମକ ଘଟଣା ରମ୍ଭା ଥାନା ପରିସରରେ ମିଡ଼ିଆ ନିକଟରେ ବଖାଣିଥିଲେ । ବିଗତ ଦିନର ସମସ୍ୟା ଚଳିତ ଘଟଣାକୁ ନେଇ କାହାଣୀର ଅନ୍ତ ଉପରେ ଶତାଧିକ ଦସ୍ତଖତ ସମ୍ବଳିତ ଲିଖିତ ତଥା ପ୍ରେରିତ ରମ୍ଭା ଥାନାକୁ ଗ୍ରାମବାସୀଙ୍କ ପକ୍ଷରୁ ଗଣମାଧ୍ୟମ ନିକଟରେ ହସ୍ତଖତ ହୋଇଛି । ଅଭିଯୁକ୍ତମାନେ ହତ୍ୟାକାଣ୍ଡରେ ଶାନ୍ତି ନହୋଇ ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କୁ ଭଡାଟିଆ ଗୁଣ୍ଡା ସହିତ ନିଜେ ଗୋପନରେ ରହି ଟାର୍ଗେଟ୍ କରି କୁଆଡେ ୯ ଗୋଟି ମୁଣ୍ଡ ଯିବା ବୋଲି ସଫେଇ ଦିଆଯାଇଛି । ଜିଲ୍ଲା ପ୍ରଶାସନ ଓ ଶାନ୍ତି ଶୃଙ୍ଖଳା ରକ୍ଷା ବାହିନୀ ଏହାପରେ କଡା ନଜର ନଦିଅନ୍ତି ପରିଣାମ ଭୟଙ୍କର ହେବା ହେୟ ଜ୍ଞାନ କରାଯାଇନପାରେ । ଉପରୋକ୍ତ ଘଟଣାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଲିଖତ ପତ୍ରରେ ଉଲ୍ଲେଖ ରହିଥିବା ଆର. ସମ୍ବାରିଆ ପ୍ରଧାନ ପି – ମୃତ ରାମ ପ୍ରଧାନି, ବି. ମଦନ ପ୍ରଧାନ ପି – ମୃତ ଗୁରୁବାରୀଆ ପ୍ରଧାନ, ବି. ପ୍ରକାଶ ପ୍ରଧାନ ପି- ବି. ମଦନ ପ୍ରଧାନ ସହିତ ମହିଳାଙ୍କ ପକ୍ଷରୁ ବି. ସୁନି ପ୍ରଧାନ ଓ ଆର. ସୁଷମା ପ୍ରଧାନ (ଜାଡି) ପ୍ରମୁଖ ଧାରୁଆ ଅସ୍ତ୍ର ସହ ପନିକି ଧରି ଦିନ ଦ୍ୱିପ୍ରହରରେ ଦାଣ୍ଡ ମଝିରେ ଆତଙ୍କ ସୃଷ୍ଟି କରି ଭୟଭିତ କରାଉଛନ୍ତି । ଅଭିଯୁକ୍ତମାନେ ଗ୍ରାମର ଅନତି ଦୂରତାରେ ରହୁଥିବା ବେଳେ ମହିଳାମାନେ ଘର ଜଗି ଆତଙ୍କ ଖେଳାଇବା ଗ୍ରାମବାସୀ ଭୟଭୀତ ହୋଇ ମେଳି ବାନ୍ଧି ରମ୍ଭା ଥାନାର ଦ୍ୱାରସ୍ତ ହେବାସହ ସୁରକ୍ଷା ପାଇଁ ଆଇଆଇସି କୁମର ମୁଦୁଲିଙ୍କୁ ନିବେଦନ କରିଥିଲେ । ଉପରୋକ୍ତ ଘଟଣାକୁ ନେଇ ରମ୍ଭା ଥାନା ସହିତ ଦୃଷ୍ଟି ଗୋଚର କରାଯାଇଥିବା ବେଳେ ବିଫଳ ହୋଇଛି ।

# ଏସିଆ କପ୍ ଉପଅଧିନାୟକ ଶୁବମନ ଗିଲ୍ ଅସୁସ୍ଥ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ନୂତନ ଟେଷ୍ଟ ଅଧିନାୟକ ଶୁବମନ ଗିଲଙ୍କୁ ନେଇ ଏକ ଚିନ୍ତାଜନକ ଖବର ଆସୁଛି। ସୂଚନା ଅନୁଯାୟୀ, ଇଂଲଣ୍ଡର ସଫଳ ଗସ୍ତରୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଛି। ଶୁବମନ ବର୍ତ୍ତମାନ ଅସୁସ୍ଥ ଅଛନ୍ତି ଏବଂ ଚଣ୍ଡିଗଡ଼ରେ ତାଙ୍କ ଘରେ ବିଶ୍ରାମ ନେଉଛନ୍ତି। ସେ ୧ ବର୍ଷ ପରେ ଟି-୨୦ ଦଳକୁ ଫେରିଛନ୍ତି ଏବଂ ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ ପାଇଁ ତାଙ୍କୁ ଦଳର ଉପ-ଅଧିନାୟକ କରାଯାଇଛି। ଅଗଷ୍ଟ ୧୯ ତାରିଖରେ ହିଁ ମୁଖ୍ୟ ଚୟନକର୍ତ୍ତା ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏସିଆ କପ ୨୦୨୫ ପାଇଁ ଭାରତର ୧୫ ଜଣିଆ ଦଳ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ଶୁବମନ ଗିଲ ନିକଟରେ ଫିଜିଓ ପରୀକ୍ଷା କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଗୋଟିଏ ଦିନ ପୂର୍ବରୁ ବିସିସିଆଇକୁ ସୂଚନା ଦିଆଯାଇଥିଲା। ୨୫ ବର୍ଷୀୟ ଗିଲ ଭାରତର ଟି-୨୦ ଦଳକୁ ଉପ-ଅଧିନାୟକ ଭାବରେ ଫେରିଛନ୍ତି। ତଥାପି ଗିଲ ଟୁର୍ଣ୍ଣାମେଣ୍ଟ ପାଇଁ ଫିଟ ହୋଇଯିବେ ବୋଲି ଆଶା କରାଯାଉଛି। ଅସୁସ୍ଥତା ଯୋଗୁଁ ସେ ଘରୋଇ କ୍ରିକେଟ ସିଜିନ ଆରମ୍ଭ ହେଉଥିବା ଦିଲୀପ ଟ୍ରଫିରୁ ବାଦ ଦେବେ। ତାଙ୍କୁ ଉତ୍ତର ଜୋନର ଅଧିନାୟକ କରାଯାଇଛି।

ଏସିଆ କପର ଅଂଶ ହୋଇଥିବାରୁ ଗିଲ ରେଡ-ବଲ ଟୁର୍ଣ୍ଣାମେଣ୍ଟରୁ ବାଦ ଦେବେ ବୋଲି ଆଶା କରାଯାଉଥିଲା। ଦିଲୀପ ଟ୍ରଫି ୨୦୨୫ ଅଗଷ୍ଟ ୨୮ ତାରିଖରେ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ ତାରିଖରେ ଶେଷ ହେବ। ଏସିଆ କପ ସେପ୍ଟେମ୍ବର ୯ ତାରିଖରେ ଆବୁଧାବିରେ ଆଫଗାନିସ୍ତାନ ହଂକଂ ବିପକ୍ଷରେ ଖେଳିବା ପରେ ଆରମ୍ଭ ହେବ। ଏହାର ଅର୍ଥ ହେଉଛି ଯେ ଗିଲ ଦିଲୀପ ଟ୍ରଫିର ପ୍ରଥମ ପର୍ଯ୍ୟାୟରେ ଖେଳିପାରିବେ। ଏବେ ସେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରୁ ବଞ୍ଚିତ ହେବେ ବୋଲି ଆଶା କରାଯାଉଛି। ଏପରି ପରିସ୍ଥିତିର ଆଶଙ୍କା କରି ଉତ୍ତର ଜୋନ ଚୟନକର୍ତ୍ତାମାନେ ପୂର୍ବରୁ ଗିଲଙ୍କ ବଦଳ ଭାବରେ ଶୁଭମ ରୋହିଲାଙ୍କୁ ମନୋନୀତ କରିଥିଲେ। ଅଙ୍କିତ କୁମାରଙ୍କୁ ଉପ-ଅଧିନାୟକ ଭାବରେ ମନୋନୀତ କରାଯାଇଥିଲା, ଯିଏ ଏବେ ଗିଲଙ୍କ ଅନୁପସ୍ଥିତିରେ ଅଧିନାୟକ ଦାୟିତ୍ୱ ଗ୍ରହଣ କରିବେ।

# ଆଇପିଏଲ୍‌ରୁ ସନ୍ୟାସ ନେବେ ବିରାଟ କୋହଲି !




**ନୂଆଦିଲ୍ଲୀ**

ଟେଷ୍ଟ ଏବଂ ଟି-୨୦ ଫର୍ମାଟରୁ ଅବସର ନେଇଥିବା ବିରାଟ କୋହଲି ଓଡିଆଇ କ୍ରିକେଟରେ ସକ୍ରିୟ ଅଛନ୍ତି ଏବଂ ଆଇପିଏଲ୍‌ରେ ମଧ୍ୟ ଖେଳୁଥିବାର ଦେଖାଯାଉଛି। ବିରାଟ ଏବେ ସମ୍ପୂର୍ଣ୍ଣ ଫିଟ ଅଛନ୍ତି ଏବଂ ତାଙ୍କୁ ବହୁତ ଦିନ ହେବ ଆଇପିଏଲ୍‌ରେ ଖେଳୁଥିବାର ଦେଖାଯାଇପାରିବ। କିନ୍ତୁ, ସତ୍ୟ ହେଉଛି ଯେ ତାଙ୍କୁ ମଧ୍ୟ ଗୋଟିଏ ନା ଗୋଟିଏ ଦିନ ଅବସର ନେବାକୁ ପଡିବ। କିନ୍ତୁ, ଏବେ ଜଣେ ସାଥୀ ଖେଳାଳି ପ୍ରକାଶ କରିଛନ୍ତି ଯେ ବିରାଟ ଆଇପିଏଲ୍‌ରେ କେତେ ସମୟ ଖେଳିବେ।

ବିରାଟ କୋହଲି ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ପ୍ରତିନିଧିତ୍ୱ କରନ୍ତି ଏବଂ ସେ କେବଳ ଦଳର ସବୁଠାରୁ ବଡ଼ ଖେଳାଳି ନୁହଁନ୍ତି ବରଂ ଏହି ଲିଗର ମଧ୍ୟ। ଏବେ ଯେତେବେଳେ ସେ ଅବସର ନେବେ, ପୁଣି ଥରେ ଲକ୍ଷ ଲକ୍ଷ ଭାରତୀୟ ପ୍ରଶଂସକଙ୍କ ହୃଦୟ ଭାଙ୍ଗିଯିବ। ଏହି ସମୟରେ, ଆରସିବି ପାଇଁ ଖେଳୁଥିବା ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରରେ ବିରାଟଙ୍କ ସହିତ ଡ୍ରେସିଂ ରୁମ ଶେୟାର କରୁଥିବା ସ୍ୱସ୍ତିକ ଚିକାରା ଆଇପିଏଲ୍ ଅବସର ବିଷୟରେ ବିରାଟଙ୍କ ମତାମତ କ'ଣ ବୋଲି କହିଛନ୍ତି।

ସ୍ୱସ୍ତିକ ଚିକାରା ଏକ ସାକ୍ଷାତକାର ସମୟରେ କହିଥିଲେ ଯେ, 'ଆଇପିଏଲ୍-୨୦୨୫ ସମୟରେ, ବିରାଟ ଭାଇ କହିଥିଲେ ଯେ ମୁଁ ସମ୍ପୂର୍ଣ୍ଣ ଫିଟ ଥିବା ପର୍ଯ୍ୟନ୍ତ କ୍ରିକେଟ ଖେଳିବି। ମୁଁ ଏକ ପ୍ରଭାବଶାଳୀ ଖେଳାଳି ପରି ଖେଳିବି ନାହିଁ। ମୁଁ ସିଂହ ପରି ଖେଳିବି।' ମୁଁ ସମ୍ପୂର୍ଣ୍ଣ ୨୦ ଓଭର ପାଇଁ ଫିଲ୍ଡିଂ କରିବି ଏବଂ ତା'ପରେ ବ୍ୟାଟିଂ କରିବାକୁ ଆସିବି। ଯେଉଁଦିନ ମୁଁ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଖେଳିବି, ସେହିଦିନ ମୁଁ କ୍ରିକେଟକୁ ବିଦାୟ ଦେବି।'

ବିରାଟ କୋହଲି ପୁଣି ଥରେ ଆଇପିଏଲ୍-୨୦୨୫ ରେ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ତାଙ୍କ ଦଳକୁ ପ୍ରଥମ ଟ୍ରଫି ଜିତିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବିରାଟ ସିଜିନରେ ୧୫ ଟି ମ୍ୟାଚ ଖେଳିଥିଲେ, ଯେଉଁଥିରେ ସେ ୧୪୪.୭୧ ଷ୍ଟ୍ରାଇକ ରେଟ ଏବଂ ୫୪.୭୫ ହାରରେ ୬୫୭ ରନ କରିଥିଲେ। ଏହି ସମୟରେ ତାଙ୍କ ବ୍ୟାଟ ରୁ ୮ ଟି ଅର୍ଦ୍ଧଶତକ ବାହାରିଥିଲା।

ଅନ୍ୟପକ୍ଷରେ, ଯଦି ଆମେ ବିରାଟଙ୍କ ସାମଗ୍ରିକ ଆଇପିଏଲ୍ ରେକର୍ଡ ବିଷୟରେ କଥା ହେବା, ତେବେ ସେ ଲିଗରେ ସର୍ବାଧିକ ରନ ସ୍କୋରର। ସେ ୨୬୭ ଟି ମ୍ୟାଚ ଖେଳି ୧୩୨.୮୬ ଷ୍ଟ୍ରାଇକ ରେଟ ଏବଂ ୩୯.୫୫ ହାରରେ ୮୬୬୧ ରନ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟ ରୁ ୮ ଟି ଶତକ ଏବଂ ୬୩ଟି ଅର୍ଦ୍ଧଶତକ ବାହାରିଥିଲା।

# ଏସିଆ କପ ପୂର୍ବରୁ ଟିମ ଇଣ୍ଡିଆକୁ ବଡ଼ ଝଟ୍‌କା ଦଳରୁ ବିଦା ହେଲେ ରାଜୀବ କୁମାର



**ନୂଆଦିଲ୍ଲୀ**

ଏସିଆ କପ ପୂର୍ବରୁ ଟିମ ଇଣ୍ଡିଆକୁ ବଡ଼ଲ ଝଟ୍‌କା ଲାଗିଛି। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ୧୫ ବର୍ଷ ଧରି ଦଳ ସହିତ ଜଡିତ ଥିବା ଜଣେ ସପୋର୍ଟ ଷ୍ଟାଫ୍‌ଙ୍କୁ ବହିଷ୍କାର କରିଛି। ବୋର୍ଡ ତାଙ୍କ ଚୁକ୍ତିକୁ ବୃଦ୍ଧି କରିନାହିଁ। ପୂର୍ବତନ ବ୍ୟାଟିଂ ପ୍ରଶିକ୍ଷକ ଅଭିଷେକ ନାୟାର ଏବଂ ଶକ୍ତି ଏବଂ କଣ୍ଡିସନିଂ ପ୍ରଶିକ୍ଷକ ମୋହନ ଦେଶାଇଙ୍କ ପରେ, ଆଉ ଜଣେ ସପୋର୍ଟ ଷ୍ଟାଫ୍‌ଙ୍କୁ ବାହାରର ରାସ୍ତା ଦେଖାଇ ଦିଆଯାଇଛି। ଏହି ସପୋର୍ଟ ଷ୍ଟାଫ ଟିମ ଇଣ୍ଡିଆର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ଏବଂ ଇଂଲଣ୍ଡ ଗସ୍ତ ସମୟରେ ଦଳ ସହିତ ଉପସ୍ଥିତ ଥିଲେ, କିନ୍ତୁ ଏସିଆ କପ ସମୟରେ ମସାଜ ଥେରାପିଷ୍ଟ ରାଜୀବ କୁମାରଙ୍କୁ ଦଳ ସହିତ ଦେଖାଯିବ ନାହିଁ।

ରାଜୀବ କୁମାର ପ୍ରାୟ ୧୫ ବର୍ଷ ଧରି ଟିମ ଇଣ୍ଡିଆ ସହିତ ଜଡିତ ଥିଲେ। ଯେତେବେଳେ ଦଳର ଖେଳାଳିମାନେ କ୍ଲାନ୍ତ ହେଉଥିଲେ, ରାଜୀବ ସେମାନଙ୍କୁ ମାଲିସ କରି ସେମାନଙ୍କ ଥକ୍କାପଣ ଦୂର କରୁଥିଲେ। ସପୋର୍ଟ ଷ୍ଟାଫ୍ ସହିତ ଦୀର୍ଘ ସମୟ ଧରି ରହିବା ଦ୍ୱାରା ସମସ୍ତ ଖେଳାଳିଙ୍କ ସେମାନଙ୍କ ସହିତ ଘନିଷ୍ଠତା ବୃଦ୍ଧି ପାଏ। ଏହା ଦଳର ପ୍ରଗତିକୁ ଅଟକାଏ। ବିସିସିଆଇ ପୂର୍ବରୁ ଜଣେ ମସାଜ ଥେରାପିଷ୍ଟଙ୍କୁ ନିଯୁକ୍ତ କରିସାରିଛି।

ରାଜୀବ କୁମାର ସବୁବେଳେ ହସୁଥିଲେ ଏବଂ ବାଉଣ୍ଡ୍ରୀ ନିକଟରେ ଥିବା ଖେଳାଳିମାନଙ୍କ ଉପରେ ନଜର ରଖୁଥିଲେ। ମ୍ୟାଚ ଶେଷ ହେବା ପରେ, ଖେଳାଳିମାନେ ପ୍ରଥମେ ରାଜୀବଙ୍କ ପାଖକୁ ଯାଇ ମସାଜ ମାଧ୍ୟମରେ ସେମାନଙ୍କର ଥକାପଣ ଦୂର କରୁଥିଲେ। ଏହା ବ୍ୟତୀତ, ରାଜୀବ ଖେଳାଳିମାନଙ୍କ ପାଇଁ ଏନର୍ଜି ଡ୍ରିଙ୍କ୍ସ ପ୍ରସ୍ତୁତ କରୁଥିଲେ।

# ଏସିଆ କପରେ ପାକିସ୍ତାନ କ୍ରିକେଟ ମ୍ୟାଚକୁ ନେଇ ମୋଦିଙ୍କୁ ଚିଠି ଲେଖିଲେ ସଞ୍ଜୟ ରାଉତ



**ନୂଆଦିଲ୍ଲୀ**

ଶିବସେନା ଏମପି ସଞ୍ଜୟ ରାଉତ ଜମ୍ମୁ-କଶ୍ମୀରର ପହଲଗାମରେ ସମ୍ପ୍ରତି ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ଉଦ୍ଧୃତ କରି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏସିଆ କପ କ୍ରିକେଟ ମ୍ୟାଚ ଉପରେ କଡ଼ା ଆପତ୍ତି ଉଠାଇଛନ୍ତି। ସେ ଏହି ପ୍ରସଙ୍ଗରେ ନିଜର ଅସନ୍ତୋଷ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ରାଉତ ଚିଠିରେ ଲେଖିଛନ୍ତି ଯେ ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟଙ୍କ ରକ୍ତ ଏପର୍ଯ୍ୟନ୍ତ ଶୁଖିନାହିଁ ଏବଂ ସେମାନଙ୍କ ପରିବାରର ଲୁହ ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ, ଏପରି ପରିସ୍ଥିତିରେ ପାକିସ୍ତାନ ସହିତ କ୍ରିକେଟ ମ୍ୟାଚ ଖେଳିବା ଏକ ଅମାନବୀୟ ଏବଂ ଅସମ୍ବେଦନଶୀଳ ପଦକ୍ଷେପ ହେବ।

ଶିବସେନା ଏମପି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଚିଠିରେ କହିଛନ୍ତି ଯେ ଏସିଆ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେବା ଖବର ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ। ସ୍ପଷ୍ଟ ଭାବରେ, ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରଣାଳୟର ଅନୁମୋଦନ ବିନା ଏହା ସମ୍ଭବ ହୋଇନଥାନ୍ତା। ମୁଁ ଆପଣଙ୍କ ସମ୍ମୁଖରେ ଦେଶଭକ୍ତ ନାଗରିକଙ୍କ ଭାବନା ପ୍ରକାଶ କରୁଛି। ସଞ୍ଜୟ ରାଉତ କହିଛନ୍ତି ଯେ ଆପଣ କହୁଛନ୍ତି ଯେ ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୂର ଶେଷ ହୋଇନାହିଁ। ଯଦି ବିବାଦ ଏବେ ବି ଚାଲିଛି, ତେବେ ଆମେ ପାକିସ୍ତାନ ସହିତ କ୍ରିକେଟ କିପରି ଖେଳିପାରିବୁ? ପହଲଗାମ ଆକ୍ରମଣ ଏକ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା କରାଯାଇଥିଲା ଯାହା ୨୬ ଜଣ ମହିଳାଙ୍କ ସିନ୍ଦୂର ପୋଛି ଦେଇଥିଲା। ଆପଣ କ'ଣ ସେହି ମା' ଏବଂ ଭଉଣୀମାନଙ୍କ ଭାବନା ବିଷୟରେ ଭାବିଛନ୍ତି? ଯଦି ଆମେ ପାକିସ୍ତାନ ସହିତ କ୍ରିକେଟ ଖେଳିବୁ ନାହିଁ, ତେବେ ରାଷ୍ଟ୍ରପତି ଟ୍ରମ୍ପ ବାଣିଜ୍ୟ ବନ୍ଦ କରିବାକୁ ଧମକ ଦେଇଛନ୍ତି କି? ଆପଣ କହିଥିଲେ ଯେ ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ। ଏବେ, କ'ଣ ରକ୍ତ ଏବଂ କ୍ରିକେଟ ଏକାଠି ପ୍ରବାହିତ ହେବ? ଏମିତି କିଛି ପ୍ରଶ୍ନର ଉତ୍ତର ଚାହିଁଛନ୍ତି ରାଉତ।

ପାକିସ୍ତାନ ବିପକ୍ଷ ମ୍ୟାଚ ଉପରେ ବ୍ୟାପକ ବାଜି ଏବଂ ଅନଲାଇନ ଜୁଆ ଚାଲିଛି, ଯେଉଁଥିରେ ଅନେକ ଭାଜପା ସଦସ୍ୟ ସାମିଲ ଥିବା ଜଣାପଡ଼ିଛି। ଗୁଜରାଟର ଜଣେ ପ୍ରମୁଖ ବ୍ୟକ୍ତି ଜୟ ଶାହ ବର୍ତ୍ତମାନ କ୍ରିକେଟ ବ୍ୟାପାର ଦାୟିତ୍ୱରେ ଅଛନ୍ତି। ଏଥିରୁ ଭାଜପା କ'ଣ କୌଣସି ବିଶେଷ ଆର୍ଥିକ ଲାଭ ପାଇଥାଏ? ସେ ଆହୁରି କହିଛନ୍ତି ଯେ ପାକିସ୍ତାନ ସହିତ କ୍ରିକେଟ ଖେଳିବା କେବଳ ଆମର ସୈନିକଙ୍କ ବୀରତ୍ୱର ଅପମାନ ନୁହେଁ ବରଂ ଶ୍ୟାମା ପ୍ରସାଦ ମୁଖାର୍ଜୀ ସମେତ କଶ୍ମୀର ପାଇଁ ପ୍ରାଣବଳି ଦେଇଥିବା ପ୍ରତ୍ୟେକ ସହିଦଙ୍କ ପ୍ରତି ମଧ୍ୟ ଅପମାନ। ଏହି ମ୍ୟାଚଗୁଡ଼ିକ ଦୁବାଇରେ ଅନୁଷ୍ଠିତ ହେଉଛି।

ଯଦି ଏଗୁଡ଼ିକ ମହାରାଷ୍ଟ୍ରରେ ହୋଇଥାନ୍ତା, ତେବେ ବାଲାସାହେବ ଠାକରେଙ୍କ ଶିବସେନା ସେମାନଙ୍କୁ ବାଧା ଦେଇଥାନ୍ତା। ହିନ୍ଦୁତ୍ୱ ଏବଂ ଦେଶପ୍ରେମ ଅପେକ୍ଷା ପାକିସ୍ତାନ ସହିତ କ୍ରିକେଟକୁ ପ୍ରାଥମିକତା ଦେଇ ଆପଣ ଦେଶର ଲୋକଙ୍କ ଭାବନାକୁ ତୁଚ୍ଛ କରୁଛନ୍ତି। ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ଆପଣଙ୍କ ନିଷ୍ପତ୍ତିକୁ ନିନ୍ଦା କରୁଛି।

# କ୍ରିକେଟରୁ ଅବସର ନେଲେ ଗୌହର ସୁଲତାନ

**ନୂଆଦିଲ୍ଲୀ**

୨୦୨୫ ବର୍ଷ କ୍ରିକେଟ ପ୍ରେମୀଙ୍କ ପାଇଁ ବହୁତ ଖରାପ ହୋଇଛି। ଏହି ବର୍ଷ ଏପର୍ଯ୍ୟନ୍ତ ଅନେକ ବଡ଼ ଖେଳାଳି ଅବସର ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସେ ରୋହିତ ଶର୍ମା, ବିରାଟ କୋହଲି, ଷ୍ଟିଭ ସ୍ମିଥ, ଆଣ୍ଡ୍ରେ ରସେଲ, ନିକୋଲାସ ପୁରନ କିମ୍ବା ଗ୍ଲେନ ମ୍ୟାକ୍ସୱେଲ ହୁଅନ୍ତୁ। ଏବେ ଏହି ତାଲିକାରେ ଆଉ ଏକ ନାମ ଯୋଡି ହୋଇଛି। ଭାରତୀୟ ମହିଳା ଦଳର ବାମହାତୀ ସ୍ପିନର ଗୌହର ସୁଲତାନା ଗୁରୁବାର ସମସ୍ତ ଫର୍ମାଟ କ୍ରିକେଟରୁ ଅବସର ନେଇଛନ୍ତି।



୩୭ ବର୍ଷୀୟ ଗୌହର ୨୦୦୮ରେ ଭାରତ ପାଇଁ ଡେବ୍ୟୁ କରିଥିଲେ। ଗୌହର ଭାରତ ପାଇଁ ୫୦ଟି ଦିନିକିଆ ଏବଂ ୩୭ଟି ଟି୨୦ ମ୍ୟାଚ ଖେଳିଥିଲେ। ଗୌହର ଶେଷ ଥର ପାଇଁ ୨୦୧୪ରେ ଭାରତ ପାଇଁ ଖେଳିଥିଲେ। ଏହି ସମୟ ମଧ୍ୟରେ ଗୌହର ଘରୋଇ କ୍ରିକେଟ ଖେଳି ଚାଲିଥିଲେ। ଏହା ସହିତ, ସେ ୨୦୨୪ ଏବଂ ୨୦୨୫ରେ ମହିଳା ପ୍ରିମିୟର ଲିଗ ରେ ୟୁପି ୱାରିୟର୍ସର ଅଂଶ ଥିଲେ।

ଇନଷ୍ଟାଗ୍ରାମରେ ଅବସର ଘୋଷଣା କରି ଗୌହର ଲେଖିଛନ୍ତି, ଭାରତ ପାଇଁ ସବୁଠାରୁ ବଡ଼ ସ୍ତରରେ ଖେଳିବା – ବିଶ୍ୱକପ, ବିଦେଶୀ ଗସ୍ତ ଏବଂ ଦକ୍ଷତା ଏବଂ ସାହସ ଉଭୟର ପରୀକ୍ଷା ହୋଇଥିବା ମ୍ୟାଚ – ମୋ ଜୀବନର ସବୁଠାରୁ ବଡ଼ ସମ୍ମାନ। ନିଆଯାଇଥିବା ପ୍ରତ୍ୟେକ ଉଇକେଟ୍, ପଡ଼ିଆରେ ପ୍ରତ୍ୟେକ ଡାଇଭ, ସାଥୀ ଖେଳାଳିଙ୍କ ସହିତ ପ୍ରତ୍ୟେକ ମିଳନ ମୋତେ ଆଜିର ଖେଳାଳି ଏବଂ ବ୍ୟକ୍ତି କରିଛି।

# ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଡବଲ୍ସରେ ଚମକିଲେ ମୟୂରଭଞ୍ଜର ଆୟୁଷ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଘାନାର ଆକ୍ରା ଠାରେ ଅନୁଷ୍ଠିତ ଘାନା ଗ୍ରାଣ୍ଡ ସ୍ଲାମ – ୨୦୨୫ ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ଦୁଇ ଖେଳାଳି ରନର୍ସ ଅପ ହୋଇ ଭାରତ, ଓଡିଶା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଜୁଲାଇ ୨୮ ରୁ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୁରଭଞ୍ଜର ଆୟୁଷ ପଟ୍ଟନାୟକ ଓ ଅନୁଗୁଳର ଅବିନାଶ ମହାନ୍ତିଙ୍କ ଯୋଡ଼ି ଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ପୁଲୁଙ୍ଗ ରାମଧାନ ଓ ଅଂଶେଲମୁସ ବ୍ରେଗିଡ ଫ୍ରେଡିଙ୍କ ଯୋଡି ଠାରୁ ୧୧-୨୧ ଓ ୧୩-୨୧ ସେଟରେ ପରାସ୍ତ ହୋଇ ରନର୍ସ ଅପ ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲାପାଳ ହେମାକାନ୍ତ ସଞ୍ଜୟ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ବ୍ୟାଡ଼ମିଣ୍ଟନ ଆସୋସିଏସନର ସମ୍ପାଦକ ବିଭୁତିଭୂଷଣ ଦାସ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି ଓ ଆୟୁଷଙ୍କ ସଫଳତା ଯୁବ ବ୍ୟାଡ଼ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ପ୍ରେରଣା ଯୋଗାଇଦେବ ବୋଲି ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି ଓ ପ୍ରକାଶଥାଉକି ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ବେଲଗଡ଼ିଆର ଆୟୁଷ ଇଣ୍ଡୋର ଷ୍ଟାଡିୟମରେ କୋଚ ବିଭୂତି ଭୂଷଣଙ୍କ ଠାରୁ ଖେଳ ଆରମ୍ଭ କରି ପରବର୍ତ୍ତୀ ସମୟରେ ଜିଲ୍ଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ବହୁବାର ପୁରସ୍କୃତ ହୋଇଛନ୍ତି।

## ଜଳବିଭାଜିକା: ସାକାର ହେଉଛି ବିକଶିତ ଭାରତର ସ୍ୱପ୍ନ

# ଜଳ ଏବଂ ମୃତ୍ତିକା ସଂରକ୍ଷଣ ଠାରୁ କୃଷି ଓ କୃଷକଙ୍କ ସମୃଦ୍ଧି ପର୍ଯ୍ୟନ୍ତ



**ଶିବରାଜ ସିଂହ ଚୌହାନ**
କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ

ଜଳ ହେଉଛି ଜୀବନ ଏବଂ ମାଟି ହେଉଛି ଆମର ଅସ୍ତିତ୍ୱ, ଆମର ଆଧାର। ପାଣି ଏବଂ ମାଟି ବିନା ଜୀବନର କଳ୍ପନା କରାଯାଇପାରିବ ନାହିଁ। ଆଜି ଯେତେବେଳେ ପରିବେଶଗତ ସଙ୍କଟ ଗଭୀର ହେଉଛି, କୂଅ ଶୁଖିଯାଉଛି, ନଦୀର ଶାଖା ଦୁର୍ବଳ ହେଉଛି ଏବଂ ଭୂତଳ ଜଳ ମାଟିରେ ମିଶିଯାଉଛି, ସେତେବେଳେ ଆଗାମୀ ପିଢ଼ି ପାଇଁ ଜଳ ଏବଂ ମାଟିକୁ ସୁରକ୍ଷା ଦେବା ଆମର ଦାୟିତ୍ୱ ହୋଇଛି। ଯେତେବେଳେ ଆମର କ୍ଷେତ ସବୁଜ ହେବ ଏବଂ ଚାଷୀମାନେ ସମୃଦ୍ଧ ହେବେ, ସେତେବେଳେ ହିଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ-୨୦୪୭ ସଂକଳ୍ପ ସାକାର ହେବ, କାରଣ ଏହି ସଂକଳ୍ପର ପଥ ଆମ ଗାଁର ପାଦଚଲା ରାସ୍ତା, ଉର୍ବର ମାଟି ଏବଂ ସବୁଜିମା ଭରା ଫସଲ ଦେଇ ଯାଇଥାଏ।

ଆଜି ପରିବେଶ ନଷ୍ଟ ହେବା ଯୋଗୁଁ, ଅନେକ ସ୍ଥାନରେ ଭୂତଳ ଜଳର ସ୍ତର ହଜାର-ଦେଢ଼ ହଜାର ଫୁଟ ତଳକୁ ଖସିଯାଇଛି। ଯଦି ଆମର ଉର୍ବର ମାଟି ଏହିପରି ଧୋଇ ହୋଇଯାଏ ଏବଂ ଜମି ଅନୁର୍ବର ହୋଇଯାଏ, ତେବେ ଆମର ଆଗାମୀ ପିଢ଼ିର ଭବିଷ୍ୟତ କ'ଣ ହେବ? ଏହି ଦୂରଦୃଷ୍ଟିପୂର୍ଣ୍ଣ ଚିନ୍ତାଧାରା ଏବଂ ଭବିଷ୍ୟତ ପାଇଁ ଚିନ୍ତା ସହିତ, ଆମ ସରକାର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ଚ୍ୟାଲେଞ୍ଜ ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସର୍ବଦା ଏକ ଦୃଷ୍ଟିକୋଣ ସହିତ କାମ କରିଛନ୍ତି। ସେ କେବଳ ଆଜି ବିଷୟରେ ନୁହେଁ ବରଂ ଆଗାମୀ ୫୦-୧୦୦ ବର୍ଷ ବିଷୟରେ ମଧ୍ୟ ଚିନ୍ତା କରନ୍ତି। ତାଙ୍କ ନେତୃତ୍ୱରେ, ଭାରତ ସରକାରଙ୍କ ଭୂମି ସମ୍ପଦ ବିଭାଗ ସାରା ଦେଶରେ 'ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା' ଅଧୀନରେ 'ୱାଟରସେଡ୍ ବିକାଶ ଉପାଦାନ (ଡବ୍ଲୁଡିସି-ପିଏମକେଏସୱାଇ)' କାର୍ଯ୍ୟକାରୀ କରୁଛି। କିନ୍ତୁ ସରକାର କେବଳ ଏହି କାମ କରିପାରିବେ ନାହିଁ। ଏହି ମହାନ ମିଶନରେ ସମାଜକୁ ମଧ୍ୟ ସରକାରଙ୍କ ସହିତ ଠିଆ ହେବାକୁ ପଡିବ। ଏହା ପୃଥିବୀକୁ ବଞ୍ଚାଇବା ପାଇଁ ଏକ ଅଭିଯାନ। ଯଦି ଜଳ, ମାଟି ଏବଂ ଜମିକୁ ବଞ୍ଚାଯାଏ, ତେବେ ଭବିଷ୍ୟତକୁ ସୁରକ୍ଷିତ କରାଯାଇପାରିବ। ଏହି ଯୋଜନା ବିଶେଷକରି ସେହି ଅଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ କରାଯାଉଛି ଯାହା ବର୍ଷା ଉପରେ ନିର୍ଭରଶୀଳ ଏବଂ ଏହି ଅଞ୍ଚଳରେ ରହୁଥିବା ଆମର ଚାଷୀ ଭାଇ ଭଉଣୀମାନଙ୍କ ଜୀବନରେ ସମୃଦ୍ଧି ଆଣିବା ପାଇଁ ଏକ ମହାନ ଅଭିଯାନ, ଯେଉଁଠାରେ ଥରେ ସେମାନଙ୍କୁ ପ୍ରତ୍ୟେକ ବୁନ୍ଦା ପାଣି ପାଇଁ ସଂଘର୍ଷ କରିବାକୁ ପଡୁଥିଲା।

ଅନେକ ଲୋକ ମୋତେ ପଚାରନ୍ତି ଯେ ଏହି ଜଳବିଭାଜିକା ଯୋଜନା ପ୍ରକୃତରେ କ'ଣ? ମୁଁ ସେମାନଙ୍କୁ ସରଳ ଭାଷାରେ କହୁଛି ଯେ ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ପରିଚାଳିତ ଏକ ବିପ୍ଳବ। ଏହି ଯୋଜନାର ମୂଳ ମନ୍ତ୍ର ହେଉଛି- 'କ୍ଷେତର ପାଣି କ୍ଷେତରେ ରହିବା ଉଚିତ ଏବଂ ଗାଁର ପାଣି ଗାଁରେ ରହିବା ଉଚିତ'। ଏହା ଅଧୀନରେ, ଆମେ ସମସ୍ତେ ମିଶି କ୍ଷେତର ସୀମାକୁ ସୁଦୃଢ଼ କରିଥାଉ, କ୍ଷେତରେ ଛୋଟ ପୋଖରୀ ଏବଂ ଛୋଟ ନାଳରେ ଚେକ୍ ଡ୍ୟାମ୍ ଭଳି ଜଳ ସଂରଚନା ଗଠନ କରିଥାଉ। ଏହା ଯୋଗୁଁ ବର୍ଷା ପାଣି ବହିଯାଏ ନାହିଁ ଏବଂ ନଷ୍ଟ ହୁଏ ନାହିଁ, ବରଂ ଧୀରେ ଧୀରେ ପୃଥିବୀର ତୃଷା ମେଣ୍ଟାଏ, ଯାହା ଫଳରେ ଭୂତଳ ଜଳର ସ୍ତର ବୃଦ୍ଧି ପାଏ ଏବଂ ମାଟିରେ ଦୀର୍ଘ ସମୟ ପାଇଁ ଆର୍ଦ୍ରତା ବଜାୟ ରହିଥାଏ।

ଏହି ଯୋଜନାର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଜନଭାଗୀଦାରୀ। ଗାଁର ଲୋକମାନେ ନିଜେ ବସି ନିଷ୍ପତ୍ତି ନିଅନ୍ତି ଯେ କେଉଁଠି ପୋଖରୀ ଖୋଳିବେ, କେଉଁଠି ସୀମା କରିବେ ଏବଂ କେଉଁଠି ଗଛ ଲଗାଇବେ। ଭୂମିହୀନ ପରିବାର ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କୁକୁଡ଼ା ଏବଂ ମହୁମାଛି ପାଳନ ଭଳି କାର୍ଯ୍ୟ ସହିତ ଯୋଡ଼ି ସେମାନଙ୍କର ଆୟ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରାଯାଉଛି। ଏହି ଯୋଜନା ବହୁତ ସୁଖଦ ଫଳାଫଳ ଦେଉଛି। ଏହାର ସବୁଠାରୁ ବଡ଼ ଲାଭାର୍ଥୀ ହେଉଛନ୍ତି ଆମର କୃଷକ ଭାଇ ଏବଂ ଭଉଣୀମାନେ, ଯାହାଙ୍କ ଆୟ ୮% ରୁ ୭୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହା ସମ୍ଭବ ହୋଇପାରିଛି କାରଣ ୨୦୧୫ ପର ଠାରୁ ସରକାର ଟ.୨୦,୦୦୦ କୋଟିରୁ ଅଧିକ ଖର୍ଚ୍ଚ କରିଛନ୍ତି ଏବଂ ସାରା ଦେଶରେ ୬,୩୮୨ ରୁ ଅଧିକ ପ୍ରକଳ୍ପ ଚଳାଇଛନ୍ତି ଏବଂ ପ୍ରାୟ ୩ କୋଟି ହେକ୍ଟର ଜମିକୁ ପୁନର୍ବାର ଉର୍ବର କରିବା ପାଇଁ କାର୍ଯ୍ୟ କରିଛନ୍ତି।

ମଧ୍ୟପ୍ରଦେଶର ଝାବୁଆରେ, ଯେଉଁଠାରେ ମରୁଡ଼ି ଏକ ବଡ଼ ସମସ୍ୟା ଥିଲା, ଆଜି ଆଦିବାସୀ ଗ୍ରାମଗୁଡ଼ିକରେ ପ୍ରଚୁର ପାଣି ଅଛି ଏବଂ ମାଟିର ଉର୍ବରତା ମଧ୍ୟ ବୃଦ୍ଧି ପାଇଛି। ପ୍ରକଳ୍ପ ଅଞ୍ଚଳର ୨୨ଟି ଗାଁରେ ଭୂତଳ ଜଳ ସ୍ତର ଏକ ମିଟର ବୃଦ୍ଧି ପାଇଛି। ଏହା ଚାଷରେ ମଧ୍ୟ ପରିବର୍ତ୍ତନ ଆଣିଛି। ଏଠାକାର ଚାଷୀମାନେ କୁହନ୍ତି ଯେ ଗାଁରେ ଚେକ୍ ଡ୍ୟାମ୍ ନିର୍ମାଣ ପରେ ସେମାନେ ଏବେ ମକା ସହିତ ଚଣା ଫସଲ ଚାଷ କରୁଛନ୍ତି, ଯାହାଫଳରେ ସେମାନଙ୍କର ଆୟ ଟ.୫୦,୦୦୦ ରୁ ଟ.୬୦,୦୦୦ କୁ ବୃଦ୍ଧି କରିଛି। ଏହା ସହିତ, ଝାବୁଆର ପାରବଲିଆ ପଞ୍ଚାୟତରେ, ୧୨ଟି କ୍ଷେତରେ ନିର୍ମିତ ଫାର୍ମ ପୋଖରୀ ଯୋଗୁଁ ଚାଷୀଙ୍କ ଆୟ ଟ.୧ ଲକ୍ଷରୁ ଟ.୧.୫ ଲକ୍ଷକୁ ବୃଦ୍ଧି ପାଇଛି।

ଏହି ଯୋଜନା ଅଧୀନରେ, ଚେକ୍ ଡ୍ୟାମ୍, ଝର ପୋଖରୀ, ଫାର୍ମ ପୋଖରୀ ଭଳି ୯ ଲକ୍ଷରୁ ଅଧିକ ଜଳବିଭାଜିକା ସଂରଚନା ନିର୍ମାଣ କରାଯାଇଛି। ୫.୬ କୋଟିରୁ ଅଧିକ ମାନବ ଦିବସ ଉପଲବ୍ଧ ହୋଇଛି, ଯାହା ଗ୍ରାମୀଣ ନିଯୁକ୍ତି ବୃଦ୍ଧି କରିଛି। ଜଳବିଭାଜିକା ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଗ୍ରାମାଞ୍ଚଳରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଯେଉଁ ପ୍ରକଳ୍ପ ଅଞ୍ଚଳରେ ପୂର୍ବରୁ ପାଣିର ଅଭାବ ଥିଲା, ସେଠାରେ ଏବେ ଜଳ ଉତ୍ସ ୧.୫ ଲକ୍ଷ ହେକ୍ଟରରୁ ଅଧିକ ନୂତନ ଅଞ୍ଚଳରେ ବିସ୍ତାରିତ ହୋଇଛି, ଅର୍ଥାତ୍ ୧୬% ବୃଦ୍ଧି ପାଇଛି। ଏହା ସହିତ, ଏବେ ଚାଷୀମାନେ ପାରମ୍ପରିକ ଫସଲ ବ୍ୟତୀତ ଫଳ ଏବଂ ଅନ୍ୟାନ୍ୟ ବୃକ୍ଷର ଚାଷ କରିବା ଆରମ୍ଭ କରିଛନ୍ତି, ଯାହା ଫଳରେ ଉଦ୍ୟାନ କୃଷି ଏବଂ ବୃକ୍ଷ ଚାଷର ପରିସର ୧୨% ବୃଦ୍ଧି ପାଇ ୧.୯ ଲକ୍ଷ ହେକ୍ଟର ହୋଇଛି।

ରାଜସ୍ଥାନର ବାଡ଼ମେର ଭଳି ମରୁଭୂମି ଅଞ୍ଚଳରେ, ଯେଉଁଠାରେ ଜଳ ଅଭାବ ଚାଷୀମାନଙ୍କୁ ସ୍ଥାନାନ୍ତର କରିବାକୁ ବାଧ୍ୟ କରୁଥିଲା, ଆଜି ଡାଳିମ୍ବ ଚାଷ ଯୋଗୁଁ ସବୁଜିମା ଫେରି ଆସିଛି। ଏହି ଯୋଜନା ଅଧୀନରେ, ୧୨୦ ରୁ ଅଧିକ ଚାଷୀଙ୍କୁ ଡାଳିମ୍ବ ଗଛ ଯୋଗାଇ ଦିଆଯାଇଥିଲା, ଯାହା ବାଲିଆ ମାଟି ଏବଂ ସୀମିତ ପାଣି ଭଳି କଷ୍ଟକର ପରିସ୍ଥିତିରେ ମଧ୍ୟ ସହଜରେ ବଢ଼ିଥାଏ। ଡାଳିମ୍ବ ଚାଷ କେବଳ ଆୟ ବୃଦ୍ଧି କରିନାହିଁ, ବରଂ ବୁଡିୱାରା ଗାଁର ମାଙ୍ଗିଲାଲ ପାରଙ୍ଗୀ କୁହନ୍ତି ଯେ ତାଙ୍କ ପରି ଚାଷୀମାନେ ଏବେ ଜଡ଼ା ଛାଡି ଉଦ୍ୟାନ କୃଷି ଆଡକୁ ମୁହାଁଇଛନ୍ତି। ତ୍ରିପୁରାର ଦାସୀ ରିଆଙ୍ଗ ଏବଂ ବିମନ ରିଆଙ୍ଗ ଭଳି ଚାଷୀମାନେ ସେମାନଙ୍କର ଅନୁର୍ବର ଜମିକୁ ପୁଣି ଉର୍ବର କରୁଛନ୍ତି ଏବଂ ଯୋଜନା ସାହାଯ୍ୟରେ ସପୁରୀ ଚାଷ କରି ଭଲ ଆୟ ଲାଭ କରୁଛନ୍ତି।

ଏହି ସମ୍ପୂର୍ଣ୍ଣ ବିପ୍ଳବକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ, ଆମେ ଏକ 'ୱାଟରସେଡ୍ ଯାତ୍ରା' ମଧ୍ୟ ଆୟୋଜନ କରିଥିଲୁ। ଏହି ଯାତ୍ରା ମାଧ୍ୟମରେ, ଆମେ ସାରା ଦେଶରେ ଜଳ ସଂରକ୍ଷଣ ଏବଂ ଭୂମି ସମୃଦ୍ଧି ପାଇଁ ଏକ ଜନସଚେତନତା ଅଭିଯାନ ଆରମ୍ଭ କରିଥିଲୁ। ଆମେ ଏହି ଯୋଜନାରେ ପ୍ରଯୁକ୍ତିର ପୂର୍ଣ୍ଣ ବ୍ୟବହାର ମଧ୍ୟ କରିଛୁ। 'ଭୁବନ ଜିଓପୋର୍ଟାଲ୍ (ସୃଷ୍ଟି)' ଏବଂ 'ଦୃଷ୍ଟି' ମୋବାଇଲ୍ ଆପ୍ ଭଳି ଡିଜିଟାଲ୍ ଉପକରଣ ଦ୍ୱାରା ଯୋଜନାଗୁଡ଼ିକର ଅଗ୍ରଗତି ସଠିକ୍ ଭାବରେ ତଦାରଖ କରାଯାଉଛି। ଚାଷୀଙ୍କ କଠିନ ପରିଶ୍ରମ ଏବଂ ଆମର ଯୋଜନା ଯୋଗୁଁ, ସାରା ଦେଶରେ ଫସଲ କ୍ଷେତ୍ର ବୃଦ୍ଧି ପାଇଛି। ସାଟେଲାଇଟ୍ ତଥ୍ୟ ଦର୍ଶାଉଛି ଯେ ଫସଲ କ୍ଷେତ୍ର ପ୍ରାୟ ୧୦ ଲକ୍ଷ ହେକ୍ଟର (୫% ବୃଦ୍ଧି) ଏବଂ ଜଳ ଉତ୍ସର କ୍ଷେତ୍ରଫଳ ୧.୫ ଲକ୍ଷ ହେକ୍ଟର (୧୬% ବୃଦ୍ଧି) ବୃଦ୍ଧି ପାଇଛି। ସବୁଠାରୁ ବଡ଼ କଥା ହେଉଛି ଯେ ୮.୪ ଲକ୍ଷ ହେକ୍ଟରରୁ ଅଧିକ ଅନୁର୍ବର ଜମି ଏବେ ପୁଣି ଚାଷଯୋଗ୍ୟ ହୋଇପାରିଛି।

ଆଜି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦକ୍ଷ ନେତୃତ୍ୱରେ, ଅମୃତକାଳରେ, ଆମେ ସମସ୍ତେ ଭୂମି ସଂରକ୍ଷଣର ଏକ ନୂତନ ଗାଥା ଲେଖୁଛୁ। ଏହା କେବଳ ପରିସଂଖ୍ୟାନ ନୁହେଁ, ଏହା ଆମର କୃଷକମାନଙ୍କ କଠିନ ପରିଶ୍ରମ ଏବଂ ସେମାନଙ୍କ ଉତ୍ତମ ଭବିଷ୍ୟତର ଏକ ଜୀବନ୍ତ କାହାଣୀ। ଯେତେବେଳେ ଆମେ ଜଳ ଏବଂ ମାଟି ସଂରକ୍ଷଣ କରିବୁ, ସେତେବେଳେ ଆମେ ଆମର ଆଗାମୀ ପିଢ଼ିର ଭବିଷ୍ୟତ ସୁରକ୍ଷିତ କରିପାରିବା। ଆସନ୍ତୁ ଆମେ ଏହି ସଂକଳ୍ପକୁ ଏକାଠି ପୂରଣ କରିବା ଓ ଚାଷୀମାନଙ୍କୁ ସମୃଦ୍ଧ ଏବଂ ଭାରତକୁ ବିକଶିତ କରିବା।

ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱାସ କରନ୍ତି ଯେ ଏହି ଅଭିଯାନ କେବଳ ସରକାରଙ୍କ ନୁହେଁ, ସମାଜର ଅଂଶଗ୍ରହଣରେ ସଫଳ ହେବ। ସମାନ ଚିନ୍ତାଧାରା ଅନୁଯାୟୀ, 'ୱାଟରସେଡ୍ ଯାତ୍ରା' ଭଳି ପଦକ୍ଷେପ ମାଧ୍ୟମରେ ଏହି ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଯାଇଛି ଏବଂ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଭାରତୀୟ କୃଷକମାନଙ୍କ କଠିନ ପରିଶ୍ରମ ଏବଂ ପରିବର୍ତ୍ତିତ ଭବିଷ୍ୟତର କାହାଣୀ। ଜଳ ଏବଂ ମାଟି ସୁରକ୍ଷିତ ହେଲେ ହିଁ ଭାରତ ସୁରକ୍ଷିତ ହେବ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ଗାଁ ଭୂମି ସମୃଦ୍ଧ ହେବ ଏବଂ ଚାଷୀମାନେ ଖୁସି ହେବେ। ଆସନ୍ତୁ ଆମେ ଏକାଠି ଜଳ ଏବଂ ମାଟିକୁ ସୁରକ୍ଷିତ କରିବା ପାଇଁ ଏହି ସଂକଳ୍ପକୁ ଆଗକୁ ବଢ଼ାଇବା।

# ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମ ପାଇଁ ଗ୍ରାହକ ଜାଗରଣ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ କେନ୍ଦ୍ରାପଡା ଶ୍ୟାମସୁନ୍ଦରପୁର ଠାରେ ମାନିନି ଷଢଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସଭାପତି ସୈ।ମେନ୍ଦ୍ର ଜେନା ସଂପାଦକ ସଞ୍ଜୟ ରଥ, ଜୋସ୍ନାରାଣୀ ଜେନା ମୁଖ୍ୟ ସଂପାଦକ ଅଭୟ ଅନିର୍ବାଣ ଅତିଥିଭାବେ ଯୋଗଦେଇ ଥିଲେ। ଅଖିଳ ଭାରତୀୟ ଗ୍ରାହକଙ୍କ ପାଇଁ ସେପ୍ଟେମ୍ବର ମାସ ୧୯୭୪ ମସିହାରୁ କାର୍ଯ୍ୟକାରି ହେଉଛି। ହେଲେ କେଉଁଠି ନା କେଉଁଠି ସବୁବେଳେ ଗ୍ରାହକମାନେ ଠକାମିର ଶିକାର ହେଉଛନ୍ତି। ଗ୍ରାହକ ମାନଙ୍କୁ ଠକାମିରୁ ରକ୍ଷା କରିବାପାଇଁ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତୃଣମୂଳ ସ୍ତରରେ ପହଞ୍ଚି ଗ୍ରାହକଙ୍କୁ ସଚେତନ କରିବା କାର୍ଯ୍ୟ ଅଖିଳ ଭାରତୀୟ ଗ୍ରାହକ ସଂସ୍ଥା କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂପାଦକ ସୁବାଷ ବେହେରା, ବିଷ୍ଣୁପ୍ରିୟା ସାମଲ, ବନ୍ଦନାରାଣୀ ରାଉତରାୟ, ନମିତା ବଳ, ସସ୍ମିତା ସାମଲ, ସରସ୍ୱତୀ ବେହେରା, ପାର୍ବତୀ ବେହେରା, ତନୁଜା ଥାପା, ପ୍ରିୟତମା ରାଉଳ, ଇନ୍ଦୁରେଖା ସାହାଣୀ, ନମିତା ଜେନା, ପଙ୍କଜିନି ସାମଲ, ରୋସ୍ନାମୟୀ ସ୍ୱାଇଁ, ଧିରେନ ସତପଥି, ସତ୍ୟରଞ୍ଜନ ସାହୁ, କେଶବ ମିଶ୍ର, ଚନ୍ଦନ ରାଉତରାୟ ,କ୍ଷୀରୋଦ ଭୋଳ, ଶ୍ରୀଧର ଭୋଳ, ରଞ୍ଜନ କୁମାର ଆଚାର୍ଯ୍ୟ ପ୍ରମୁଖ ୯ ଟି ବ୍ଲକର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡିସେମ୍ବର ସୁଦ୍ଧା...

କରିଛନ୍ତି । ଏ ସମସ୍ତ କାମ ସରକାରଙ୍କ ପାଇଁ ସୁନାମ ଆଣିଛି ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ବର୍ତ୍ତମାନର ପରିବର୍ତ୍ତନଶୀଳ ପରିବେଶକୁ ନେଇ ଆମକୁ ଆହୁରି ସୁଦୃଢ଼ ହେବାକୁ ପଡ଼ିବ । ନୂଆ ନୂଆ ଜ୍ଞାନ କୌଶଳ ପ୍ରୟୋଗ ବିଷୟରେ ଆମକୁ ସଜାଗ ହେବାକୁ ପଡ଼ିବ। ଏଥିପାଇଁ ଆମ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଅଗ୍ନିଯୋଦ୍ଧାମାନଙ୍କ ପ୍ରଶିକ୍ଷଣର ମାନବୃଦ୍ଧି ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚରେ ଆମେ ଏକ ବିଶ୍ୱସ୍ତରୀୟ ସିମୁଲେଟର ପ୍ରତିଷ୍ଠା କରିବାକୁ ଯାଉଛୁ । ଏହି ସିମୁଲେଟର ମାଧ୍ୟମରେ ଆମ ଅଗ୍ନିଯୋଦ୍ଧାମାନେ ଅତ୍ୟାଧୁନିକ ପ୍ରଶିକ୍ଷଣ ଓ କଠିନ ପରିସ୍ଥିତିର ମୁକାବିଲା ପାଇଁ ଅଭ୍ୟାସ କରିପାରିବେ । ଏଥି ସହିତ କୋଣାର୍କର ରାମଚଣ୍ଡୀ ଠାରେ ୧୨ କୋଟି ଟଙ୍କା ବ୍ୟୟରେ ଏକ ଜାତୀୟ ସ୍ତରୀୟ ଜଳଦକ୍ଷତା ଓ ଜୀବନ ରକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ୧୦ କୋଟି ଟଙ୍କା ବିନିମୟରେ ସେଠାରେ ଏକ ବିଶ୍ୱସ୍ତରୀୟ ସ୍କୁବା ଡ୍ରାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ କରାଯିବ । ଉଦ୍ଧାର କାର୍ଯ୍ୟରେ ଲିପ୍ତ ପୋଲିସ, ଅଗ୍ନିଶମ ଓ ଗୃହରକ୍ଷୀ କର୍ମଚାରୀମାନଙ୍କୁ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଓଡ଼ିଶା ଅଗ୍ନିଶମ ବିଭାଗକୁ ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱସ୍ତରୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ପାଣିରେ ବୁଡି ଜୀବନ ହାନି ଘଟଣା ପ୍ରତି ସମ୍ବେଦନଶୀଳ ହୋଇ କହିଥିଲେ ଯେ, ଜଳସୁରକ୍ଷା ପ୍ରତି ବିଭାଗ ପକ୍ଷରୁ ରାଜ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉ । ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସନ୍ତରଣ ଶିକ୍ଷା ପ୍ରତି ସଚେତନତା ବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ। ପ୍ରତ୍ୟେକ ଅଗ୍ନିଶମ ଗାଡ଼ିରେ ଫାଷ୍ଟଏଡ କିଟ୍ ଓ ଆଧୁନିକ ଷ୍ଟ୍ରେଚର ରଖନ୍ତୁ, ଯାହାଦ୍ୱାରା ଅନେକ ଅମୂଲ୍ୟ ଜୀବନ ଗୋଲଡେନ ଆୱାର ଭିତରେ ବଞ୍ଚାଯାଇ ପାରିବ । ଏଥି ସହିତ ବିଭିନ୍ନ ଅନୁଷ୍ଠାନ ଯେପରିକି ମେଡିକାଲ, ସ୍କୁଲ କଲେଜ କ୍ୟାମ୍ପସ, ଆପାର୍ଟମେଣ୍ଟ, ବାଣିଜ୍ୟ ଅନୁଷ୍ଠାନ ଗୁଡ଼ିକରେ ସେଠାକାର କର୍ମଚାରୀମାନଙ୍କୁ ନିଆଁକୁ ଆୟତ୍ତ କରିବା ସମ୍ବନ୍ଧୀୟ ପ୍ରଶିକ୍ଷଣକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସେ ଆହୁରି କହିଥିଲେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଗ୍ନି ନିର୍ବାପନ ଓ ବିପଦ ସମୟରେ ଉଦ୍ଧାର କାର୍ଯ୍ୟର ଜ୍ଞାନ ଆହରଣ ପାଇଁ ଆବଶ୍ୟକ ସ୍ଥଳେ ଅଗ୍ନିଯୋଦ୍ଧା ଓ ଅଧିକାରୀମାନଙ୍କୁ ରାଜ୍ୟ ବାହାରକୁ ପ୍ରଶିକ୍ଷଣ ପାଇଁ ମଧ୍ୟ ପଠାନ୍ତୁ ।

ଶେଷରେ ମୁଖ୍ୟମନ୍ତ୍ରୀ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ ଯେ ରାଜ୍ୟବାସୀଙ୍କୁ ନିରାପଦ ଓ ସୁରକ୍ଷିତ ପରିବେଶ ପ୍ରଦାନ କରିବା ହେଉଛି ଆପଣମାନଙ୍କ ଦାୟିତ୍ୱ । ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ନିଆଁ, ପାଣି, ପବନ, ଝଡ଼, ବର୍ଷା ସମସ୍ତେ ଆପଣଙ୍କ ନିକଟରେ ହାର ମାନିବେ । ଆପଣମାନେ ହୁଅନ୍ତୁ ଅଜେୟ-ଅଭେଦ୍ୟ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଗ୍ନିଯୋଦ୍ଧା ଶୀର୍ଷକ ଏକ ଥିମ୍ ସଙ୍ଗ ଲୋକାର୍ପିତ କରିବା ସହ ଏକ ବୃକ୍ଷ ଚାରାରୋପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରଶିକ୍ଷାର୍ଥୀଙ୍କ ପରିବାର ସଦସ୍ୟ ଏବଂ ପୋଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ ।

ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉପ ମହାନିରୀକ୍ଷକ ଉମାଶଙ୍କର ଦାଶ ଦୀକ୍ଷାନ୍ତ ସମାରୋହରେ ପ୍ରଶିକ୍ଷାର୍ଥୀଙ୍କୁ ଶପଥ ପାଠ କରାଇଥିଲେ।

## ସ୍ୱଚ୍ଛ ବାୟୁ ...

ବରିଷ୍ଠ ଅଧିକାରୀ ସଦସ୍ୟରୂପେ ବୈଠକରେ ସାମିଲ ହୋଇଥିଲେ।

ରାଜ୍ୟର ସାତଟି ସହରରେ ପିଏମ ୧୦ ସାନ୍ଦ୍ରତାର ବିଶ୍ଳେଷଣ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି । ୨୦୧୯-୨୦ ରୁ ୨୦୨୪-୨୫ ମଧ୍ୟରେ ପିଏମ ୧୦ସାନ୍ଦ୍ରତାରେ ୨୯ % ହ୍ରାସ ସହିତ ସ୍ୱଚ୍ଛ ବାୟୁ କ୍ଷେତ୍ରରେ କଟକ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ହାସଲ କରିଛି । ତା ପଛକୁ ଅନୁଗୁଳ (୨୮ %) ଏବଂ ବାଲେଶ୍ୱର (୨୬ %) ରହିଛି ।

ରାଜ୍ୟର କିଛି ସହରରେ ପିଏମ ୧୦ସାନ୍ଦ୍ରତାର ବିଶ୍ଳେଷଣ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇଛି । କଟକ, ଅନୁଗୁଳ ଓ ବାଲେଶ୍ୱରର ବିପରୀତ ଦିଗରେ ରହିଛନ୍ତି କଳିଙ୍ଗ ନଗର, ରାଉରକେଲା ଏବଂ ତାଳଚେର। କଳିଙ୍ଗ ନଗର, ରାଉରକେଲା ଏବଂ ତାଳଚେରରେ ପିଏମ ୧୦ସାନ୍ଦ୍ରତାରେ ବୃଦ୍ଧି ରେକର୍ଡ କରାଯାଇଛି, କଳିଙ୍ଗ ନଗରରେ -୧୩ % ପରିବର୍ତ୍ତନ, ତାଳଚେର -୧୨ % ଏବଂ ରାଉରକେଲା -୨.୭ %। ସ୍ୱଚ୍ଛ ବାୟୁ କ୍ଷେତ୍ରରେ ଏହି ତିନିଟି ସହରର ଅବନତି ଘଟିଛି ।

୨୦୨୩-୨୪ ପାଇଁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ଫଳାଫଳରେ ରାଜ୍ୟର ସହରଗୁଡ଼ିକ ଭଲ ପ୍ରଦର୍ଶନ କରିଥିଲେ ।ବର୍ଗ-୨ ସହରଗୁଡ଼ିକ ମଧ୍ୟରେ (୩-୧୦ ଲକ୍ଷ ଜନସଂଖ୍ୟା) ଭୁବନେଶ୍ୱର ସପ୍ତମ , କଟକ ନବମ ଏବଂ ରାଉରକେଲା ଦ୍ୱାଦଶ ସ୍ଥାନରେ ଥିଲା ।ବର୍ଗ-୩ ସହରଗୁଡିକ ମଧ୍ୟରେ (୩ ଲକ୍ଷ ଜନସଂଖ୍ୟାରୁ କମ)ତାଳଚେର ଚତୁର୍ଥ, ଅନୁଗୁଳ ଷଷ୍ଠ ଏବଂ ବାଲେଶ୍ୱର ସପ୍ତମ ସ୍ଥାନରେ ରହିଥିଲା।

୨୦୨୩-୨୪ ଏବଂ ୨୦୨୪-୨୫ ପାଇଁ ବୈଠକରେ ଆତ୍ମ-ମୂଲ୍ୟାୟନ ସ୍କୋର ମଧ୍ୟ ସମୀକ୍ଷା କରାଯାଇଥିଲା। କଟକ, ଭୁବନେଶ୍ୱର ଏବଂ ଅନୁଗୁଳ ୨୦୨୪-୨୫ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ସର୍ବାଧିକ ଚୂଡ଼ାନ୍ତ ସ୍କୋର ପାଇଥିଲେ । ଏହି ସହରଗୁଡିକ ୧୯୧, ୧୯୬.୫ ଏବଂ ୧୯୭.୫ ସ୍କୋର ପାଇଥିଲେ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ କଳିଙ୍ଗ ନଗର ଏବଂ ରାଉରକେଲା ସର୍ବନିମ୍ନ ସ୍କୋର ପାଇଥିଲେ ।କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ପାଇଁ ପକ୍କା ରାସ୍ତା ଏବଂ ଇ-ମୋବିଲିଟିକୁ ସମସ୍ୟା ଏବଂ କଳିଙ୍ଗ ନଗର ପାଇଁ ପକ୍କା ରାସ୍ତା ଏବଂ ବିଦ୍ୟୁତ ଯୋଗାଣକୁ ସମସ୍ୟାଭାବେ ଉଲ୍ଲେଖ କରିଥିଲା।

ଚଳିତ ବର୍ଷ ଜୁନ ୫ ରେ ନୂତନଭାବେ ଆରମ୍ଭ ହୋଇଥିବା ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ବୈଠକରେ ଉପସ୍ଥାପିତ ହୋଇଥିଲା। ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ପିଏମ ୧୦ ଏବଂ ପି ଏମ ୨.୫ରେ ୪୦ % ହ୍ରାସ ହାସଲ କରିବା। ଏହି କାର୍ଯ୍ୟକ୍ରମ ପାଇଁ ପାଞ୍ଚ ବର୍ଷ ମଧ୍ୟରେ ୧୫୦ କୋଟି ଟଙ୍କା ପାଣ୍ଠି ଯୋଗାଇ ଦିଆଯିବାର ପ୍ରସ୍ତାବ ରହିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଗତ ପାଞ୍ଚ ବର୍ଷର ମନିଟରିଂ ତଥ୍ୟ ଆଧାରରେ, ୧୨ଟି ସହରକୁ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସେହି ସହରଗୁଡିକ ହେଉଛି, ସମ୍ବଲପୁର, ଝାରସୁଗୁଡ଼ା, ପାରାଦୀପ, ବ୍ରହ୍ମପୁର, ପୁରୀ, ରାଜଗାଙ୍ଗପୁର, କେଉଁଝର, ଯୋଡା, ବଡବିଲ, ବ୍ରଜରାଜନଗର, ବେଲପାହାଡ଼ ଏବଂ ବଣାଇ।

ସହରସ୍ତରୀୟ କାର୍ଯ୍ୟ ଯୋଜନା ବିକାଶ କରିବା, ରାସ୍ତା ପରିଷ୍କାର ଯନ୍ତ୍ର ନିୟୋଜିତ କରିବା ଏବଂ ରାସ୍ତା ନିର୍ମାଣ କରିବା, ମନିଟରିଂ ଭିତ୍ତିଭୂମିକୁ ସୁଦୃଢ଼ କରିବା, ସାଧାରଣ ଲୋକଙ୍କ ଯୋଗାଯୋଗ ଏବଂ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ବର୍ଜ୍ୟବସ୍ତୁ ପୋଡ଼ିବା ରୋକିବା ଓ ଶିଳ୍ପ ନିର୍ଗମନ ହ୍ରାସ କରିବାରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମଅଧୀନରେ ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ ଅନ୍ତର୍ଭୁକ୍ତ।

ଏହି କାର୍ଯ୍ୟକ୍ରମର ଆର୍ଥିକ ଡକ୍ୟୁମେଣ୍ଟ ଦାଖଲ କରାଯାଇଛି ଏବଂ ଅର୍ଥ ବିଭାଗରୁ ଅନୁମୋଦନ ପାଇଁ ଅପେକ୍ଷା କରାଯାଇଛି।

## ଅମ୍ବାନୀଙ୍କ ...

ସିଓ୍ୱିଣ୍ଡ ଘରେ ପହଞ୍ଚିଥିଲା। ୭ରୁ ୮ ଜଣ ଅଧିକାରୀ ଘର ଭିତରେ ପଶି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ରେଡ ଚାଲିଥିବା ବେଳେ ଅମ୍ବାନୀ ଓ ତାଙ୍କ ପରିବାରର ସଦସ୍ୟମାନେ ଘରେ ଉପସ୍ଥିତ ରହିଥିଲେ। ସେମାନଙ୍କୁ ମଧ୍ୟ ସିବିଆଇର ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସ୍‌ବିଆଇ ପକ୍ଷରୁ ଅମ୍ବାନୀ ଆଣ୍ଡ କୋ ବିରୋଧରେ ଋଣ ଜାଲିଆତି ଅଭିଯୋଗ କରାଯାଇଛି। ଏହାପରେ ସିବିଆଇ ପକ୍ଷରୁ ଅନୀଲ ଅମ୍ବାନୀ, ତାଙ୍କ ଅଧୀନରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟମାନଙ୍କ ବିରୋଧରେ ଦିଲ୍ଲୀରେ ଏଫଆଇଆର ରୁଜୁ କରାଯାଇଥିଲା। ଏହାପରେ ସିବିଆଇ ପକ୍ଷରୁ ଏପରି ରେଡ ହୋଇଛି ।ଏହାପୂର୍ବରୁ ଅମ୍ବାନୀଙ୍କ କମ୍ପାନୀ ସହ ଜଡ଼ିତ ଥିବା କିଛି ଲୋକଙ୍କ ଘରେ ମଧ୍ୟ ସିବିଆଇ ରେଡ କରିଥିଲା।

## ଆମେରିକା...

ତରିକା ପାରମ୍ପରିକ ତରିକା ଧାରାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଉଦାହରଣ ସ୍ୱରୂପ ବ୍ୟାପାର ପାଇଁ ଏପରି ଭାବରେ ଟାରିଫ୍ (ଶୁଳ୍କ) ଲାଗୁ କରିବା ଏକ ନୂଆ ଅନୁଭବ। ଅଣ-ବ୍ୟାପାରିକ ପ୍ରସଙ୍ଗରେ ମଧ୍ୟ ଟାରିଫ୍ ଲାଗୁ କରିବା ତ ତାହାଠାରୁ ଅଧିକ ଅସାଧାରଣ ।

## ଆମେରିକାକୁ ...

ଗ୍ରହଣ କରିବାକୁ ମନା କରିଦେଇଛନ୍ତି, କାରଣ ସେମାନେ ଏହା ପାଇଁ ଟେକ୍ନିକାଲ ଓ ଅପରେସନାଲ ଦିଗରୁ ପ୍ରସ୍ତୁତ ନାହାନ୍ତି।

ଏହି ପରିସ୍ଥିତିକୁ ଦେଖି ଭାରତୀୟ ଡାକ ବିଭାଗ ୨୫ ଅଗଷ୍ଟରୁ ଆମେରିକା ପାଇଁ ସମସ୍ତ ପ୍ରକାର ଡାକ ଆର୍ଟିକଲର ବୁକିଂ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ତେବେ, ପତ୍ର/ଡକ୍ୟୁମେଣ୍ଟ ଏବଂ ୧୦୦ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାର ଏବେ ମଧ୍ୟ ଗ୍ରହଣ ଓ ପଠାଯିବ।

ଡାକ ବିଭାଗ କହିଛି ଯେ ଏହି ମାମଲା ଉପରେ ନଜର ରଖାଯାଇଛି ଏବଂ ସମସ୍ତ ସମ୍ପୃକ୍ତ ଏଜେନ୍ସିଙ୍କ ସହ ମିଳିତ ଭାବେ ଶୀଘ୍ର ସେବା ପୁନଃପ୍ରାରମ୍ଭ କରିବାକୁ ଚେଷ୍ଟା କରୁଛନ୍ତି। ଯେଉଁ ଗ୍ରାହକମାନେ ପୂର୍ବରୁ ପାର୍ସଲ ବୁକ କରିଛନ୍ତି କିନ୍ତୁ ଏବେ ତାହା ଆମେରିକାକୁ ପଠାଯାଇ ପାରିବ ନାହିଁ, ସେମାନେ ପୋଷ୍ଟେଜ ରିଫଣ୍ଡ ପାଇପାରିବେ। ଡାକ ବିଭାଗ ଗ୍ରାହକମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଦୁଃଖ ପ୍ରକାଶ କରିଛୁ। ଶୀଘ୍ର ସମ୍ପୂର୍ଣ୍ଣ ସେବା ପୁନଃସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ସ୍ୱଳ୍ପ ଦରମାରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଡାକ୍ତରଖାନାରେ କାର୍ଯ୍ୟ କରୁଛନ୍ତି ବୋଲି ଅବଗତ କରାଇଥିଲେ। ରାଜ୍ୟ ସରକାର ଏନଏଚଏମ୍ କର୍ମଚାରୀଙ୍କ ସମସ୍ୟା ବିଷୟରେ ସମ୍ପୂର୍ଣ୍ଣ ଅବଗତ ଓ ଏହା ଉପରେ ବିଚାର ଚାଲିଛି। ଖୁବ୍ ଶୀଘ୍ର ସମସ୍ତ କର୍ମଚାରୀଙ୍କ ସ୍ଥାୟୀ ସମାଧାନ କରିବା ପାଇଁ ଆମ



ସରକାର ନୀତିଗତ ନିଷ୍ପତ୍ତି ନେଇ ବ୍ୟବସ୍ଥା କରିବାକୁ ଯାଉଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଥିବା ସମସ୍ୟାକୁ ସରକାର ଗୁରୁତ୍ୱର ସହିତ ସମାଧାନ କରିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପୂର୍ବରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଏ ବିଷୟରେ ଅନେକବାର ଅବଗତ କରାଯାଇଛି। ସେ ମଧ୍ୟ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ଅବଗତ କରାଯାଇଛି ଓ ଖୁବ୍ ଶୀଘ୍ର ସରକାର ଏକ ନୀତିଗତ ନିଷ୍ପତ୍ତି ନେଇ ସମସ୍ତଙ୍କୁ ସ୍ଥାୟୀ କରିବା ବିଷୟରେ ଚିନ୍ତା କରୁଛନ୍ତି। ଦରମା ବୃଦ୍ଧି, ୨୫ ପ୍ରତିଶତ ପ୍ରୋତ୍ସାହନ ରାଶି ଉଚ୍ଛେଦ, ରାଜ୍ୟ ପ୍ରୋତ୍ସାହନ ରାଶି ବୃଦ୍ଧି, ସମସ୍ତଙ୍କୁ ବୀମାଭୁକ୍ତ କରିବା ଆଦି ଦାବି ସମ୍ପର୍କରେ ମାନନୀୟ ସଭାପତି ମନମୋହନ ସାମଲ କହିଲେ ଯେ, ରେଗୁଲାର କଲେ ଏସବୁ ସମସ୍ୟାର ସମାଧାନ ହୋଇଯିବ।

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ସଭାପତି ଅନିରୁଦ୍ଧ ପଣ୍ଡାଙ୍କ ସମେତ ସାଧାରଣ ସମ୍ପାଦକ ଗୋପବନ୍ଧୁ କର, କୋଷାଧକ୍ଷ ଆଶୁତୋଷ ମିଶ୍ର, ସହ ସମ୍ପାଦକ ପ୍ରଦୀପ୍ତ ମଲ୍ଲ ଓ ଅନ୍ୟ ସଦସ୍ୟମାନେ ପ୍ରତିନିଧି ମଣ୍ଡଳୀରେ ସାମିଲ୍ ଥିଲେ। ପ୍ରତିଶ୍ରୁତି ମିଳିବା ପରେ ସାରା ଓଡ଼ିଶାର ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ମଧ୍ୟରେ ଏକ ଖୁସିର ଆଶା ସଞ୍ଚାର ହୋଇଛି।

# ସୋଆ ଏନଏସଏସ ପକ୍ଷରୁ ଗାଜର ଘାସ ନିରାକରଣ ରାଲି



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର ଏନ୍‌ଏସ୍‌ଏସ୍ ପକ୍ଷରୁ ଗାଜର ଘାସ ନିରାକରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଭୁବନେଶ୍ୱର ଉପକଣ୍ଠ କଳିଙ୍ଗନଗର କେ-୧ଠାରେ ସୋମବାର ପୂର୍ବାହ୍ନରେ ଏକ ରାଲି ଆୟୋଜିତ ହୋଇଯାଇଛି।

ଗାଜର ଘାସର ଅପକାରିତାକୁ ଦୃଷ୍ଟିରେ ରଖି ଜାତୀୟ ତୃଣକ ବିଜ୍ଞାନ ଗବେଷଣା କେନ୍ଦ୍ର ଏବଂ ଇଣ୍ଡିଆନ ସୋସାଇଟି ଅଫ୍ ୱିଡ୍ ସାଇନ୍ସ ଆନୁକୁଲ୍ୟରେ ଏ ବିଷୟରେ ପ୍ରତିବର୍ଷ ଅଗଷ୍ଟ ୧୬ ରୁ ୨୨ ପର୍ଯ୍ୟନ୍ତ ସଚେତନତା ସପ୍ତାହ ପାଳନ କରିବାକୁ ନିଷ୍ପତ୍ତି ହୋଇଛି । ଏହି ରାଲିରେ ଶହେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ବିକାଶ ପରିଷଦର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

ଏହି କାର୍ଯ୍ୟକ୍ରମ ଆରମ୍ଭରେ ଆୟୋଜିତ ଏକ ସଭାରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଗାଜର ଘାସର ଅପକାରିତା ବିଷୟରେ ବର୍ଣ୍ଣନା କରିଥିଲେ । ସୋଆ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମର ସଂଯୋଜକ ଡ.କମଳ ଲୋଚନ ମହନ୍ତ, ସ୍ଥାନୀୟ ୱେଲଫେୟାର ଆସୋସିଏସନ୍ ?ର ସମ୍ପାଦକ କ୍ଷେତ୍ରମୋହନ ଧଳ, ଡ. ଦିପ୍ତନୁ ଦତ, ଡ. ମୁକେଶ କୁମାର ପାତ୍ର ଏବଂ ଡ. ନେହା ପ୍ରଧାନ ଏଥିରେ ଅଂଶଗ୍ରହଣ କରିଥିଲେ । ପରେ ପରେ ଶୋଭାଯାତ୍ରା ଓ ରାଲି ଅନୁଷ୍ଠିତ ହେବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରଶ୍ମିପ୍ରଭା ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ ଉତ୍କଳ ସାମ୍ବାଦିକ ସଂଘର ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ପେନସନ୍ ପ୍ରଦାନ ଓ ଅଧିସ୍ୱୀକୃତି କମିଟି ଗଠନ ସହ ଜିଲ୍ଲା ଓ ରାଜ୍ୟ ସ୍ତରରେ ଯୋଗ୍ୟ ସାମ୍ବାଦିକଙ୍କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଭେଟିଛି ଉତ୍କଳ ସାମ୍ବାଦିକ ସଂଘ। ସଂଘ ପକ୍ଷରୁ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଶ୍ରୀ ଶର୍ମାଙ୍କ ସହ ଆଲୋଚନା ଅବସରରେ କହିଥିଲେ ଯେ, ଦେଶର ଅନ୍ୟାନ୍ୟ ଅଠର ଗୋଟି ରାଜ୍ୟ କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନସନ୍ ଦେଉଛନ୍ତି। ସେହିଭଳି ଅନ୍ୟାନ୍ୟ ରାଜ୍ୟରେ ଅଧିସ୍ୱୀକୃତି କମିଟି ମାଧ୍ୟମରେ ଯୋଗ୍ୟ ସାମ୍ବାଦିକଙ୍କୁ ସରକାରୀ ମାନ୍ୟତା ଦିଆଯାଉଥିଲା ବେଳେ ଆମ ରାଜ୍ୟରେ ଅଧିସ୍ୱୀକୃତି କମିଟିକୁ ଦୀର୍ଘ ବର୍ଷ ହେବ ଭାଙ୍ଗି ଦିଆଯାଇଛି। ଫଳତଃ ଯୋଗ୍ୟ ସାମ୍ବାଦିକ ମାନେ ଦୀର୍ଘ ବର୍ଷ ହେବ ଅଧିସ୍ୱୀକୃତି ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ରାଜ୍ୟର ସାମ୍ବାଦିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ରାଜ୍ୟର ଯୋଗ୍ୟ ସାମ୍ବାଦିକଙ୍କୁ ମାନ୍ୟତା ପ୍ରଦାନ କରାଯାଉ ଏବଂ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ସମସ୍ତ ସାମ୍ବାଦିକଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ ହେଉ। ଏହି ଆଲୋଚନା କାଳରେ ଶ୍ରୀ ଶର୍ମା ଦାବି ଗୁଡିକ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କରିବା ସହ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାର ଯତ୍ନଶୀଳ ଅଛନ୍ତି ବୋଲି ସ୍ପଷ୍ଟ କରିଥିଲେ। ଦାବି ସମୂହର ସମାଧାନ ପାଇଁ ସରକାରୀ ସ୍ତରରେ ଆଶୁ




ପଦକ୍ଷେପ ନିଆଯିବ ବୋଲି ସଂଘକୁ ଶ୍ରୀ ଶର୍ମା ଆଶ୍ୱସ୍ତ କରିଛନ୍ତି। ଏହି ଅବସରରେ ସଂଘର ଉପଦେଷ୍ଟା ପବିତ୍ର ମହାରଥା ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା କଲେ ମୁଖ୍ୟଶାସନ ସଚିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା "ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା"ର ସଫଳ କାର୍ଯ୍ୟକାରିତା ସଂପର୍କରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି । ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଉପସ୍ଥିତିରେ ଯୋଜନାର କାର୍ଯ୍ୟାନ୍ୱୟନ ସ୍ଥିତି ଓ ଅଗ୍ରଗତି ସଂପର୍କରେ ବିଶଦ୍ ଆଲୋଚନା କରାଯାଇଥିଲା । ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ ପୂର୍ବକ ଏହି ଯୋଜନାରୁ ଗୋପାଳନ କରୁଥିବା ଚାଷୀ ଏବଂ କୃଷି ଉଦ୍ୟୋଗୀମାନେ କିପରି ଅଧିକ ଲାଭବାନ ହୋଇପାରିବେ, ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିବ, ସେଥିପାଇଁ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଆମ ରାଜ୍ୟରେ କୃଷି ସହିତ ଗୋପାଳନ କୃଷକମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସର୍ବଦା ଗୁରୁତ୍ୱ ବହନ କରୁଛି ।ରାଜ୍ୟରେ ଗୋପାଳନ କ୍ଷେତ୍ରକୁ ଅଗ୍ରାଧିକାର ଦେବା ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ୫ବର୍ଷ ପାଇଁ୧୪୨୩.୪୭ କୋଟି ଟଙ୍କା ବ୍ୟୟ ଆକଳନ ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ଗତବର୍ଷ ସେପ୍ଟେମ୍ବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁଭାରମ୍ଭ କରିଥିଲେ ।ଗତ ୨୦୨୪ ଡିସେମ୍ବର୪ତାରିଖରେ ଏହି ଯୋଜନା ଅନ୍ତର୍ଗତ ଉପ-ଯୋଜନା ଗୁଡିକର କାର୍ଯ୍ୟକାରିତା ଆରମ୍ଭ କରାଯାଇଥିଲା ।ଏହି ଯୋଜନାରେ ଦୈନିକ ଦୁଗ୍ଧ ଉତ୍ପାଦନ୬୫ ଲକ୍ଷ ଲିଟରରୁ୫ବର୍ଷ ମଧ୍ୟରେ ଦୈନିକ ୧୩୦ ଲକ୍ଷ ଲିଟର ଉତ୍ପାଦନ ଲକ୍ଷ୍ୟ ରହିଛି। ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଗୋ ବଂଶକୁ କୃଷକମାନଙ୍କ ଦ୍ୱାରା ଆଦୃତ କରାଇବା, ଗାଈ, ମଇଁଷିମାନଙ୍କୁ ସନ୍ତୁଳିତ ଖାଦ୍ୟ, କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ଗୋପାଳନ କରୁଥିବା ସଂସ୍ଥାମାନଙ୍କୁ ସୁଦୃଢ଼ କରାଯିବା, ପ୍ରାଣୀମାନଙ୍କ ପାଇଁ ବୀମା ଓ ପ୍ରୋତ୍ସାହନ ରାଶି ପ୍ରଦାନ କରି ଆର୍ଥିକ ନିରାପତ୍ତା ସୁବିଧା କରାଗଲେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବା ସହିତ କୃଷକମାନଙ୍କର ଆର୍ଥିକ ବିକାଶ ହୋଇପାରିବ। ଏହି ଯୋଜନାରେ ୩ଟି ଉପଯୋଜନା ରହିଛି ।ଗୋ-ପାଳନ ଯୋଜନା, ମଇଁଷି ଉଦ୍ୟୋଗୀକରଣ ଉନ୍ନୟନ ଯୋଜନା ଏବଂ ବ୍ୟବସାୟିକ ଗୋପାଳନ(ଡାଏରି) ଫାର୍ମିଂନିମନ୍ତେ ଅତିରିକ୍ତ ସବ୍‌ସିଡି ବ୍ୟବସ୍ଥା।ଏହି ଯୋଜନାରେ ବାହାର ରାଜ୍ୟରୁ ଗାଈ ଏବଂ ମଇଁଷି ଅଣାଯାଉଥିବା କ୍ଷେତ୍ରରେ ଯୋଗ୍ୟ ବିବେଚିତଙ୍କ ପାଇଁ ସବସିଡି ବ୍ୟବସ୍ଥା ରହିଛି । ସମୀକ୍ଷାରୁ ଜଣାଯାଇଛି ଯେ, କାମଧେନୁ ଯୋଜନାରେ ୨୦୨୪-୨୫ଆର୍ଥିକବର୍ଷରେଗୋପାଳନ ଉପ-ଯୋଜନାରେ ୨,୫୦୦ ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ୩୫,୪୯୪ଆବେଦନ ହୋଇଥିଲା ଏବଂ ୨୮୯୨ ମଂଜୁର କରାଯାଇଥିବା ସ୍ଥଳେ ସେଥିରୁ ୧୭୨୭ପ୍ରକଳ୍ପସଂପୂର୍ଣ୍ଣ ହୋଇଥିଲା ।ଏବାବଦକୁ ୨୪.୫କୋଟି ଟଙ୍କା ସବ୍‌ସିଡି ପ୍ରଦାନ କରାଯାଇଥିଲା। ସେହିପରି ୨୦୨୫-୨୬ ବର୍ଷରେ୧୦,୦୦୦ ଧାର୍ଯ୍ୟ ଲକ୍ଷ୍ୟ ଥିବାବେଳେ୨୩,୯୨୯ ଆବେଦନ ହୋଇଛି ଓ ସେଥିରୁ ଅଦ୍ୟାବଧି ୫,୩୮୫ମଂଜୁର ହୋଇ୫୯୬ ସଂପୂର୍ଣ୍ଣ ପୂର୍ବକ ୮.୩୬କୋଟିଟଙ୍କା ସବ୍‌ସିଡି ପ୍ରଦାନ କରାଯାଇଛି ଏବଂ ଏହି ପ୍ରକ୍ରିୟା ଜାରି ରହିଛି ।ଧାର୍ଯ୍ୟ ଲକ୍ଷ୍ୟ ଏକସୂଚକାଙ୍କ ହୋଇଥିବା ବେଳେ ଆବେଦନ ସଂଖ୍ୟା ସୀମୀତନୁହେଁ, ଅର୍ଥାତ ସର୍ବାଧିକ ଆବେଦନମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କ ଆବେଦନକୁ ଗ୍ରହଣ କରାଯିବା ନେଇ ବ୍ୟବସ୍ଥା ରହିଛି। କାମଧେନୁ ଯୋଜନାରେ ଅଦ୍ୟାବଧି ୪,୫୩୨ ଗାଈ ପ୍ରଦାନ କରାଯାଇଛି, ଯଦ୍ୱାରା ଓଡ଼ିଶାରେ ଦୈନିକ ଦୁଗ୍ଧ ଉତ୍ପାଦନରେ ଅଧିକ ୪୫,୦୦୦ଲିଟର ଦୁଗ୍ଧ ଉତ୍ପାଦନ ଯୋଗ ହୋଇପାରିଛି। ସେହିପରି ୨୦୨୪-୨୫ ବର୍ଷରେ ମଇଁଷି ଔଦ୍ୟୋଗିକ ବିକାଶ ଯୋଜନାରେ ୫୬୮ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ୮.୧୫କୋଟି ସବ୍‌ସିଡି ପ୍ରଦାନ କରାଯାଇଛି ଏବଂ ୨୦୨୫-୨୬ବର୍ଷରେ ଅଦ୍ୟାବଧି ୭୫ ପ୍ରକଳ୍ପ ମଂଜୁର ହୋଇ ୧.୦୨କୋଟି ଟଙ୍କା ସବ୍‌ସିଡି ପ୍ରଦାନ କରାଯାଇଛି ।ଏହି ଯୋଜନାରେ ୧୨୬୦ ମଇଁଷି ଦିଆଯାଇଛି ଏବଂ ସେମାନେ ଦୈନିକ୧୦,୦୮୦ଲିଟର ଦୁଗ୍ଧ ଉତ୍ପାଦନ ଯୋଗଦାନ ଫଳରେ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କମର୍ସିଆଲ ଡାଏରୀ ଫାର୍ମିଂ ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ୨୦୨୪-୨୫ବର୍ଷରେ ୭୧୬ଆବେଦନ ଗ୍ରହଣ କରାଇବା ବେଳେ୬୨୬ ଆବେଦନକୁ ମଂଜୁର ମିଳିଛି ଏବଂ ୫,୦୦୮ ପ୍ରାଣୀ ପାଳନ କରାଯିବ।୨୦୨୫-୨୬ରେ ଆବେଦନ କରିଥିବା ୨୭୨ରୁ ୧୪୪ ଆବେଦନ ମଂଜୁର ହୋଇ୧୧୫୨ପ୍ରାଣୀ ପାଳନକୁ ମଂଜୁର ମିଳିଛି ।୨ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରିବାକୁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି। ପ୍ରାଣୀମାନଙ୍କୁ କିପରି ସନ୍ତୁଳିତ ପୋଷଣ ମିଳିପାରିବ, ସେଥିପାଇଁ ଗୋଖାଦ୍ୟ-ଉଦ୍ୟୋଗ ସ୍କିମ୍ କାର୍ଯ୍ୟକାରୀ ହୋଇଛି। ୮୫ପ୍ରତିଶତ ହିତାଧିକାରୀ ଗୋ-ଖାଦ୍ୟ ପାଇଁ ଘାସ ଚାଷ କରି ନିଜ ନିଜର ଗୋ-ପାଳନ ପାଇଁ ବ୍ୟବହାର କରୁଛନ୍ତି । ଏଥିରେ ବ୍ୟକ୍ତିଗତ ବା ଗ୍ରୁପ ପିଛା ଏକର ପ୍ରତି ୩୫,୦୦୦ ସବସିଡି ରହିଛି। ଏଥିରେ ଦେୟ ମୁକ୍ତ ମିନି କିଟ୍ ( ମକାଓବରଗୁଡ଼ି ମଞ୍ଜି ) ବଣ୍ଟନ କରାଯାଉଛି ।ମାଈ ବାଛୁରୀ ପାଳନ ଯୋଜନାରେ ୫୦% ସବସିଡି ଗୋଖାଦ୍ୟ ପାଇଁ ଏବଂ ୧୦୦% ବୀମାସବସିଡି ବ୍ୟବସ୍ଥା ରହିଛି। ଏହି ସ୍କିମରେ ୨୦୨୪-୨୫ରେ ୬୨୩ ଘାସ ଚାଷ ଉତ୍ପାଦନ ଆରମ୍ଭ ହୋଇଥିବା ବେଳେ୨୦୨୫-୨୬ରେ ଅଦ୍ୟାବଧି୧୮୫ଘାସ ଉତ୍ପାଦନ ପ୍ରକଳ୍ପ ଆରମ୍ଭ ହୋଇଛି ।ଯୋଜନାର କାର୍ଯ୍ୟକାରୀ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଏହି ଯୋଜନାରୁ ଚାଷୀମାନେ ଯେପରି ଲାଭ ଉଠାଇ ଅଧିକରୁ ଅଧିକ ଉପକୃତ ହୋଇପାରିବେଏବଂ ସେମାନଙ୍କର ଆର୍ଥିକ ସଶକ୍ତିକରଣ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି )ର ବିଶେଷଜ୍ଞଙ୍କ ଦ୍ୱାରା ଯୋଜନା କାର୍ଯ୍ୟକାରିତାର ମୂଲ୍ୟାୟନ ଓ ସେମାନଙ୍କ ଠାରୁ ଆବଶ୍ୟକ ପରାମର୍ଶ ଦେବା ସଂପର୍କରେ ସେ ଗୁରୁତ୍ୱ ଦେଇଥିଲେ ।

# ବେଦାନ୍ତ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ ଜୀବନ ଗଠନରେ ସାହାଯ୍ୟ କରୁଛି

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଗ୍ରାମାଞ୍ଚଳରେ, ପ୍ରାଚୀନ ପରମ୍ପରା ଏବଂ ନିପୁଣ କାରିଗରୀ ଦୀର୍ଘକାଳ ଧରି ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ସମ୍ବଲପୁରୀ ହସ୍ତତନ୍ତର ସ୍ପନ୍ଦନଶୀଳ ଢାଞ୍ଚାଠାରୁ ଟେରାକୋଟା କଳାର ମାଟିର ସୁନ୍ଦରତା ପର୍ଯ୍ୟନ୍ତ, ଏହି ସାଂସ୍କୃତିକ ଅଭିବ୍ୟକ୍ତିଗୁଡ଼ିକ ପିଢ଼ି ପରେ ପିଢ଼ି ଚାଲିଆସିଥିବା ପରିଚୟ ଏବଂ କାହାଣୀଗୁଡ଼ିକୁ ପ୍ରକାଶ କରେ। ତଥାପି, ପରିବର୍ତ୍ତିତ ଆର୍ଥିକ ଭୂଦୃଶ୍ୟ, ଗ୍ରାହକଙ୍କ ରୁଚି ଏବଂ ସମର୍ଥନ ପାଇଁ ସୀମିତ ଉପାୟ ସହିତ, ଅନେକ କାରିଗର ସେମାନଙ୍କର କାରିଗରୀ ପରିତ୍ୟାଗ କରିବାକୁ ବାଧ୍ୟ ହୋଇଥିଲେ, ଯାହା ଏହି ଐତିହ୍ୟ କଳାର ବଂଚିବା ପାଇଁ ବିପଦ ସୃଷ୍ଟି କରିଥିଲା। ବର୍ତ୍ତମାନ, ଏକ ନୀରବ



ପୁନରୁଥାନ ଚାଲିଛି। ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ୟୁନିଟ୍, ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଗୋଟିଏ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀର ବ୍ୟାପକ ସହାୟତା ମାଧ୍ୟମରେ - ମହିଳା କାରିଗରମାନଙ୍କୁ ସେମାନଙ୍କ ମୂଳ ସହିତ ପୁନଃ ସଂଯୋଗ, ଦକ୍ଷତା ବୃଦ୍ଧି ଏବଂ ସଶକ୍ତ ଜୀବନ ଗଠନ କରିବାରେ ସାହାଯ୍ୟ କରୁଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଦୁଇଟି ପ୍ରମୁଖ ପଦକ୍ଷେପ, ଭେଦସୁତା ଏବଂ ଭେଦମୂର୍ତିକା, ମହିଳାମାନଙ୍କୁ ପାରମ୍ପରିକ ଜ୍ଞାନକୁ ସ୍ଥାୟୀ ଜୀବିକାରେ ପରିଣତ କରିବାରେ ସକ୍ଷମ କରୁଛି, ଏବଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରୁଛି। ଭେଦସୁତା ଝାରସୁଗୁଡାର ରଘୁନାଥପାଲି ଗାଁରେ ହସ୍ତତନ୍ତର ତାଳମୟ ଶବ୍ଦକୁ ଫେରାଇ ଆଣିବାରେ ସାହାଯ୍ୟ କରୁଛି। ଏହି ହସ୍ତତନ୍ତ କ୍ଲଷ୍ଟର ବିକାଶ ପଦକ୍ଷେପର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସୂତା ବାନ୍ଧିବା, ପ୍ରାକୃତିକ ଭାବରେ ରଙ୍ଗ ଦେବା ଏବଂ ପାରମ୍ପରିକ ବୟନ ଭଳି ସ୍ୱତନ୍ତ୍ର କୌଶଳରେ ତାଲିମ ଦେଇ ସମ୍ବଲପୁରୀ ବୟନ ପରମ୍ପରାକୁ ପୁନର୍ଜୀବିତ କରିବା। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ, ୨୫ ଜଣ ମହିଳା ହସ୍ତତନ୍ତ ସେଟ୍ ପାଇଛନ୍ତି ଏବଂ ସ୍ଥିର ଆୟ କରୁଛନ୍ତି, ସହିତ ହସ୍ତଶିଳ୍ପରେ ଦକ୍ଷତା ହାସଲ କରିବାରେ ମଧ୍ୟ ତାଲିମ ପାଉଛନ୍ତି।

## ଏସସିବି ମେଡିକାଲରୁ ଡିସଚାର୍ଜ ହେଲେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ

କଟକ, ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ଶ୍ରୀମତୀ ପ୍ରିୟଙ୍କା ମାରାଣ୍ଡି ସୁସ୍ଥ ହେବା ପରେ ଆଜି ତାଙ୍କୁ ଏସସିବି ମେଡିକାଲ କଲେଜ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ସେ ଗତ ୨୦ ତାରିଖରେ ଏସ ସି ବି ର ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିଲେ ଏବଂ ୨୧ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ସଫଳ ହେବା ସହ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ।ଏସ ସି ବି ମେଡିକାଲ କଲେଜ ହସ୍ପିଟାଲର ସର୍ଜରୀ ବିଭାଗର ପ୍ରଫେସର ଡା. ଏଲ. ଭି. ଗୌରୀ ଏହି ଅସ୍ତ୍ରୋପଚାର କରିଥିଲେ।

**OFFICE OF THE NOTIFIED AREA COUNCIL, GUDARI**
(ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ)
DIST. – RAYAGADA, PIN CODE – 765026
e-Mail ID : gudarin.hud@od.gov.in, gudarinac.hud@gmail.com

No. 1152 /2025 Date. 22 /08/2025 C-952

"e" - TENDER NOTICE
Bid Identification No. GUD-NAC-02/2025-26

Bid documents consisting of 01 (One) No. of Civil Work with their Estimated Cost (Work Value) Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

| | | |
|---|---|---|
| 1 | Name of the Work | Civil Works as mentioned in the website. |
| 2 | No of the work | 01 (One) No. |
| 3 | Estimated costs | As mentioned in the DTCN |
| 4 | Periods of the completion | As mentioned against the work in the NIT / DTCN. |
| 5 | Date & Time of Availability of Bid Documents on the Portal | From Dated : 25.08.2025 , 11:30 A.M hrs<br>To Dated : 16.09.2025 , 05:30 P.M hrs |
| 6 | Bids received online to be opened on | Dated 17.09.2025, 11:30 P.M hrs |
| 7 | Name and Address of the Officer inviting the Bid | The Executive Officer, Gudari NAC, Gudari |

*Further details can be seen from the Procurement Portal http://tendersodisha.gov.in.*

OIPR-13184/11/0008/2526

Executive Officer
Gudari NAC

ଭୁବନେଶ୍ୱର
୨୪ ଅଗଷ୍ଟ,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଭୁବନେଶ୍ୱର ପାଇଁ ମେଗା ଡ୍ରେନେଜ୍ ମାଷ୍ଟରପ୍ଲାନ୍: ରୁର୍କୀ ଆଇଆଇଟିର ସର୍ଭେ ଆରମ୍ଭ

**ଭୁବନେଶ୍ୱର, ୨୩/୮ ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱରରେ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ଓ ଷ୍ଟର୍ମ ୱାଟର ମ୍ୟାନେଜ୍‌ମେଣ୍ଟ୍‌କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୦୫୦ ମସିହାକୁ ଆଖିରେ ରଖି ସହରର ବିକାଶ ଅନୁଯାୟୀ ମେଗା ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ସର୍ଭେ କରାଯାଉଛି। ଆଇଆଇଟି ରୁର୍କୀ ଏହି ସର୍ଭେ କାମ କରୁଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। କମିଶନର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରୁର୍କୀ ଆଇଆଇଟିର ପ୍ରଫେସର ଡିଏସ୍ ଆର୍ଯ୍ୟ, ସିଟି ଇଂଜିନିୟର ବିଳାଶ କୁମାର ବେହେରା, ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁଙ୍କ ସମେତ ସ୍ମାର୍ଟ ସିଟି, ବିଡିଏ, ଆଇଏମ୍‌ଡି, ଓସ୍‌ଡମା, ଜଳସମ୍ପଦ ବିଭାଗ, ରାଜସ୍ୱ ବିଭାଗ, ଇଡ୍‌କୋ, ବିଏମ୍‌ସି ସମେତ ଅନ୍ୟାନ୍ୟ ବିଭାଗର ଇଞ୍ଜିନିୟର ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ବୃହତ୍ତର ଭୁବନେଶ୍ୱର କଳେବରକୁ ଦୃଷ୍ଟିରେ ରଖି କରାଯାଉଥିବା ଡ୍ରେନେଜ୍ ମାଷ୍ଟରପ୍ଲାନକୁ କିପରି କାର୍ଯ୍ୟକାରୀ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ରାସ୍ତା ଭିତ୍ତିଭୂମି ସୁଦୃଢ଼ୀକରଣ, ଫ୍ୟାସିଲିଟି ନେଟ୍‌ୱର୍କ, ୟୁଟିଲିଟି ନେଟ୍‌ୱର୍କ, ଜବରଦଖଲ ଓ ଜଳବନ୍ଦି ସମସ୍ୟା ଆଦି ଚିହ୍ନଟ ଉପରେ ଆଲୋଚନା ହୋଇଥିଲା। ଜେଏସ୍ ମ୍ୟାପିଂ ଜରିଆରେ ଏସବୁ ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ଉପଯୋଗ ପାଇଁ ଏହି ତଥ୍ୟକୁ ଭୁବନେଶ୍ୱର-୧ରେ ସିଟିଜେନ ପୋର୍ଟାଲରେ ସାର୍ବଜନୀନ କରାଯିବା ପାଇଁ ମଧ୍ୟ ଆଲୋଚନା ହୋଇଛି। ଯଦ୍ୱାରା ତଥ୍ୟର ବିବିଧ ଉପଯୋଗ ହୋଇପାରିବ ବୋଲି ବିଏମସି କହିଛି। ବିଏମ୍‌ସି ପକ୍ଷରୁ କୁହାଯାଇଛି, ଜନସାଧାରଣଙ୍କର ସମସ୍ତ ପ୍ରକାର ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯିବ। ପ୍ରକଳ୍ପ ରୂପାୟନ ପାଇଁ ଆଇଆଇଟି ରୁର୍କୀ ରୋଡ ମ୍ୟାପ୍ ପ୍ରସ୍ତୁତ କରିଛି।

# ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ସମ୍ପନ୍ନ

**ପୁରୀ ୨୩/୮ ନ୍ୟୁଜ ବ୍ୟୁରୋ**



ଶନିବାର ସପ୍ତପୁରୀ ଅମାବାସ୍ୟା। ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା କୁଶୋତ୍ପାଟିନୀ ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା" ଭାବରେ ପାଳନ କରାଯାଏ । ଓଡ଼ିଶାର ଆରାଧ୍ୟ ଦେବତାଙ୍କୁ କେନ୍ଦ୍ର କରି ବିଭିନ୍ନ ପର୍ବପର୍ବାଣୀ ପାଳିତ ହୁଏ । ଏସବୁ ପାର୍ବଣ ଦିନମାନଙ୍କରେ ସ୍ୱତନ୍ତ୍ର ନୀତି ନିୟମ ଶ୍ରୀମନ୍ଦିରରେ ହୋଇଥାଏ । ଏହି ଅମାବାସ୍ୟା ତିଥିରେ ଓଡ଼ିଆ ଜାତିର ଆରାଧ୍ୟ ଭଗବାନ ଶ୍ରୀଜଗନ୍ନାଥଙ୍କଠାରେ ସପ୍ତପୁରୀ ଭୋଗ ଲାଗିଛି। ଶ୍ରୀଜୀଉଙ୍କର ଏହିଦିନ ବିଶେଷ ପୂଜାନୀତି ଅନୁଷ୍ଠିତ ହେବା ସହ ସେବାୟତଙ୍କ ଦ୍ୱାରା ଏକ ବଡ଼ "ସପ୍ତପୁରୀ" (ସାତପୁରୀ) ପ୍ରସ୍ତୁତ କରାଯାଇ ଠାକୁରଙ୍କ ଠାରେ ଭୋଗଲାଗି ହୋଇଥିଲା। ଏହାକୁ "ସପ୍ତପୁରୀ ତାଡ଼" ମଧ୍ୟ କୁହାଯାଇଥାଏ । ଏହି ଦିନ ଶ୍ରୀ ନୀଳମାଧବଙ୍କ ପାଖରେ ମଧ୍ୟ ଲାଗିଥିଲା ସାତପୁରୀ ପିଠାର ଭୋଗ । ସପ୍ତପୁରୀ ଅମାବାସ୍ୟା ପୂର୍ବଦିନ ଅଠରନଳା ନିକଟରେ ଅବସ୍ଥିତ ଭଗବତୀ ମା' ଆଲାମଚଣ୍ଡୀ ମନ୍ଦିରରୁ ସପ୍ତପୁରୀ ଭୋଗ ପାଇଁ ଆବଶ୍ୟକ ତାଡ ଶ୍ରୀମନ୍ଦିରରେ ପହଞ୍ଚି ଚତୁଃପାର୍ଶ୍ୱ ବୁଲି ତାଡ ଗୁଡିକ ରୋଷ ବେହେରଣରେ ରଖାଯାଇଥିଲା। ଶୁକ୍ରବାର ସନ୍ଧ୍ୟା ଧୂପ ସରିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଏକ ପଟୁଆରରେ ଶ୍ରୀମନ୍ଦିର ବାହାରେ ଥିବା ଦକ୍ଷୀଣକାଳି ମନ୍ଦିରକୁ ଯାଇଥିଲେ। ଶନିବାର ସପ୍ତପୁରୀ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିବା ପରେ ତିନି ବାଡ଼ରେ ବେଶ ହୋଇଥିଲେ। ୬ ମୂର୍ତ୍ତି ଲାଗି ହେବା ପରେ ଗୋପାଳ ବଲ୍ଲଭ ସମ୍ପନ୍ନ ହୋଇଥିଲା। ଏହାପୂର୍ବରୁ ରୋଷ ଘରେ ସପ୍ତପୁରୀ ପ୍ରସ୍ତୁତ ହୋଇଥିଲା। ଭୋଗ ଉପରେ ଶଙ୍ଖ ଚକ୍ର ହଳ ମୂସଳ ଦଡକୀ ପିଠା ଉପରେ ପ୍ରସ୍ତୁତ ହୋଇଥିଲା। ତପ୍ରେ ପାଣି ପଡ଼ି ଟେରା ବନ୍ଧା ହୋଇ ସକାଳ ଧୂପ ସହ ସାତପୁରୀ ଭୋଗ ତାଡ ମଧ୍ୟ ରୋଷରୁ ଘଣ୍ଟ, ଛତ୍ର, କାହାଳୀ ସହ ତଳିଛ, ପ୍ରଧାନୀ ପଟୁଆରରେ ଛାମୁକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରାଇଥିଲେ। ଏହାରି ଭିତରେ ଆଳତୀ ବଢ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ତିନି ବାଡ଼ରେ ବନ୍ଦାପନା କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ବିଶେଷ ପୂଜାନୀତି ସହ ଶନିବାର ମହାପ୍ରଭୁଙ୍କ ବିଜେ ପ୍ରତିମା ଶ୍ରୀନାରାୟଣ ସାଗରରେ ବିଜେ କରିଥିଲେ। ହିନ୍ଦୁଧର୍ମର ପରମ୍ପରାରେ ଅନେକ ପ୍ରକାର ପୂଜାକାର୍ଯ୍ୟରେ କୁଶ (ଏକ ବିଶେଷ ପ୍ରକାରର ଘାସ, ଯାହାର ଉପଯୋଗ କେବଳ ଧାର୍ମିକ କାର୍ଯ୍ୟରେ) କରାଯାଇଥାଏ। ପ୍ରତ୍ୟେକ ଗୃହସ୍ଥ ଏହି ଅମାବାସ୍ୟା ଦିନ କୁଶଗୁଡ଼ିକୁ ସଂଗ୍ରହ କରିଥାନ୍ତି । ସୂର୍ଯ୍ୟ ଉଦୟ ସମୟରେ ଉତ୍ତର କିମ୍ବା ପୂର୍ବାଭିମୁଖୀ ହୋଇ କୁଶ ହାତରୁ ବାହାର କରାଯାଇଥାଏ।

# ସେପ୍ଟେମ୍ବର ୨୮ରେ ଭୁବନେଶ୍ୱରରେ ମେଡିଏସନ କନଫରେନ୍ସ

## ଯୋଗ ଦେଇପାରନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**ଭୁବନେଶ୍ୱର, ୨୩/୦୮ ନ୍ୟୁଜ ବ୍ୟୁରୋ**



ଲମ୍ବା ସମୟ ଧରି ଚାଲିଥିବା ବିଭିନ୍ନ ମାମଲାର ମଧ୍ୟସ୍ଥତା ଜରିଆରେ ସମାଧାନ ପାଇଁ କେନ୍ଦ୍ର ସରକାର ୨୦୨୩ରେ ସ୍ୱତନ୍ତ୍ର ମଧ୍ୟସ୍ଥତା ଆଇନ ଆଣିଥିଲେ । ଏହାକୁ ସ୍ମରଣୀୟ କରିବା ନେଇ ପ୍ରଥମ ମେଡିଏସନ କନଫରେନ୍ସ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମେଡିଏସନ କନଫରେନ୍ସ ଆସନ୍ତା ସେପ୍ଟେମ୍ବର ୨୮ରେ ଓଡ଼ିଶାରେ ଅନୁଷ୍ଠିତ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଭୁବନେଶ୍ୱରରେ ଏହାକୁ ନେଇ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି । ସଚିବସ୍ତରୀୟ ବୈଠକ ବି ହୋଇଛି । ଏହି ସମ୍ମିଳନୀରେ ଦେଶର ସମସ୍ତ ହାଇକୋର୍ଟ ମୁଖ୍ୟ ବିଚାରପତି ଓ ବରିଷ୍ଠ ବିଚାରପତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀରେ ଅନୁଷ୍ଠିତ କନଫରେନ୍ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦାନ କରିଥିଲେ। ତେଣୁ ଓଡ଼ିଶାରେ ହେବାକୁ ଥିବା ଏହି କନଫରେନ୍ସରେ ରାଷ୍ଟ୍ରପତି ଯୋଗ ଦେବା ପାଇଁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି ।

## କ୍ଷତିପୂରଣ ପ୍ରଦାନ ନେଇ ସରକାରଙ୍କୁ ନୋଟିସ୍

# ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ପରେ ୧୨୫ ରୋଗୀଙ୍କ ମୃତ୍ୟୁ

**କଟକ,୨୩/୦୮ ନ୍ୟୁଜ ବ୍ୟୁରୋ**



ଏସ୍‌ସିବିରେ କିଡ୍‌ନୀ ପ୍ରତିରୋପଣ ପରେ ୧୨୫ ରୋଗୀଙ୍କ ମୃତ୍ୟୁ ହେବା ଘଟଣାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । କିଡ୍‌ନୀ ପ୍ରତିରୋପଣ ପରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଯେଉଁମାନଙ୍କ ମୃତ୍ୟୁ ହୋଇଛି ସେମାନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଲାଗି ଗଙ୍ଗାଧର ପାଣିଗ୍ରାହୀ ହାଇକୋର୍ଟରେ ଏହି ମାମଲା ଦାଏର କରିଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପ୍ରାଥମିକ ଶୁଣାଣି କରି କ୍ଷତିପୂରଣ ସଂକ୍ରାନ୍ତରେ ଜବାବ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ ତାରିଖକୁ ଧାର୍ଯ୍ୟ ହୋଇଛି । ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଏସ୍‌ସିବିରେ ୨୦୧୯ ପୂର୍ବରୁ ୧୭୫ଜଣଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ସେଥିରୁ ୧୨୫ଜଣଙ୍କର ଇତିମଧ୍ୟରେ ଦେହାନ୍ତ ହୋଇଯାଇଛି। ପ୍ରତିରୋପଣ ପରବର୍ତ୍ତୀ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଏଭଳି ରୋଗୀମାନେ ମୃତ୍ୟୁବରଣ କରୁଥିବା ସେ ଅଭିଯୋଗ କରିଛନ୍ତି । କିଡ୍‌ନୀ ପ୍ରତିରୋପଣରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇଯାଉଥିବା ପରିବାରକୁ କ୍ଷତିପୂରଣ ପ୍ରଦାନ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମନାଭ ଚୌଧୁରୀ ମାମଲା ପରିଚାଳନା କରୁଛନ୍ତି ।

# 'ରାଜ୍ୟରେ ବୁଲା କୁକୁରଙ୍କ ହେବ ଗଣନା ଓ ବନ୍ଧ୍ୟାକରଣ'

**ଭୁବନେଶ୍ୱର, ୨୩/୦୮ ନ୍ୟୁଜ ବ୍ୟୁରୋ**



କୁକୁରମାନଙ୍କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ସଂଶୋଧିତ ରାୟ ପରେ ମତ୍ସ୍ୟ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ‌ପ୍ରତିକ୍ରିୟା ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କଡାକଡ଼ି ଭାବେ ପାଳନ କରିବ। ବିଭାଗ ପକ୍ଷରୁ ବୁଲା କୁକୁରଙ୍କ ଗଣନା, ବନ୍ଧ୍ୟାକରଣ ଓ ଟିକାକରଣ କରାଯିବ। ବନ୍ଧ୍ୟାକରଣ ପରେ କୁକୁରଙ୍କୁ ଅଣାଯାଇଥିବା ସ୍ଥାନରେ ପୁଣି ଥରେ ଛାଡ଼ି ଦିଆଯିବ। ଯେଉଁମାନେ ହିଂସ୍ର ଓ ଜଳାନ୍ତକ ରୋଗରେ ପୀଡ଼ିତ ଥିବେ ସେମାନଙ୍କୁ ଆଶ୍ରୟସ୍ଥଳୀରେ ନେଇ ରଖାଯିବ। ରାଜ୍ୟରେ ଏବେ ୭ ଲକ୍ଷ ବୁଲା କୁକୁର ଓ ୬୪ ହଜାର ପୋଷା କୁକୁର ଅଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏଣିକି ବୁଲା କୁକୁରଙ୍କୁ ରାସ୍ତା କଡ଼ରେ ଖାଇବାକୁ ନଦେବାକୁ ମ୍ୟୁନିସିପାଲିଟି ସଚେତନ କରିବ। ଏହାସହ ପ୍ରତି ମ୍ୟୁନିସିପାଲିଟି ଅଞ୍ଚଳରେ ମ୍ୟୁନିସିପାଲିଟି କର୍ମଚାରୀ ଚିକେନ୍ ମଟନ୍ ଦୋକାନୀଙ୍କୁ ତଦାରଖ କରିବେ। ବଳକା ମାଂସ ଏଣେ ତେଣେ ନପକାଇବାକୁ ଓ ବୁଲା କୁକୁରଙ୍କୁ ନଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସେଥିପାଇଁ ସର୍ବସାଧାରଣ ସ୍ଥାନରେ ଚିକେଟ୍ ମଟନ୍ ନକାଟି ନିର୍ଦ୍ଦିଷ୍ଟ ସ୍ଥାନରେ କାଟିବେ। ଏନେଇ ବିଭାଗ ପକ୍ଷରୁ ସମସ୍ତ ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସ୍ଥାନରେ କୁକୁରଙ୍କୁ ଖାଇବାକୁ ଦିଆଯିବ। ସାମାଜିକ ସଙ୍ଗଠନ ଓ ଏନଜିଓମାନେ ବୁଲା କୁକୁରଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି।

# ଜାପାନ ପରେ ଚୀନ୍ ଯିବେ ପ୍ରଧାନମନ୍ତ୍ରୀ ମୋଦୀ : ଆସିଲା ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ

**ନୂଆଦିଲ୍ଲୀ, ୨୩/୮**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୯ ଅଗଷ୍ଟରୁ ୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଜାପାନ ଏବଂ ଚୀନ ଗସ୍ତରେ ଯିବେ। ଆମେରିକାର ଅତ୍ୟଧିକ ଟାରିଫ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ୨୯-୩୦ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଜାପାନ ଗସ୍ତ କରିବେ । ଏହା ପରେ ତାଙ୍କ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ୩୧ ଅଗଷ୍ଟରୁ ୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ତିଆନଜିନରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବେ। ଏପରି ପରିସ୍ଥିତିରେ ମୋଦୀଙ୍କ ଚୀନ ଗସ୍ତ କେବଳ ଏସସିଓ ପାଇଁ ନୁହେଁ ବରଂ ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ହେବ। ଭାରତରେ ଚୀନ୍ ରାଷ୍ଟ୍ରଦୂତ ମଧ୍ୟ ଏହା ନିଶ୍ଚିତ କରିଛନ୍ତି । ଚୀନ୍ ରାଷ୍ଟ୍ରଦୂତ ଶୁ ଫେଇହୋଙ୍ଗଙ୍କ ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚୀନ୍ ଗସ୍ତ ଆମ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଏବଂ ବିକାଶକୁ ନୂତନ ଗତି ଦେବ। ଭାରତ ଏବଂ ଚୀନର ଏକ ଗୋଷ୍ଠୀ ଏହି ଗସ୍ତକୁ ସଫଳ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି। ଆମେ ଏହି ଗସ୍ତକୁ ବହୁତ ଗୁରୁତ୍ୱ ଦେଉଛୁ ଏବଂ ଏହା ଅତ୍ୟନ୍ତ ସଫଳ ହେବ ବୋଲି ବିଶ୍ୱାସ କରୁଛୁ ବୋଲି ସେ କହିଛନ୍ତି।

# ରେଳବାଇ ଡିଆରଏମଙ୍କ ମୟୂରଭଞ୍ଜ ଗସ୍ତ : ନୂତନ ରେଳପଥ ନେଇ କଲେ ଅନୁଧ୍ୟାନ



**ବାରିପଦା, ୨୩ /୦୮ ନ୍ୟୁଜ ବ୍ୟୁରୋ**

ଖଡ଼ଗପୁର ସ୍ଥିତ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ ଲଳିତ ମୋହନ ପାଣ୍ଡେ ଶନିବାର ଦିନିକିଆ ମୟୂରଭଞ୍ଜ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ରୁପ୍ସା ଠାରୁ ଆରମ୍ଭ କରି ବାଙ୍ଗିରିପୋଷି ପର୍ଯ୍ୟନ୍ତ ରେଳପଥର ଅନୁଧ୍ୟାନ ସମେତ ବାରିପଦା, ବାଙ୍ଗିରିପୋଷି ରେଳ ଷ୍ଟେସନ ପରିଦର୍ଶନ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାରୁ ଆଗାମୀ ଦିନରେ ଆରମ୍ଭ ହେବାକୁ ଥିବା ଦୁଇ ଗୋଟି ନୂତନ ରେଳପଥ ନିର୍ମାଣ କାର୍ଯ୍ୟ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୁଢ଼ାମରା-ଚାକୁଳିଆ ଏବଂ ବାଙ୍ଗିରିପୋଷି-ଗୋରୁମହିଷାଣି ମଧ୍ୟରେ ନୂତନ ରେଳ ଚଳାଚଳ କରିବ। ଉକ୍ତ ଦୁଇ ଗୋଟି ରେଳ ପ୍ରକଳ୍ପ ନିର୍ମାଣର ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଜମି ଅଧିଗ୍ରହଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି କହିଛନ୍ତି। ଯାହାକୁ ନେଇ ଡିଆରଏମ ଗ୍ରାଉଣ୍ଡରୁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବର୍ତ୍ତମାନର ରେଳ ଲାଇନ ମଧ୍ୟ ନିଜେ ଟ୍ରାଇଲ କରି ଅନୁଧ୍ୟାନ କରିଥିଲେ। ଏଥି ସହିତ ବାରିପଦା ରେଳ ଷ୍ଟେସନ ପରିଦର୍ଶନ କରିଛନ୍ତି। ଅମୃତ ଭାରତ ଯୋଜନାରେ ରେଳ ଷ୍ଟେସନ ଯୋଜନାରେ ଯୋଡି ହୋଇ ୧୭ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ବିଲ୍ଡିଂ ହେବା ସହ ଉନ୍ନତି କରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉକ୍ତ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ସ୍ଥିତି ସମୀକ୍ଷା କରିଛନ୍ତି। ଶେଷ ପର୍ଯ୍ୟାୟରେ ଥିବା ବେଳେ ଏହାର ଲୋକାର୍ପଣ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଆଗକୁ ଦୁଇ ଗୋଟି ନୂତନ ରେଳପଥ ନିର୍ମାଣ ହେବାକୁ ଥିବା ବେଳେ ଜିଲ୍ଲାର ସଦର ମହକୁମା ବାରିପଦା ରେଳ ଷ୍ଟେସନ ଆଗକୁ ଏକ ମୁଖ୍ୟ ରେଳ ଷ୍ଟେସନ ଭାବେ ପରିଚୟ ପାଇବାକୁ ଯାଉଛି। ଆଗକୁ ଆହୁରି ରେଳ ଲାଇନ ହେବାକୁ ଥିବାରୁ ବାରିପଦା ରେଳ ଷ୍ଟେସନର ଆହୁରି ରୂପରେଖ ପରିବର୍ତ୍ତନ କରି ନବକଳେବର କରାଯିବାର ଯୋଜନା ରହିଛି। ରେଳ ଷ୍ଟେସନ ସମ୍ମୁଖରେ ରାଜାରାଜୁଡା ଅମଳର ବାରିପଦାରୁ ପ୍ରଥମ କରି ଚାଲିଥିବା ଟ୍ରେନକୁ ସଜାଇ ରଖାଯାଇଛି। ରେଳ ଷ୍ଟେସନ ସ୍ଥାନୀୟ ଜନସାଧାରଣ ଏବଂ ଯାତ୍ରୀଙ୍କୁ କିପରି ଆକୃଷ୍ଟ କରିବ, ସେନେଇ ଏହାର ସାଜସଜ୍ଜା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥି ସହିତ ଆନୁଷଙ୍ଗିକ ବ୍ୟବସ୍ଥା ଆଦିର ଅନୁଧ୍ୟାନ କରିବା ସହ ରେଳ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ବୈଠକ କରିଛନ୍ତି। ଏହାସହିତ ବାଙ୍ଗିରିପୋଷି ରେଳ ଷ୍ଟେସନର ଆଗକୁ ହେବାକୁ ଥିବା ଉନ୍ନତିକରଣ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଗସ୍ତ ସମୟରେ ବାରିପଦା ରେଳ ଷ୍ଟେସନ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ଗୋକୁଳାନନ୍ଦଙ୍କ ବିୟୋଗରେ ରାଷ୍ଟ୍ରପତିଙ୍କ ଶୋକ ପ୍ରକାଶ



**ଭୁବନେଶ୍ୱର, ୨୩/୮ :ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରି ପ୍ରଫେସରଙ୍କ ଧର୍ମପତ୍ନୀ ଶ୍ରୀମତୀ ନୀନା ଦାସ ମହାନ୍ତିଙ୍କ ନିକଟକୁ ଶୋକବାର୍ତ୍ତା ଦେଇ ଲେଖିଛନ୍ତି ଯେ, 'ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ବିୟୋଗ ବିଷୟରେ ଜାଣି ମୁଁ ଦୁଃଖିତ।

କଟକର ରେଭେନ୍ସା କଲେଜରୁ ଗଣିତରେ ସ୍ୱର୍ଣ୍ଣ ପଦକ



ବିଜେତା ପ୍ରଫେସର ଦାସ ଜଣେ ପ୍ରଭାବଶାଳୀ ଶିକ୍ଷାବିତ୍ ଥିଲେ, ଯିଏ ଉଚ୍ଚଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିଲେ। ବିଦେଶର ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପଦପଦବୀରେ ରହିବା ସହିତ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଧ୍ୟାପନା କରିଥିଲେ। ତାଙ୍କ ବିୟୋଗରେ ଆମେ ଜଣେ ପ୍ରଖ୍ୟାତ ଗଣିତଜ୍ଞଙ୍କୁ ହରାଇଲୁ ଯାହାଙ୍କ ଐତିହ୍ୟ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ।

ଶ୍ରୀମତୀ ମୁର୍ମୁ ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି ଯେ, ଦୟାକରି ମୋର ସମବେଦନା ଗ୍ରହଣ କରନ୍ତୁ ଏବଂ ଆପଣଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଜଣାଇଦିଅନ୍ତୁ। ମୁଁ ସର୍ବଶକ୍ତିମାନଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଆପଣଙ୍କୁ ଏବଂ ଆପଣଙ୍କ ପରିବାରକୁ ଏହି କ୍ଷତି ସହିବା ପାଇଁ ଶକ୍ତି ଦିଅନ୍ତୁ।'

# ଆର୍ଯ୍ୟଭଟ୍ଟରୁ ଗଗନଯାନ... ଭାରତର ଶକ୍ତି ଦେଖିଥିଲା ବିଶ୍ୱ



**ନୂଆଦିଲ୍ଲୀ,୨୩/୦୮**

୨୦୨୩ ମସିହା ଅଗଷ୍ଟ ୨୩ ଭାରତ ପାଇଁ ଐତିହାସିକ ଥିଲା । ପ୍ରତିଟି ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ଦିନ ଥିଲା। ଇତିହାସ ରଚିଥିଲା ଭାରତ। ରେକର୍ଡ ସୃଷ୍ଟି କରିଥିଲା । ସାରା ବିଶ୍ୱ ଦେଖିଥିଲା ଭାରତର ଶକ୍ତି। ଏହି ଦିନ ଭାରତ ଚନ୍ଦ୍ରରେ ଅବତରଣ କରି ଚତୁର୍ଥ ଦେଶ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୩ ଅଗଷ୍ଟକୁ 'ଜାତୀୟ ମହାକାଶ ଦିବସ' ଭାବରେ ଘୋଷଣା କରିଥିଲେ । ଏହା ପରେ ପ୍ରତିବର୍ଷ ୨୩ ଅଗଷ୍ଟକୁ ଭାରତ ଜାତୀୟ ମହାକାଶ ଦିବସ ପାଳନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇସ୍ରୋ ମୁଖ୍ୟ ଭି. ନାରାୟଣନ ଦେଶର ମହାକାଶ ଶକ୍ତି ବିଷୟରେ ଉଲ୍ଲେଖ କରିଛନ୍ତି । ମିଶନ ଗଗନଯାନ ବିଷୟରେ ସୂଚନା ଦେଇଛନ୍ତି । ମହାକାଶ ଦିବସର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦୀ ମହାକାଶ ଦିବସରେ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ, 'ଏଥର ମହାକାଶ ଦିବସର ବିଷୟବସ୍ତୁ 'ଆର୍ଯ୍ୟଭଟ୍ଟରୁ ଗଗନଯାନ'। ଏଥିରେ ଅତୀତର ଆତ୍ମବିଶ୍ୱାସ ସହିତ ଭବିଷ୍ୟତର ସଂକଳ୍ପ ମଧ୍ୟ ରହିଛି । ଆଜି ଆମେ ଦେଖୁଛୁ ଯେ ଏତେ କମ୍ ସମୟ ମଧ୍ୟରେ ଜାତୀୟ ମହାକାଶ ଦିବସ ଆମ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଏବଂ ଆକର୍ଷଣର ଏକ ଅବସର ପାଲଟିଛି । ଏହା ଦେଶ ପାଇଁ ଗର୍ବର ବିଷୟ ।'' ଇସ୍ରୋ ମୁଖ୍ୟ ମିଶନ ଗଗନଯାନ ବିଷୟରେ ଉଲ୍ଲେଖ କରିଛନ୍ତି ଯେ ଜାତୀୟ ମହାକାଶ ଦିବସ ଅବସରରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଅଧ୍ୟକ୍ଷ ଭି ନାରାୟଣନ ଗଗନଯାନ ମିଶନ ଏବଂ ଏଥିପାଇଁ ପ୍ରସ୍ତୁତ ୪ ଜଣ ମହାକାଶଚାରୀଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି , "ଆମର ଗଗନଯାତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍‌ଏସ୍)କୁ ପଠାଇବା ଆମ ପାଇଁ ଏକ ବଡ଼ ସଫଳତା। ଏଥିପାଇଁ ଆମକୁ ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ପଡିବ। ଏହା ତାଙ୍କର ଧାରଣା ଥିଲା ଯେ ଆମର ରକେଟ୍ ସାହାଯ୍ୟରେ ଗଗନଯାତ୍ରୀଙ୍କୁ ମହାକାଶକୁ ପଠାଇବା ପୂର୍ବରୁ, ଆମେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଆଇଏସ୍‌ଏସ୍‌କୁ ପଠାଇବା ଉଚିତ।' ମହାକାଶ ଷ୍ଟେସନର ପ୍ରଥମ ଝଲକ- ଜାତୀୟ ମହାକାଶ ଦିବସ ଅବସରରେ ଇସ୍ରୋ ଭାରତୀୟ ମହାକାଶ ଷ୍ଟେସନର ମଡେଲ ଲୋକଙ୍କୁ ଦେଖାଇଛି । ପ୍ରଥମ ଥର ପାଇଁ ଲୋକମାନେ ମହାକାଶ ଷ୍ଟେସନର ଏକ ଝଲକ ଦେଖିଛନ୍ତି। ଏହାର ପ୍ରଥମ ମଡ୍ୟୁଲ୍ ୨୦୨୮ ସୁଦ୍ଧା ଲଞ୍ଚ ହେବାକୁ ଯାଉଛି, ଯାହା ପାଇଁ ନିରନ୍ତର ପ୍ରସ୍ତୁତି ଚାଲିଛି । ମିଶନ ଗଗନଯାନ ସହିତ ଭାରତୀୟ ମହାକାଶଚାରୀମାନେ ପ୍ରଥମ ଥର ପାଇଁ ନିଜସ୍ୱ ମହାକାଶ ଷ୍ଟେସନରେ ଅବତରଣ କରିବେ । ଏପର୍ଯ୍ୟନ୍ତ କେବଳ ଆମେରିକା ଏବଂ ଚୀନର ମହାକାଶ ଷ୍ଟେସନ ଅଛି ।

# ବର୍ଷ ଶେଷ ସୁଦ୍ଧା ମହାସାଗର ତଳେ ହେବ ଭୟଙ୍କର ଅଗ୍ନି ଉଦ୍‌ଗୀରଣ

## ଦିନକୁ ଅନୁଭୂତ ହେଉଛି ୧୦୦୦ ଝଟ୍‌କା

**ନୂଆଦିଲ୍ଲୀ ୨୩/୦୮**



ଓରେଗନ୍ ତଟରେ ପାଣିତଳେ ସ୍ଥିତ ଆଗ୍ନେୟଗିରି 'ଆକ୍ସିଆଲ ସିମାଉଣ୍ଟ୍'ରେ ପ୍ରତିଦିନ ୧୦୦୦ରୁ ଅଧିକ ଛୋଟ ଝଟ୍‌କା ଅନୁଭୂତ ହେଉଛି । ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି, ଚଳିତ ବର୍ଷ ମହାସାଗର ପୃଷ୍ଠରୁ ୪,୫୦୦ ଫୁଟ ତଳେ ଏକ ବଡ଼ ଧରଣର ଅଗ୍ନି ଉଦ୍‌ଗୀରଣ ହୋଇପାରେ। ପାଣିତଳେ ଥିବା ଆକ୍ସିଆଲ ସିମାଉଣ୍ଟ୍ ଆଗ୍ନେୟଗିରି ମହାସାଗର ତଳୁ ୩,୬୦୦ ଫୁଟରୁ ଅଧିକ ଉଚ୍ଚକୁ ଉଠେ। ତଟରୁ ଏହା ପ୍ରାୟ ୩୦୦ ମାଇଲ ଦୂରରେ ଅବସ୍ଥିତ । ଏହା ଏକ ସବ୍‌ମରିନ୍ ଶିଲ୍‌ଡ ଭୋଲ୍‌କାନୋ । ୧୯୯୮, ୨୦୧୧ ଓ ୨୦୧୫ ମସିହାରେ ଏଥିରୁ ଅଗ୍ନି ଉଦ୍‌ଗୀରଣ ହୋଇଥିଲା। ଓରେଗନ୍ ଷ୍ଟେଟ୍ ୟୁନିଭର୍ସିଟିର ଆଗ୍ନେୟଗିରି ବିଶେଷଜ୍ଞ ବିଲ୍ ଚାଡ୍‌ୱିକ୍ କହିଛନ୍ତି, ବର୍ଷେ ତଳେ, ଆକ୍ସିଆଲ ଶୁପ୍ତ ଜଣାପଡୁଥିଲା । କିନ୍ତୁ ଏବେ ଏହା ଜାଗ୍ରତ ଏବଂ ୨୦୨୫ ଶେଷ ସୁଦ୍ଧା ଏହା ଅଗ୍ନି ଉଦ୍‌ଗିରଣ କରିବ ବୋଲି ଆମର ଆଶଙ୍କା । ଅଗ୍ନି ଉଦ୍‌ଗିରଣ କିଛି ଦିନଠୁ ଆରମ୍ଭ କରି କିଛି ମାସ ପର୍ଯ୍ୟନ୍ତ ଜାରି ରହେ । ଚାଡ୍‌ୱିକ୍ କହିଛନ୍ତି ଯେ, ଆକ୍ସିଆଲ ସିମାଉଣ୍ଟ୍ ଆଗ୍ନେୟଗିରି ଭିତରେ ମାଗ୍‌ମା ସୃଷ୍ଟି ହେଉଥିବାରୁ ବର୍ଷ ଆରମ୍ଭରୁ ଏହା ବେଲୁନ୍ ଭଳି ଫୁଲୁଛି। ପାଣିତଳ ପର୍ବତ ଶୃଙ୍ଖଳା ଜୁଆନ୍ ଡି ଫୁକା ରିଜ୍ ଉପରେ ଆକ୍ସିଆଲ ସିମାଉଣ୍ଟ୍ ଅବସ୍ଥିତ। ଦୁଇ ଟେକ୍ଟୋନିକ୍ ପ୍ଲେଟ୍- ଜୁଆନ ଡି ଫୁକା ପ୍ଲେଟ୍ ଓ ପାସିଫିକ୍ ପ୍ଲେଟ୍ ପରସ୍ପରଠୁ ଅଲଗା ହେଉଥିବା ସ୍ଥାନରେ ଏହି ଶୃଙ୍ଖଳା ସୃଷ୍ଟି ହୋଇଛି। ଆଗ୍ନେୟଗିରି ଚତୁଃପାର୍ଶ୍ୱର୍ ଅଞ୍ଚଳରେ ମଧ୍ୟ ଭୂକମ୍ପ ଗତିବିଧି ଅନୁଭୂତ ହେଉଛି । ଗତ ଜୁନ୍‌ରେ ବୈଜ୍ଞାନିକମାନେ ଏହି ଆଗ୍ନେୟଗିରି ନିକଟରେ ଗୋଟିଏ ଦିନରେ ୨ ହଜାରରୁ ଅଧିକ ଭୂକମ୍ପ ରେକର୍ଡ କରିଥିଲେ ।

ଓରେଗନ୍ ରାଜ୍ୟର କଲେଜ୍ ଅଫ୍ ଆର୍ଥ୍, ଓସନ୍ ଆଟ୍‌ମୋସ୍‌ଫିୟରିକ୍ ସାଇନସେସ୍‌ର ବୈଜ୍ଞାନିକମାନେ ଏକ ବ୍ଲଗ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଯଦିଓ ଆଗ୍ନେୟଗିରିର ପୁନରାବୃତ୍ତି ହାର କମ୍‌ବେଶି ହେଉଛି । କିନ୍ତୁ କେବେ ଅଗ୍ନି ଉଦ୍‌ଗୀରଣ ହେବ, ତାହା ସେମାନେ ସ୍ପଷ୍ଟ କରି ପାରିନାହାନ୍ତି । ଚାଡ୍‌ୱିକ୍ କହିଛନ୍ତି, ମହାସାଗର ପୃଷ୍ଠରେ ଅଗ୍ନି ଉଦ୍‌ଗୀରଣର ପ୍ରଭାବ ଜଣାପଡ଼େ ନାହିଁ। ପାଣିରେ ହାଇଡ୍ରୋଫୋନ୍ ରଖିଲେ, ଏହାର ଗତିବିଧି ଶୁଣିହେବ। କାରଣ ଏଠାରେ ବିଭିନ୍ନ ଗତିବିଧି ଚାଲିଛି । ଅଗ୍ନି ଉଦ୍‌ଗୀରଣ ପୃଥିବୀରେ ସୁନାମି କିମ୍ବା ଭୂକମ୍ପର କାରଣ ହେବ ନାହିଁ । ମହାସାଗରରେ ଏହା ବିପୁଳ ପରିମାଣର ଲାଭା ଉତ୍ପନ୍ନ କରିବ ।